୬ ଆଫଗାନିସ୍ତାନକୁ ୧୭୦ ରନ୍‌ରେ ହରାଇଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା TM
The Sambad Kalika
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
• ବର୍ଷ–୩୩ • ସଂଖ୍ୟା–୧୩୮ • ୧୮ ଜୁନ ୨୦୨୬ ଗୁରୁବାର • ଭୁବନେଶ୍ୱର • Vol -33 • Issue-138 • 18th June 2026, Thursday • Bhubaneswar
RNI Regd.No. : 52640/94 Postal Regd.No. : BN-60/25-27




## ମୋଦୀ-ଟ୍ରମ୍ପ ଦ୍ୱିପାକ୍ଷିକ ଆଲୋଚନା

# ଭାରତୀୟ ନାବିକଙ୍କ ଉପରେ ଆକ୍ରମଣ ପ୍ରସଙ୍ଗ ଉଠାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୭।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦ୍ୱିପାକ୍ଷିକ ବୈଠକରେ ଆଲୋଚନା କରିଛନ୍ତି। ଏହି ବହୁ ପ୍ରତୀକ୍ଷିତ ସାକ୍ଷାତ ସମୟରେ ଦୁଇ ନେତା ଉଭୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କଥାବାର୍ତ୍ତା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି-୭ ଶିଖର ସମ୍ମିଳନୀ ଅବସରରେ ହର୍ମୁଜ୍ ପ୍ରଣାଳୀ ଅବରୋଧ ଏବଂ ଭାରତୀୟ ନାବିକଙ୍କ ଉପରେ ଆକ୍ରମଣ ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି ଯେ ହର୍ମୁଜ୍ ପ୍ରଣାଳୀକୁ ଖୋଲା ରଖିବା ବିଶ୍ୱ ଅର୍ଥନୀତି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥି ସହିତ ସେ କହିଛନ୍ତି, ଭାରତୀୟ ନାବିକଙ୍କ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଶା କରୁଛୁ ଯେ ଇରାନ ସହିତ ଯେକୌଣସି ଶାନ୍ତି ଚୁକ୍ତିରେ ନାବିକଙ୍କ ସୁରକ୍ଷାକୁ ନିଶ୍ଚିତ ଭାବରେ ପ୍ରାଥମିକତା ଦିଆଯିବ।

ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆମେରିକା ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଦୃଶ୍ୟମାନ ଭାବରେ



ଶାନ୍ତ କିନ୍ତୁ ଆଲୋଚନାରେ ବହୁତ କଠୋର। ଆମେ ଖୁବ୍ ଶୀଘ୍ର ଭାରତ ସହିତ ଏକ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ କରିବୁ। ମୁଁ ଭବିଷ୍ୟତରେ କେବେ ଭାରତ ମଧ ଗସ୍ତ କରିବି। ମୋର ଭାରତ ପ୍ରତି ବହୁତ ସମ୍ମାନ ଅଛି।

ଫ୍ରାନ୍ସରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀ ଅବସରରେ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାରା ବିଶ୍ୱର ନଜର ରହିଥିବା ଏହି ହାଇ-ପ୍ରୋଫାଇଲ୍ ବୈଠକରେ ଉଭୟ ନେତା ବାଣିଜ୍ୟ, ପ୍ରତିରକ୍ଷା ସହଯୋଗ ଏବଂ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରର ସୁରକ୍ଷା ଉପରେ ବ୍ୟାପକ ଆଲୋଚନା କରିଛନ୍ତି। ଏହି ବୈଠକର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ଦିଗ ଥିଲା ସମୁଦ୍ର ମାର୍ଗରେ କାର୍ଯ୍ୟ କରୁଥିବା ଭାରତୀୟ ନାବିକଙ୍କ ସୁରକ୍ଷା। ବିଶ୍ୱର ବିଭିନ୍ନ ସାମୁଦ୍ରିକ ପଥରେ ଗମନାଗମନ କରୁଥିବା ଲକ୍ଷ ଲକ୍ଷ ଭାରତୀୟ ନାବିକଙ୍କ ଜୀବନର ସୁରକ୍ଷା ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କ ସମ୍ମୁଖରେ ଦୃଢ଼ ଭାବେ ଉପସ୍ଥାପନ କରିଛନ୍ତି। ନିକଟରେ ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ସାମରିକ ଉତ୍ତେଜନା ମଧ୍ୟରେ ଭାରତୀୟଙ୍କ ସୁରକ୍ଷାକୁ ନେଇ ପ୍ରଧାନମନ୍ତ୍ରୀ ଏହି ଚିନ୍ତାବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଭାରତର ଏହି ଦାବିକୁ ଗ୍ରହଣ କରିବା ସହ ଅନ୍ତର୍ଜାତୀୟ ସାମୁଦ୍ରିକ ସୁରକ୍ଷା ନିଶ୍ଚିତ କରିବା ଦିଗରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ବୈଠକରେ ଭାରତକୁ ସମସ୍ତ ସୁରକ୍ଷା ପ୍ରସଙ୍ଗରେ ସହଯୋଗର ନିର୍ଭର ପ୍ରତିଶ୍ରୁତି ଦେଇ ଟ୍ରମ୍ପ କହିଛନ୍ତି, ଯଦି ଭାରତ ଉପରେ କେହି ଆକ୍ରମଣ କରେ ତେବେ ୱାଶିଂଟନ ସର୍ବଦା ଭାରତ ସହିତ ଛିଡ଼ା ହେବ। ଭାରତ ପ୍ରତି ତାଙ୍କର ସମର୍ଥନକୁ ଦୋହରାଇ ସେ କହିଛନ୍ତି ଯେ ତାଙ୍କ ଶାସନ ସମୟରେ ୱାଶିଂଟନ ଭାରତର ଏକ ଶକ୍ତିଶାଳୀ ସହଯୋଗୀ ଭାବେ *(ପୃଷ୍ଠା ୭ରେ)*

## ପାଠ୍ୟପୁସ୍ତକ ତ୍ରୁଟି ଉପରେ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ

# ଡିସିଙ୍କ ଅଧ୍ୟକ୍ଷତାରେ ଗଠନ ହେଲା ୩ ଜଣିଆ ଉଚ୍ଚସ୍ତରୀୟ କମିଟି

**ଭୁବନେଶ୍ୱର, ୧୭।୬ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ପାଠ୍ୟପୁସ୍ତକରେ ପରିଲକ୍ଷିତ ହୋଇଥିବା ତ୍ରୁଟିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବୁଧବାର ଲୋକସେବା ଭବନ ଠାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟମନ୍ତ୍ରୀ ଏହି ତ୍ରୁଟି ସୁଧାରିବା ନେଇ ବରିଷ୍ଠ ଅଧିକାରୀମାନଙ୍କ ସହ ବିଚାରବିମର୍ଶ କରିଛନ୍ତି।

ଆଭାସୀ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଏହି ତ୍ରୁଟି ସୁଧାରିବା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ତିନି ଜଣିଆ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି ତ୍ରୁଟି ପାଇଁ କେଉଁ ଅଧିକାରୀ/ସଂସ୍ଥା ଦାୟୀ ତାହା ନିର୍ଣ୍ଣୟ କରିବା ପାଇଁ ବୈଠକରେ ମୁଖମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

୭ ଦିନ ମଧ୍ୟରେ ଏହି କମିଟି ରିପୋର୍ଟ ଦାଖଲ କରିବେ ଏବଂ କମିଟିର ରିପୋର୍ଟ ଆଧାରରେ ଦାୟୀ ଅଧିକାରୀ/ସଂସ୍ଥା ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ।



# ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ନବୀନ

**ଭୁବନେଶ୍ୱର, ୧୭।୬**
**ନ୍ୟୁଜ୍ ବ୍ୟୁରୋ**

ପ୍ରଥମରୁ ଅଷ୍ଟମ ଶ୍ରେଣୀ ଓଡ଼ିଆ ପାଠ୍ୟପୁସ୍ତକରେ ତ୍ରୁଟି ବାହାରିଥିବା ପ୍ରସଙ୍ଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ପୋଷ୍ଟରେ ନବୀନ ଲେଖିଛନ୍ତି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଓଡ଼ିଆ ପାଠ୍ୟପୁସ୍ତକରେ ଶହ ଶହ ତ୍ରୁଟି ବାହାରିବା ବିଜେପି ସରକାରର ଅତ୍ୟନ୍ତ ଦାୟିତ୍ୱହୀନ ତଥା ଖାମଖିଆଲି ମନୋଭାବକୁ ଦର୍ଶାଉଛି।

ପିଲାମାନଙ୍କୁ ଏ ସରକାର ଠିକ ସମୟରେ ପାଠ୍ୟପୁସ୍ତକ ଯୋଗାଇ ପାରୁନଥିବା ବେଳେ, ମିଳିଥିବା ପାଠ୍ୟପୁସ୍ତକରେ ବି ଅନେକ ତ୍ରୁଟି ବାହାରିବା ପିଲାଙ୍କ ପାଠପଢ଼ା ଆଶାକୁ ଭାଙ୍ଗି ଦେଇଛି। ଶିକ୍ଷା ହେଉଛି ଜୀବନର ମେରୁଦଣ୍ଡ, ଶିକ୍ଷା ଫିଟାଇଥାଏ ସମୃଦ୍ଧିର ବାଟ। ହେଲେ ବିଜେପି ସରକାରରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ବିଜେପି ସରକାର ପିଲାଙ୍କ ଭବିଷ୍ୟତ ଏମିତି ଗଢ଼ିବାକୁ ଚାହୁଁଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ମହାପୁରୁଷଙ୍କ ନାମକୁ କଦର୍ଥ କରିବା, ଗଞ୍ଜାମ ବଦଳରେ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ରାଜ୍ୟର ୪ ଲକ୍ଷ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ।
- ଶୀତଳଷଷ୍ଠୀ ପାଇଁ ୨୦ରେ ସମ୍ବଲପୁରରେ ସରକାରୀ ଛୁଟି।
- ପିଏମ୍ ସ୍ୱନିଧି ଯୋଜନା- ଷ୍ଟାମ୍ପ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ କଲେ ରାଜ୍ୟ ସରକାର।
- ଗୁଜରାଟର ଭଦୋଦରାରେ ବସ୍ ଓଲଟି ୬ ଜଣଙ୍କର ମୃତ୍ୟୁ, ୩୧ ଆହତ।
- ସମ୍ମାନ ଏବଂ ସ୍ୱୀକୃତି ଜଣେ ବ୍ୟକ୍ତିଙ୍କୁ ମୂଲ୍ୟବାନ, ଗର୍ବିତ ଏବଂ ଶାନ୍ତି ଅନୁଭବ କରାଇଥାଏ: ପ୍ରଧାନମନ୍ତ୍ରୀ।
- ଛତିଶଗଡ଼ର କୋରିଆରେ ବିଜେପି ଜିଲ୍ଲା ପଞ୍ଚାୟତ ଉପାଧ୍ୟକ୍ଷଙ୍କୁ କାର ଭିତରେ ଜୀବନ୍ତ ଜାଳିଦେଲେ , ୨ ମୃତ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୧୧୦ (-୨୭)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୮୫୦ (-୨୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୩୩୨ (-୨୧)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୬୫ (+୦)

# ସଚିବସ୍ତରୀୟ ବୈଠକରେ ଅଧିକ ଦକ୍ଷ, ସ୍ୱଚ୍ଛ ଓ ଜନକୈନ୍ଦ୍ରିକ ପ୍ରଶାସନ ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର, ୧୭।୬**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବୁଧବାର ଦିନ ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକରେ ସୁଶାସନ ଓ ଫଳାଫଳ ଭିତ୍ତିକ ପ୍ରଶାସନକୁ ଆହୁରି ସୁଦୃଢ଼ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମୀକ୍ଷା କରିଛନ୍ତି । ବିଭିନ୍ନ ସରକାରୀ ଯୋଜନା *(ପୃଷ୍ଠା ୭ରେ)*



# ସାଇବର ଅପରାଧୀମାନେ ହେଉଛନ୍ତି ସମାଜର 'ପରଜୀବୀ', ସେମାନଙ୍କୁ ଜେଲ୍ ଭିତରେ ରଖିବା ଜରୁରୀ

**ନୂଆଦିଲ୍ଲୀ, ୧୭।୬**

ଦେଶରେ ଦ୍ରୁତ ଗତିରେ ବଢୁଥିବା ସାଇବର ଜାଲିଆତିକୁ ନେଇ ସୁପ୍ରିମ୍‌କୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏକ ସାଇବର ନିବେଶ ଠକେଇ ମାମଲାରେ ସଂପୃକ୍ତ ଅଭିଯୁକ୍ତର ଜାମିନ ଆବେଦନକୁ ସମ୍ପୂର୍ଣ୍ଣ ରୂପେ ଖାରଜ କରିବା ସହ ସାଇବର ଅପରାଧୀମାନେ ହେଉଛନ୍ତି ସମାଜର 'ପରଜୀବୀ' ଏବଂ ସେମାନଙ୍କୁ ଜେଲ୍ କୋଠରୀ ଭିତରେ ରଖିବା ଦ୍ୱାରା ହିଁ ସମାଜର



ସର୍ବୋତ୍ତମ ହିତ ସାଧନ ହୋଇପାରିବ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଏକ ଖଣ୍ଡପୀଠ ମୌଖିକ ଭାବେ କଠୋର ଟିପ୍ପଣୀ ଦେଇଛନ୍ତି।

ପ୍ରଧାନ ବିଚାରପତି କହିଛନ୍ତି ଯେ ଏହି ଅପରାଧୀମାନେ ନିରୀହ ନାଗରିକଙ୍କୁ ଲୁଟ୍ କରୁଛନ୍ତି ଏବଂ ଏମାନଙ୍କ କାର୍ଯ୍ୟକଳାପ ସମଗ୍ର ଭାରତରେ ବ୍ୟାପିଛି। ତେଣୁ ସାଇବର ଅପରାଧୀଙ୍କ ବିରୋଧରେ ଆଇନକୁ ଆହୁରି ଅଧିକ କଠୋର କରିବାର ଆବଶ୍ୟକତା ରହିଛି। ସର୍ବୋଚ୍ଚ ଅଦାଲତରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ, କେବଳ ଗତ ବର୍ଷ ଶେଷ ସୁଦ୍ଧା ଡିଜିଟାଲ ଜାଲିଆତି ଯୋଗୁଁ ଭାରତୀୟମାନେ ୩,୦୦୦ *(ପୃଷ୍ଠା ୭ରେ)*

# ଖୁବ୍‌ଶୀଘ୍ର କେନ୍ଦ୍ର ମନ୍ତ୍ରିମଣ୍ଡଳ ଅଦଳବଦଳ !

**ନୂଆଦିଲ୍ଲୀ, ୧୭।୬**

କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଜନା କରୁଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। କିଛିଦିନ ହେବ ବିଜେପି ସାଂଗଠନିକ ସ୍ତରରେ ପରିବର୍ତ୍ତନ ଓ ରାଜ୍ୟସଭା ଆସନ ନିମନ୍ତେ ନାମାଙ୍କନପତ୍ର ଦାଖଲ ଏହି ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି।

ବର୍ତ୍ତମାନ କେନ୍ଦ୍ର ମନ୍ତ୍ରୀ ଥିବା ଦୁଇ ଜଣଙ୍କୁ ପୁନର୍ବାର ରାଜ୍ୟସଭା ନିର୍ବାଚନ ନିମନ୍ତେ ପ୍ରାର୍ଥୀ କରାଯାଇନାହିଁ। ଫଳରେ ସେମାନଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଥାଉ କି ମୋଦୀ ସରକାରରେ ପ୍ରତିଥର ଦୁଇ ବର୍ଷ କାର୍ଯ୍ୟକାଳ ଶେଷ କରିବା ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ ହୋଇଥିବା ନଜିର ରହିଛି। ମନ୍ତ୍ରିମଣ୍ଡଳରେ ଅଧିକ ସଂଖ୍ୟକ ମହିଳା, ସହଯୋଗୀ ଦଳ ଓ ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜ୍ୟର ନେତାଙ୍କୁ ସାମିଲ କରାଯିବା ଲକ୍ଷ୍ୟରେ ଏହି ଅଦଳବଦଳ କରାଯାଇଥାଏ। ଗତ *(ପୃଷ୍ଠା ୭ରେ)*

## ହାଇକୋର୍ଟରେ ପହଞ୍ଚିଲା ସରପଞ୍ଚ ଚାମେଲି ଓଝା ମାମଲା

# ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ନିବେଦନ

**କଟକ, ୧୭।୬ : ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅଧୀନ ତିଖିରି ସରପଞ୍ଚ ଚାମେଲି ଓଝାଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ ଓ ଥାନାରେ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ ବୋଲି ଦର୍ଶାଯାଇଛି। ଏହି ଜନସ୍ୱାର୍ଥ ମାମଲାରେ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୁଲିସ ଡ଼ିଜି, କେନ୍ଦ୍ରାପଡ଼ା ଏସପି ଓ ଆଇଆଇସି, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ଏହା ପୂର୍ବରୁ ସରପଞ୍ଚ ଚାମେଲି ଓଝା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଚିଠି ଲେଖିଛନ୍ତି। ଦୁର୍ବ୍ୟବହାର ଓ ତାଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଓଡ଼ିଆରେ ସେ ଏହି ଚିଠି ଲେଖିଛନ୍ତି। ତ୍ୱରିତ ହସ୍ତକ୍ଷେପ ଓ ନ୍ୟାୟ ଦାବି କରିଛନ୍ତି। ପୂର୍ବରୁ ହସ୍ତକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି *(ପୃଷ୍ଠା ୭ରେ)*

# ୨୮ରେ ଓଟିଇଟି ପରୀକ୍ଷା

**କଟକ, ୧୭।୬ : ନ୍ୟୁଜ୍ ବ୍ୟୁରୋ**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଆହ୍ୱାନ କରାଯାଇଥିବା ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୬ ଆସନ୍ତା ୨୮ ତାରିଖରେ ଅନୁଷ୍ଠିତ ହେବ। ଇନସର୍ଭିସ୍ ଶିକ୍ଷକ ଏବଂ ନୂଆ ପ୍ରାର୍ଥୀ ମିଶି ମୋଟ ୯୭ ହଜାର ୧୫୧ ଜଣ ପ୍ରାର୍ଥୀ ଏହି ପରୀକ୍ଷା ପାଇଁ ଆବେଦନ କରିଛନ୍ତି । ଏଥିରେ ୮୪ ହଜାର ୬୨୫ ରେଗୁଲାର ଓ ୧୩ ହଜାର ୫୮୪ ଜଣ ଇନସର୍ଭିସ୍ ସର୍ଭିସ ଶିକ୍ଷକ ରହିଛନ୍ତି। ଆବେଦନକାରୀ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଗୋଟେ ଜୋଡେ ନୁହେଁ ଜନେ
ଭୂଲ ବାରଶ ହଜାରେ
ଦୋଷୀଗୁଡାଙ୍କୁ କମିଟି କେମିତି
ଟର୍ଚ୍ଚ ଲଗେଇ ଖୋଜରେ
ବିରୋଧୀ ହସନ୍ତି ମଜାରେ
ପାଠ ବହିଗୁଡା ଏମିତିକା ହେଲେ
ପିଲାଏ ବୁଲିବେ ବଜାରେ।

# ସାରା ଦେଶରେ ୪୦ ପ୍ରତିଶତ ବର୍ଷା ନିଅଣ୍ଟ



**ନୂଆଦିଲ୍ଲୀ, ୧୭।୬**

ମୌସୁମୀ ଆସିଲା ଆସିଲା ବୋଲି ସବୁଆଡ଼େ ହୁରି ପଡ଼ିଥିବା ବେଳେ ଆକାଶରେ ମେଘ ନାହିଁ। ଦେଶର ଅନେକ ଅଞ୍ଚଳରେ ଏବେ ବି ଗ୍ରୀଷ୍ମ ଯନ୍ତ୍ରଣା ଜାରି ରହିଛି। ଏହି ପରିସ୍ଥିତିରେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ସର୍ବଶେଷ ତଥ୍ୟ ଅନୁଯାୟୀ, ଉପଗ୍ରହ ଚିତ୍ରରୁ କେନ୍ଦ୍ରୀୟ ଓ ପଶ୍ଚିମ ଭାରତର ବିସ୍ତୃତ ଅଞ୍ଚଳର ଆକାଶ ମେଘମୁକ୍ତ ଥିବା ଜଣାପଡ଼ିଛି, ଯାହା ଜାତୀୟ ବୃଷ୍ଟିପାତ ନିଅଣ୍ଟ ୪୦ ପ୍ରତିଶତକୁ ବୃଦ୍ଧି କରିଛି।

ଜୁନ୍ ୧୭ରେ ଉତ୍ତୋଳିତ ଏକ ସକାଳର ଇନସାଟ୍-୩ଡିଏସ୍ ଉପଗ୍ରହ ଚିତ୍ର ବ୍ୟାପକ ଚିନ୍ତା ସୃଷ୍ଟି କରିଛି। ମହାରାଷ୍ଟ୍ର, ଗୁଜରାଟ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଆଭ୍ୟନ୍ତରୀଣ କର୍ଣ୍ଣାଟକର ଅଧିକାଂଶ ଅଂଶ ପ୍ରାୟ ମେଘହୀନ ଦେଖାଯାଉଛି, ଯାହା ଦେଶର ମୁଖ୍ୟ ବର୍ଷା-ନିର୍ଭରଶୀଳ କୃଷି ଅଞ୍ଚଳରେ ମୌସୁମୀ କାର୍ଯ୍ୟକଳାପର ଉଲ୍ଲେଖନୀୟ ଦୁର୍ବଳତାକୁ ସୂଚାଉଛି।

ଜୁନ୍ ୪ରୁ ୧୭ ମଧ୍ୟରେ ଆଇଏମଡିର ସର୍ବଶେଷ ରାଜ୍ୟୱାରୀ ବୃଷ୍ଟିପାତ ମାନଚିତ୍ର ଦର୍ଶାଉଛି ଯେ, ଭାରତରେ ସ୍ୱାଭାବିକ ୬୫.୯ ମିଲିମିଟର ତୁଳନାରେ ମାତ୍ର ୩୯.୭ ମିଲିମିଟର ବର୍ଷା ହୋଇଛି, ଅର୍ଥାତ୍ ଦେଶରେ ୪୦ ପ୍ରତିଶତ ବର୍ଷା ନିଅଣ୍ଟ ରହିଛି। ଅନେକ ପ୍ରମୁଖ ରାଜ୍ୟ ଗୁରୁତର ବର୍ଷା ଅଭାବର *(ପୃଷ୍ଠା ୭ରେ)*







# ‘ଆତ୍ମନିର୍ଭର ଭାରତ-୨୦୪୭’ ସାକାର କରିବାରେ ସହାୟକ ହେବ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା : ମନ୍ତ୍ରୀ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ରାଜ୍ୟର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ସମସ୍ତଙ୍କୁ ସାମିଲ କରାଯାଇ ସେମାନଙ୍କର ମୁଣ୍ଡପିଛା ୫ କିଲୋଗ୍ରାମ ଅତିରିକ୍ତ ଚାଉଳ ଦିଆଯିବ । ଚାଉଳର ପରିମାଣ ୫ କିଲୋଗ୍ରାମରୁ ୧୦ କିଲୋଗ୍ରାମକୁ ବୃଦ୍ଧି କରାଯାଇଛି। ମାଗଣାରେ ମୁଣ୍ଡ ପିଛା ୧୦ କେଜି ଚାଉଳ ଦିଆଯିବ ଏବଂ ଏହି ଯୋଜନା ଏହି ବର୍ଷ ଏପ୍ରିଲରୁ ଲାଗୁ ହେବ । ଏହି ଅବସରରେ ମାନନୀୟ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ସୁବର୍ଣ୍ଣପୁରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ କରିଥିଲେ। ସୁବର୍ଣ୍ଣପୁରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ୧,୫୬,୬୦୫ ଜଣ କାର୍ଡଧାରୀ ଏହାର ଲାଭ ପାଇପାରିବେ। ମୋଟ ୫ ଲକ୍ଷ ୨ ଶହ ୮୯ ଜଣ ସଦସ୍ୟ ଏହା ଦ୍ୱାରା ଉପକୃତ ହେବେ। ଟାଉନ ହଲ୍‌ରେ ୧୦ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର କାର୍ଡ ପ୍ରଦାନ କରାଯାଇଥିଲା। ସୁବର୍ଣ୍ଣପୁରରେ ଏହି ଅବସରରେ ମହିଳା ଓ ଶିଶୁ ବିକାଶ ବିଭାଗର ‘ପୋଷଣ ଯୋଜନା’ ଅଧୀନରେ ୧୦ ଜଣ ଅଙ୍ଗନବାଡ଼ି ଦିଦିଙ୍କୁ ସ୍ମାର୍ଟଫୋନ ବଣ୍ଟନ କରାଯାଇଥିଲା। ଜିଲ୍ଲାରେ ୧୬୧୯ ଜଣ ଅଙ୍ଗନବାଡ଼ି କର୍ମୀ, ବ୍ଲକ ସୁପରଭାଇଜର ଓ ବ୍ଲକ ପୋଷଣ ସଂଯୋଜକଙ୍କୁ ସ୍ମାର୍ଟଫୋନ ପ୍ରଦାନ କରାଯିବ। ମାନନୀୟ ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ, ଆମେ ବିଗତ ବର୍ଷଗୁଡ଼ିକରେ ଦରିଦ୍ରତା ଦେଖିଛୁ, ଆମେ ଶିଶୁ ବିକ୍ରି ଦେଖିଛୁ, ଆମେ ଅପପୁଷ୍ଟି ଦେଖିଛୁ; ହେଲେ ବର୍ତ୍ତମାନର ସରକାର ସେସବୁକୁ ଏକ ପୂର୍ଣ୍ଣଚ୍ଛେଦ ଦେବ। ଏହି ସମସ୍ତ ପଦକ୍ଷେପ କେନ୍ଦ୍ର ସରକାରଙ୍କ ସ୍ୱପ୍ନ ‘ଆତ୍ମନିର୍ଭର ଭାରତ-୨୦୪୭’ ସାକାର କରିବାରେ



ସହାୟକ ହେବ। ଏହି ଅବସରରେ ଖୋର୍ଦ୍ଧାରୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ଅନ୍ନପୂର୍ଣ୍ଣା ଯୋଜନା ଏକ ସାମାଜିକ ନିବେଶ। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ସମୃଦ୍ଧ ଚାଷୀ ଓ ବିକଶିତ ପରିବାର। ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ଓଡ଼ିଶାର କେହି ଭୋକିଲା ଶୋଇବେ ନାହିଁ ଏବଂ କୌଣସି ଶିଶୁ ଅପପୁଷ୍ଟିର ଶିକାର ହେବେ ନାହିଁ। ଏହି ଅବସରରେ ମାନନୀୟ ବୀରମହାରାଜପୁର ବିଧାୟକ ଶ୍ରୀ ରଘୁନାଥ ଜଗଦଲା, ସାମାଜିକ କର୍ମୀ ବେଣୁଧର ଦାସ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଲୀନା ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର ଏବଂ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବିଭୁ ନିରଦ ଦାସ ଉପସ୍ଥିତ ଥିଲେ। ପରିଶେଷରେ ମାନନୀୟ ମନ୍ତ୍ରୀ ସମସ୍ତଙ୍କୁ ରଜର ଶୁଭେଚ୍ଛା ଜଣାଇଥିଲେ।

# ଛାତ୍ରଛାତ୍ରୀଙ୍କୁ ତୁରନ୍ତ ପ୍ରମାଣପତ୍ର ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**କେନ୍ଦ୍ରାପଡା ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲ୍‌ଦାର, ଅତିରିକ୍ତ ତହସିଲଦାର ଓ ରାଜସ୍ୱ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ଖଣି ଖାଦାନ, ଚୋରା ବାଲି, ମାଟି ଇତ୍ୟାଦିକୁ ଜବତ କରିବା ସହ ଚୋରା ଚାଲାଣ ହେଉଥିବା ବାଲିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଉକ୍ତ ବୈଠକରେ ଆଲୋଚନା କରାଯାଇଛି। ଏଥିସହିତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କାରବାର ହେଉଥିବା ଚୋରାମଦକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଉକ୍ତ ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଜସ୍ୱ ଆଦାୟ, ଭୂମିହୀନଙ୍କୁ ଜମି ପଟ୍ଟା ବଣ୍ଟନ, ସ୍କୁଲ୍ ଛାତ୍ର ଛାତ୍ରୀଙ୍କର ଆବେଦନ କରାଯାଉଥିବା ପ୍ରମାଣପତ୍ରକୁ ତୁରନ୍ତ ପ୍ରଦାନ କରିବା ସହିତ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ କରିବା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା।



# କପା ଚାଷର ଅଭିବୃଦ୍ଧି ନେଇ କିଷାନ୍ କଂଗ୍ରେସ ପକ୍ଷରୁ ରାଜ୍ୟ ସ୍ତରୀୟ ଆଲୋଚନାଚକ୍ର



**ସୁବର୍ଣ୍ଣପୁର , ନ୍ୟୁଜ୍ ବ୍ୟୁରୋ**

ସୋନପୁର ଓଡ଼ିଶା ପ୍ରଦେଶ କିଷାନ୍ କଂଗ୍ରେସ ପକ୍ଷରୁ ସୋନପୁର ଠାରେ କପା ଚାଷର ଅଭିବୃଦ୍ଧି ନେଇ ବିଭିନ୍ନ ଜିଲ୍ଲାର ଚାଷୀ ସଂଗଠନ ନେତାଙ୍କ ସହ ସର୍କିଟ ହାଉସ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କିଶାନ କଂଗ୍ରେସ ରାଜ୍ୟ ଅଧ୍ୟକ୍ଷ ଅଭୟ ସାହୁ, ଉପାଧ୍ୟକ୍ଷ କାର୍ତ୍ତିକେଶ୍ୱର ବରାଳ ଅତିଥି ଭାବେ ଯୋଗଦେଇ ଥିଲେ। ଜିଲ୍ଲା କିଷାନ୍ କଂଗ୍ରେସ ସଭାପତି ସଂଗ୍ରାମ କେଶରୀ ନାଏକ ଏହି ସଭାକୁ ଅଧ୍ୟକ୍ଷତା କରିଥିବା ବେଳେ ପତିତପାବନ ପ୍ରଧାନ, ବଲାଙ୍ଗୀର କିଶାନ କଂଗ୍ରେସ ନେତା, ଗୁଣମଣି ସାହୁ, ବରଗଡ଼ ସଭାପତି, ସିଦ୍ଧାର୍ଥ ନାଏକ, କଲାହାଣ୍ଡି ସଭାପତି, ସରୋଜ କୁମାର ପ୍ରଧାନ ବୌଦ୍ଧ ଜିଲ୍ଲା ସଭାପତି, ନରେନ୍ଦ୍ର ସାହୁ, ସୁବର୍ଣ୍ଣପୁର ଜିଲ୍ଲାର ଶେଷଦେବ ମେହେର, ବିଜୟୀ ଭୋଇ, ଭାଗିରଥୀ ବଗର୍ତ୍ତି, ସୁଶାନ୍ତ କାଣ୍ଡ, ପ୍ରମୋଦ ଗୁରୁ, ଅମିତ ନାଏକ ଓ ସିଦ୍ଧେଶ୍ୱର ଗିରି ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି କପା ଚାଷର ଉନ୍ନତି ଓ ସଫଳତା ପାଇଁ ନିଜ ନିଜର ମତ ରଖିଥିଲେ।

# ରକ୍ତଦାତା ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆହ୍ୱାନ

**୧୬ ୟୁନିଟ ରକ୍ତ ସଂଗୃହିତ**




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ତାଲିମ କକ୍ଷରେ ଜିଲ୍ଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନର ଆବଶ୍ୟକତା, ମହତ୍ୱ ଓ ଏହା ଦ୍ୱାରା ଅନେକ ଜୀବନ ରକ୍ଷା ସମ୍ଭବ ହେଉଥିବା ନେଇ ଆଲୋଚ଼ନା କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରି କହିଥିଲେ ଯେ, ରକ୍ତଦାନ ହେଉଛି ଏକ ମହାନ ମାନବିକ କାର୍ଯ୍ୟ। ଜଣେ ସୁସ୍ଥ ବ୍ୟକ୍ତିଙ୍କ ରକ୍ତଦାନ ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇ ପାରେ। ସମାଜରେ ସ୍ୱେଚ୍ଛାକୃତ ରକ୍ତଦାନ ପ୍ରତି ଅଧିକ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଭେଷଜ ବିଶେଷଜ୍ଞ ଡାକ୍ତର ଅଶୋକ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲା ଚ଼ିକିତ୍ସା ଅଧିକାରୀ ଡାକ୍ତର କିଶୋର ପଟ୍ଟନାୟକ, ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ଉ କିଶୋର ରାମଚ଼ନ୍ଦ୍ର ଦେଓ ହେମ୍ବ୍ରମ, ଜିଲ୍ଲା ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଗିରିଜା ପ୍ରସାଦ ମିଶ୍ର ଓ ଅଧ୍ୟାପକ ପ୍ରବୀର କୁମାର ଦାସ ପ୍ରମୁଖ ଯୋଗଦେଇ ରକ୍ତଦାନର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ବକ୍ତାମାନେ ନିୟମିତ ରକ୍ତଦାନ ଦ୍ୱାରା ରକ୍ତ ଭଣ୍ଡାରରେ ପର୍ଯ୍ୟାପ୍ତ ରକ୍ତ ଉପଲବ୍ଧ ରହିବା ସହ ଜରୁରୀ ପରିସ୍ଥିତିରେ ରୋଗୀଙ୍କୁ ସହାୟତା ମିଳିଥାଏ ବୋଲି କହିଥିଲେ। ସମାଜର ଅଧିକରୁ ଅଧିକ ଯୁବବର୍ଗ ସ୍ୱେଚ୍ଛାକୃତ ରକ୍ତଦାନ ଆନ୍ଦୋଳନରେ ସାମିଲ ହେବାକୁ ସେମାନେ ଆହ୍ୱାନ ଜଣାଇଥିଲେ । ରଘୁନାଥ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କର୍ମଚ଼ାରୀ, ଆଶା କର୍ମୀ, ସ୍ୱେଚ୍ଛାସେବୀ ଓ ବିଭିନ୍ନ ସମୟରେ ରକ୍ତଦାନ ଶିବିର ଆୟୋଜନ କରୁଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ନିୟମିତ ରକ୍ତଦାତା ଓ ରକ୍ତଦାନ କ୍ଷେତ୍ରରେ ଅବଦାନ ରଖୁଥିବା କିଛି ସଂଗଠନକୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଏକ ରକ୍ତଦାନ ଶିବିର ସ୍ଥାନୀୟ ରକ୍ତଭଣ୍ଡାର ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୬ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

# ବିଶ୍ୱ ରକ୍ତଦାତା ଦିବସ ଆୟୋଜିତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟରେ ବିଶ୍ୱ ରକ୍ତଦାତା ଦିବସ ସମାରୋହରେ ପାଳିତ ହୋଇଯାଇଛି, ଏ ଉପଲକ୍ଷେ ଜିଲ୍ଲା ରକ୍ତକେନ୍ଦ୍ରରେ ଆୟୋଜିତ ଉତ୍ସବରେ ଜିଲ୍ଲା ରେଡ଼କ୍ରସ ଯୁଗ୍ମସମ୍ପାଦକ ଏ ଆର ଖାନ ସଭାପତିତ୍ୱ କରିଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠି ମୁଖ୍ୟ ଅତିଥି, ଏଡିଏମଓ ମେଡିକାଲ ଡାକ୍ତର ପି କେ ମିଶ୍ର ସମ୍ମାନିତ ଅତିଥି ଡିପିଏମ ଡାକ୍ତର ନିତ୍ୟରଞ୍ଜନ ବରାଳ ମୁଖ୍ୟବକ୍ତା, ଡିପିଏଚସିଓ ଭରତ ସାହୁ, ରକ୍ତକେନ୍ଦ୍ର ଅଧିକାରୀ ମନୁମଙ୍ଗତ ମାରାଣ୍ଡି ଅନ୍ୟତମ ଅତିଥିଭାବେ ଯୋଗ ଦେଇ ରକ୍ତଦାନର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ତଥ୍ୟ ଭିତ୍ତିକ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଏ ଅବସରରେ ରକ୍ତ କେନ୍ଦ୍ରରେ ଏକ ରକ୍ତଦାନ ଶିବିର ଆୟୋଜିତ ହେବା ସହିତ ଅତିଥିବୃନ୍ଦ ରକ୍ତ ଦାତା, ରକ୍ତଦାନ ଶିବିର ଆୟୋଜକ, ପୃଷ୍ଠପୋଷକ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ରକ୍ତଦାନ ସଚେତନତା ରଥକୁ ମୁଖ୍ୟ ଅତିଥି ଉଦଘାଟନ କରିବା ପରେ ଏହା ସ୍ଲୋଗାନ ସହିତ ସହର ପରିକ୍ରମା କରିଥିଲା। ରକ୍ତକେନ୍ଦ୍ର ଲୋକ ସମ୍ପର୍କ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବୃନ୍ଦାବନ ସାହୁ, ସରୋଜ କୁମାର ପଣ୍ଡା, ଗୌରୀ ଶଙ୍କର ମଲ୍ଲିକ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ୧୯୯୬ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ

**ଧାମନଗର ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ ପଧାନୀ ପଞ୍ଚାୟତ ସ୍ଥିତ ମୁକ୍ତେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ୧୯୯୬ ବ୍ୟାଚ୍‌ର ପୁରାତନ ଛାତ୍ରୀ ଛାତ୍ରଙ୍କ ପକ୍ଷରୁ ଏକ ବନ୍ଧୁମିଳନ ଓ ଗୁରୁପୂଜନ କାର୍ଯ୍ୟକ୍ରମ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରମାନେ ଏକାଠି ହୋଇ ନିଜ ନିଜର ବିଦ୍ୟାଳୟ ଜୀବନର ପୁରୁଣା ସ୍ମୃତି ଓ ଅନୁଭୂତି ବଖାଣିଥିଲେ। କାର୍ଯ୍ୟକ୍ରମରେ ପୂଜ୍ୟଗୁରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପର୍ଶୁରାମ ପଣ୍ଡା, ଅରୁଣ ସାମଲ, ଚକ୍ରଧର ସାହୁ, ଉମେଶ ଚନ୍ଦ୍ର ପଣ୍ଡା, ଦଶରଥ କୁଅଁର ଏବଂ ବିଦ୍ୟାଳୟର ଶିକ୍ଷକ କୃଷ୍ଣଚନ୍ଦ୍ର ଦାସ, ସୁଦର୍ଶନ ସାହୁ ଓ ବର୍ତ୍ତମାନର ପ୍ରଧାନଶିକ୍ଷକ ସୁଧୀର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପୁରାତନ ଛାତ୍ରୀ ଛାତ୍ରମାନେ ସମସ୍ତ ଗୁରୁମାନଙ୍କୁ ପୂଜାର୍ଚ୍ଚନା କରିବା ସହ ଭକ୍ତିପୂତ ସମ୍ବର୍ଦ୍ଧନା ପ୍ରଦାନ କରି ସେମାନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ। ପୁରାତନ ଛାତ୍ର ଆଶିଷ କୁମାର ରାଉତ ଓ ଛାତ୍ରୀ କନକଲତା ରାଉତଙ୍କ ପ୍ରତ୍ୟକ୍ଷ ସଞ୍ଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁକ୍ତେଶ୍ୱର ମହାଳିକ, ବିଦ୍ୟାଧର ପୁହାଣ, ସନ୍ତୋଷ ସାହୁ, ସନ୍ତୋଷ ନାୟକ, ଶ୍ରୀଧର ଦାସ, ନଟବର ଜେନା, ଟୁଲୁ ଜେନା,ଶ୍ରୀଧର ସାହୁ, ନିରୁପମା ମହାଳିକ,କେଦାର ମଲିକ, ନିହାରିକା ରାଉତ, ରତ୍ନମଞ୍ଜରୀ ପୁହାଣ, ପ୍ରିୟତମା ପୁହାଣ, ରାଜାରାଣୀ ମହାଳିକ, ଅନୁସୟା ମହାଳିକ, ରଶ୍ମିପ୍ରଭା ମହାଳିକ, କାମିନୀ ସାହୁ ଓ ସୁକାନ୍ତି ବରାଳ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ରଜ ଓ ଯୋଗଦିବସ ଉପଲକ୍ଷେ କାରାଗାରରେ ଯୋଗ ଶିବିର




**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଉପକାରାଗରରେ ରଜ ମହୋତ୍ସବ ଓ ଆଗକୁ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଯୋଗଖେଳ ସଂଘ ଆନୁକୂଲ୍ୟରେ ଏକ ଯୋଗ ଶିବିର ଓ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। କାରାଗାରରେ ଥିବା ସମସ୍ତ ଅନ୍ତେବାସୀମାନଙ୍କୁ ଭରତ ସାହୁ ଓ ତ୍ରିଲୋଚନ ବେହେରା ଯୋଗ ପ୍ରଶିକ୍ଷଣ ଦେଇଥାନ୍ତି। ରଜ ମହୋତ୍ସବ ସହିତ ଅନ୍ତେବାସୀଙ୍କ ମଧ୍ୟରେ ୪୦ ବର୍ଷରୁ ଅଧିକ ଦୁଇଟି ଗ୍ରୁପ୍‌ରେ ଯୋଗ ପ୍ରତିଯୋଗୀତା କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ରେ ୭ଜଣ ଲେଖାଏ ଅନ୍ତେବାସୀଙ୍କୁ ମେଡାଲ୍ ଓ ଟ୍ରଫି ଏବଂ ପ୍ରମାଣ ପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ବେହେରା, ଯୋଗଗୁରୁ ସଂଜୟ କୁମାର ମଥାନ, ଟ୍ୱିଙ୍କିଲ୍ ପ୍ରଧାନ, ବିଶ୍ୱଜିତ ସଭ୍ୟମାନେ ଶିବିରଟିକୁ ପରିଚାଳନା କରିଥିଲେ। ଜିଲ୍ଲା ଉପକାରାଗରର ଅଧିକ୍ଷକ ସୁନିଲ୍ କୁମାର ପାତ୍ର, ଶିକ୍ଷାବିତ୍ ନିରଞ୍ଜନ ବେହେରା ଅନ୍ତେବାସୀମାନଙ୍କୁ ସମସ୍ତ ପ୍ରକାର ପ୍ରସ୍ତୁତିରେ ସହଯୋଗ କରିବା ସହ ସୁସ୍ଥ ଜୀବନ ଯାପନ ପାଇଁ ଯୋଗର ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ।

# ପିତାମାତାଙ୍କ ସ୍ନେହରୁ ବଞ୍ଚିତ ଶିଶୁଙ୍କ ସହ ରଜ ପାଳିଲା ବସୁନ୍ଧରା ଫାଉଣ୍ଡେସନ

**ବାରିପଦା , ନ୍ୟୁଜ୍ ବ୍ୟୁରୋ**

ଜୀବନରେ ମଣିଷ ବେଳେବେଳେ ଏକା ହେଇଯାଏ। ହେଲେ ଯେଉଁମାନଙ୍କ ଉପରୁ ପିତାମାତାଙ୍କ ହାତ ଅପସରି ଯାଏ ସେମାନେ ଅନାଥ ହୋଇ ଜୀବନଯାକ ଲାଗି ଏକା ହୋଇଯାଆନ୍ତି। ପୁଣି ସେମାନେ ଯଦି ଶିଶୁ ହୋଇଥାନ୍ତି ତ ତାଙ୍କ ଜୀବନ ଆହୁରି କଠିନ ହୋଇପଡ଼େ। ସେହିଭଳି ଶିଶୁଙ୍କ ଲାଗି ବାରିପଦାର ବସୁନ୍ଧରା ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ସେହିଭଳି କୁନିକୁନି ଛୁଆଙ୍କ ସହିତ ରଜ ପର୍ବ ପାଳନ କରିଛି। ଆଜିର ଜାକଜମକ ଭରା ରଜ ଉତ୍ସବରେ ସମସ୍ତେ ମସଗୁଲ ଥିବା ବେଳେ ବସୁନ୍ଧରାର ସଦସ୍ୟାମାନେ ବାରିପଦା ଦେବେନ୍ଦ୍ରପୁର ସ୍ଥିତ ଓ ଆର ଡି ଅନାଥ ଆଶ୍ରମର ଛୋଟଛୋଟ ଝିଅଙ୍କ ସହିତ ନିଆରା ଢଙ୍ଗରେ ରଜ ପାଳିଛନ୍ତି। ସେଠାକାର ଅନ୍ତେବାସୀଙ୍କ ଲାଗି ଟ୍ରଷ୍ଟ ପକ୍ଷରୁ ଅଳତା, କୁଙ୍କୁମ ସହିତ ବିଭିନ୍ନ ପ୍ରକାର ପିଠା, ଆରିସା, କାକରା, ପୋଡ଼ପିଠା ଓ ମିଠା ସହିତ ଚୁଡ଼ି, ଟିକିଲି, ନେଲପଲିଶ ଭଳି ପ୍ରସାଧନ ସାମଗ୍ରୀ ପ୍ରଦାନ କରିବା ସହିତ ଦୋଳି ଝୁଲାଇ ଥିଲେ। ରଜର ମିଠାପାନ ଦିଆନିଆ ଭିତରେ ସେହି କୁନିକୁନି ପିଲାଙ୍କ ଖୁସି ଦେଖିବା ଭଳିଆ ଦୃଶ୍ୟ ସୃଷ୍ଟି କରିଥିଲା। ପିତାମାତାଙ୍କ ସ୍ନେହରୁ ବଞ୍ଚିତ ଏହି ଶିଶୁ ମାନଙ୍କୁ ଅନାବିଳ ସ୍ନେହରେ ହି ପ୍ରକୃତ ଖୁସି ଓ ଆମ ପର୍ବପର୍ବାଣିର ମହତ୍ୱ ବୋଲି କହିଛନ୍ତି ବସୁନ୍ଧରା ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷା ଶ୍ରୁତି ରାଉତରାୟ। ଏହି ନିଆରା ରଜ ମଉଜରେ ଟ୍ରଷ୍ଟ ର ସଦସ୍ୟା ଆଡଭୋକେଟ ମଧୁସ୍ମିତା ନାୟକ, ଦିପ୍ତିମୟୀ ଦାସ, ମଧୁସ୍ମିତା ଭୂୟାଁ ଙ୍କ ସହିତ ଓଆରଡିର ସମ୍ପାଦକ ସାଇପ୍ରକାଶ ମହାନ୍ତି ସହଯୋଗ କରିଥିଲେ।

# ସାହିତ୍ୟ ସମାଜର ରଜପାଇଁ କବିତା ପାଠୋତ୍ସବ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ରଜ ଉପଲକ୍ଷେ ଧର୍ମଶାଳା ସାହିତ୍ୟସମାଜ ପକ୍ଷରୁ ଜାରକାସ୍ଥିତ ବାବା ଗୋକର୍ଣ୍ଣେଶ୍ୱରଙ୍କ ପିଠରେ କବିତାପାଠ ଓ ରାଜା ମହୋତ୍ସବ ପାଳିତ ହୋଇଯାଇଛି। ସାହିତ୍ୟ ସମାଜର ସଭାପତି ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ବରିଷ୍ଠ ସାହିତ୍ୟିକ ଯୋଗେନ୍ଦ୍ର ପଣ୍ଡା ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ମାନିତ ଅତିଥିଭାବେ ହରିଶଙ୍କର କଲେଜ ଅଧକ୍ଷ ବଳଭଦ୍ର ଦାଶ ଓ ବକ୍ତାଭାବେ ପ୍ରବଚକ ବିଭୁତିଭୂଷଣ ପାଳ ଯୋଗଦେଇଥିଲେ।ବରିଷ୍ଠ ଶିକ୍ଷକନେତା ଯୁଧିଷ୍ଠିର ସ୍ୱାଇଁ ସ୍ୱାଗତଭାଷଣ ଦେଇଥିଲେ ଓ ଡ଼କ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ବିବରଣୀପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ସରୋଜିନୀ ପଣ୍ଡାପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ।

# ଉଚ୍ଚ ଚାଷ ଜମିକୁ ଜଳ ଯୋଗାଣ ପାଇଁ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ବସପୁର ପଞ୍ଚାୟତର ଭାଣ୍ଡିଲୋ ଗ୍ରାମ ଅଞ୍ଚଳରେ ଥିବା ହାତିଆ ଲିଙ୍କ୍ ଗୋବରୀ ନଦୀ ସହିତ ମିଶିଅଛି। ଡ୍ରେନେଜ୍ ବିଭାଗ ତରଫରୁ ଏହାକୁ ସଫା କରାଯାଇଛି। ବର୍ଷାଦିନରେ ପାଣି ସବୁ ତଳକୁ ପଳାଇ ଯିବାରୁ ଉକ୍ତ ଅଞ୍ଚଳର ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭାଣ୍ଡିଲୋ ଅଞ୍ଚଳର ଜମି ଉଚ୍ଚ ଥିବାରୁ ଚାଷ ଜମିକୁ ଜଳ ଯିବାପାଇଁ ଅସୁବିଧା ହେଉଛି। ଚାଷ ଜମିରେ ଜଳ ଯିବା ପାଇଁ ଉଭୟ ପାର୍ଶ୍ୱରେ ପାଚେରୀ କରି ଏବଂ ଜଳକୁ ନିୟନ୍ତ୍ରଣ କରି ଚାଷ ଜମିକୁ ଜଳ ଯୋଗାଇବା ପାଇଁ ଦୁଇ ଫୁଟିଆ ୫/୬ଟି ସୋଠ ମୁହଁ ଖୋଲିବାର ଆବଶ୍ୟକ ଥିବାରୁ ଚାଷୀମାନେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ନ ହେବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ସେଠାରେ ସୋଠମୁହଁ ଖୋଲାଗଲେ ଏହି ଅଞ୍ଚଳର ଚାଷୀମାନେ ଉପକୃତ ହେବେ ବୋଲି ଜଣାଇଛନ୍ତି। ଜିଲ୍ଲାପାଳ ଅଭିଯୋଗ ପାଇବା ପରେ ଏହାର ବ୍ୟବସ୍ଥା କରିବା ପାଇଁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ହସ୍ତଶିଳ୍ପ ତାଲିମ୍ କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି



**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାରେ ହସ୍ତଶିଳ୍ପର ଉତ୍ପାଦନ ଓ ଚାହିଦା ଦିନକୁ ଦିନ ବଢୁଥିବାରୁ ଜିଲ୍ଲାରେ ନୂତନ ହସ୍ତଶିଳ୍ପ ତାଲିମ୍ କେନ୍ଦ୍ର ସ୍କୁଲ୍ ଖୋଲିବା ପାଇଁ ଡେରାବିଶ ବ୍ଲକ ଗୋଲରାହାଟ ଗ୍ରାମ ପଞ୍ଚାୟତର ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର ଗ୍ରୁପ୍ ତରଫରୁ ସଭାନେତ୍ରୀ ଲେସାତୁନ୍ ବିବି ଓ ସମ୍ପାଦକ ରେସ୍‌ମା ବେଗମ୍ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏହି ଦାବିପତ୍ରରେ ହସ୍ତଶିଳ୍ପ ବିଭାଗ କେନ୍ଦ୍ରାପଡା ତରଫରୁ ଗୋଲରାହାଟ, ବାଲିଆ, ଚାଟରା ଚକଡା, କୁରୁଜଙ୍ଗା ଗ୍ରାମ ପଂଚାୟତରେ ଇଚ୍ଛୁକ ମହିଳାମାନଙ୍କୁ ଚାନ୍ଦୁଆ ଶିଳ୍ପରେ ତାଲିମ୍ ଦିଆଯାଇଛି। ତନ୍ମଧ୍ୟରୁ ଅଧିକାଂଶ ମହିଳା ଉକ୍ତ କାର୍ଯ୍ୟରେ ନିୟୋଜିତ ହୋଇ କିଛି ଅର୍ଥ ଉପାର୍ଜନ କରିପାରୁଛନ୍ତି। ଯାହା ହସ୍ତଶିଳ୍ପ ବିଭାଗ କେନ୍ଦ୍ରାପଡାଙ୍କ ଜରିଆରେ ସମ୍ଭବ ହୋଇଛି। ତାଲିମ୍ ପ୍ରାପ୍ତ ମହିଳାମାନଙ୍କୁ ନେଇ ଗୋଟିଏ ଉତ୍ପାଦକ ଗୋଷ୍ଠୀ ଗୋଲରାହାଟ ପଞ୍ଚାୟତରେ ୨୦୧୯ ମସିହାରେ ସେହି ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର ଗ୍ରୁପ୍ ଗଠନ କରାଯାଇଛି। ଏହି ଗ୍ରୁପ୍‌ରେ ଥିବା କୁଶଳୀ ମହିଳା କାରିଗର ମାନେ ଆପ୍ଲିକ୍, ପ୍ୟାଚ୍‌ୱାର୍କ, ଏମ୍ବ୍ରୋଡୋରୀ, ଟେଲରିଂ, ସ୍କୁଲ୍ ଡ୍ରେସ୍, ଜୁଟ ବ୍ୟାଗ୍, ତିରଙ୍ଗା ଆଦି ସାମଗ୍ରୀ ତିଆରି କରି ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ସରକାରୀ ମେଳା ଓ ବଜାରରେ ବିକ୍ରି କରି ବେଶ୍ ଅର୍ଥ ଉପାର୍ଜନ କରିପାରୁଛନ୍ତି। ଏଠାରେ ଏକ ହସ୍ତଶିଳ୍ପ ତାଲିମ୍ କେନ୍ଦ୍ର ସ୍କୁଲ୍ ପ୍ରତିଷ୍ଠା କଲେ ବହୁ ମହିଳା ତାଲିମ୍ ନେଇ ବେଶ୍ ଅର୍ଥ ଉପାର୍ଜନ କରିପାରିବେ ବୋଲି ଗ୍ରୁପ୍ ପକ୍ଷରୁ ଦାବି କରାଯାଇଛି।

# ବୃକ୍ଷରୋପଣ ହେଉଛି : ଭରଣା ହେଉନି ଜଙ୍ଗଲକ୍ଷୟ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ନଦୀ,ନାଳ ବହୁଛି । ସେହିପରି ଅନେକ ନାଳ ଜଳଭଣ୍ଡାରର ପାଣି ଏହି ଅଞ୍ଚଳ ପାଇଁ ବରଦାନ କିନ୍ତୁ ଏଭଳି ଭୌଗୋଳିକ ଅବସ୍ଥିତି ସତ୍ତ୍ୱେ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନକୁ ନେଇ ଘୋର ସମସ୍ୟା ଭୋଗୁଛନ୍ତି କୋରାପୁଟ ଜିଲା ବାସୀ । ଏହା ଜିଲ୍ଲାପାଇଁ ଚିନ୍ତାର ବିଷୟ ହୋଇଛି। କିଛିଦିନ ହେଲା କୋରାପୁଟ ଜିଲାରେରେ ତାପମାତ୍ରା ୪୦ ଡିଗ୍ରିରୁ ଅଧିକ ରହୁଛି। କୋରାପୁଟ ଜିଲାରେ ଏତେ ତାପମାତ୍ର ବୃଦ୍ଧି ନେଇ ବୃଦ୍ଧିଜୀବୀ ମହଲରେ ଉଦ୍ବେଗ ପ୍ରକାଶ ପାଇଛି । ପୂର୍ବେ ସମୟରେ ପ୍ରାକୃତିକ ସଂପଦ ଭରପୂର ଥିଲା ଏହି ଅଞ୍ଚଳ । କିନ୍ତୁ କ୍ରମେ ପ୍ରାକ୍ ପ୍ରାକୃତିକ ସମ୍ପଦ ବିଶେଷକରି ଜଙ୍ଗଲ ନଷ୍ଟ ଯୋଗୁ ଏଠାରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ କହିଛନ୍ତି । ତେବେ ଏହି ସ୍ଥିତିରେ ସୁଧାର ଆଣିବା ଓ ତାପମାତ୍ରାବୃଦ୍ଧିକୁ ନିୟନ୍ତ୍ରଣରେ ରଖିବା ପାଇଁ ସରକାରଙ୍କ ଦ୍ୱାରା ଓ ସରକାରୀ ପ୍ରୋତ୍ସାହନରେ କୋରାପୁଟ ଜିଲାର ସେମିଳିଗୁଡା, ବୋରିଗୁମ୍ମା, କୋଟପାଡ, ଲକ୍ଷ୍ମୀପୁର, ଲମତାପୁଟ କେ ବ୍ୟାପକ ବୃକ୍ଷରୋପଣ କରାଯାଉଛି । କିନ୍ତୁ କାଗଜପତ୍ରରେ କେବଳ ଜଙ୍ଗଲ ସୃଷ୍ଟି ହୋଇଛି। ବାସ୍ତବରେ ଅନୁରୂପ ଜଙ୍ଗଲ ନାହିଁ ବୋଲି ଜନସାଧାରଣରେ ଅଭିଯୋଗ ହେଉଛି। ପ୍ରତିବର୍ଷ ସରକାରୀ ସ୍ତରରେ ବ୍ୟାପକ ବୃକ୍ଷରୋପଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ପରିବେଶକୁ ସୁରକ୍ଷା ଦେବାରେ ଏହାର ପ୍ରଭାବ ପଡୁନାହିଁ । ଅନ୍ୟପକ୍ଷରେ ଜଳ ବାୟୁରେ ଘୋର ପରିବର୍ତ୍ତନ ହେଉଥିବାର ଅଭିଯୋଗ ହେଉଛି । କୋରାପୁଟ ଜିଲାର ବିଭିନ୍ନ ବ୍ଲକର ବିଭିନ୍ନ ଅଞ୍ଚଳ ଜଙ୍ଗଲ, ପାହାଡ଼ ରାସ୍ତା କଡ଼ ମାନଙ୍କରେ ରହିଥିବାରୁ ଅଂଚଳକୁ ବେଶ ସୁହାଉଥିଲା । ଏବେ କିନ୍ତୁ ରାସ୍ତା ପ୍ରଶସ୍ତିକରଣ ନାମରେ ମହା ଦ୍ରୁମ ସବୁ ଛେଦନ କରାଯାଉଛି । ହେଲେ ଯେଉଁ ଜଙ୍ଗଲ କ୍ଷୟ ହେଉଛି ତାହା ଭରଣା ହୋଇ ପାରୁନାହିଁ । ଠିକାଦାର ଗଛ ଲଗାଇବାର ନିୟମ ଥିଲେ ମଧ୍ୟ ରାସ୍ତା କାମ ସାରି ଠିକାଦାର ଓ ତଦନ୍ତକାରି ଅଧିକାରୀ ଗଛ ଲଗାଇବାର କଥା ଭୁଲି ଯାଉଛନ୍ତି । ଏଥିପ୍ରତି ତଦାରଖ ଅଧିକାରୀ ଆଖି ବୁଜି ଦେଉଥିବା ଅଭିଯୋଗ ହୋଇଛି । କୋରାପୁଟ ଜିଲାରେ ଥିବା ବିଭିନ୍ନ ଲଣ୍ଡା ପାହାଡ଼ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ବନ ବିଭାଗ ହାତକୁ ନେଉଛନ୍ତି । ସହରର ଓ ଗ୍ରାମାଚଂଳରେ ଜଳ ଧାରଣ କ୍ଷମତା ବୃଦ୍ଧି ପାଇଁ ଅନେକ ପୋଖରୀମାନ ରହିଥିଲା। ହେଲେ ଏବେ ସମୟରେ କାଗଜ କଲମରେ ପୁନରୁଦ୍ଧାର ହେଉଥିବା ବେଳେ ଅନେକ ପୋଖରି ପୁନଃରୁଦ୍ଧାର ହୋଇପାରିନାହିଁ । ଅନେକ ଜାଗାରେ ପାରମ୍ପରିକ ଜଳ ପ୍ରବାହ ଓ ଜଳ ସ୍ରୋତ ଉଭେଇ ଗଲାଣି । ଏବେ ଜଳବାୟୁ ପରିବର୍ତ୍ତନ ଦେଖି କୋରାପୁଟ ଜିଲା ବାସୀ ଆତଙ୍କିତ ହୋଇପଡିଲେଣି । କୋରାପୁଟ ଜିଲାରେ ଭୂତଳ ଜଳସ୍ତର ବର୍ଷକୁ ବର୍ଷ କମିଯାଉଥିବା ଅଭିଯୋଗ ହେଉଛି । ବିଭିନ୍ନ ଯୋଜନାରେ ଚାରା ରୋପଣ ନାଁରେ କୋଟି କୋଟି ଟଙ୍କା ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଆଖି ଦୃଶିଆ ଜଙ୍ଗଲ ସୃଷ୍ଟି ହୋଇପାରୁ ନାହିଁ। ଫଳରେ ବନୀକରଣ କାର୍ଯ୍ୟକ୍ରମ କେବଳ ଧୂଆଁବାଣ ସଦୃଶ ହୋଇଛି । ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିବା ସମୟରେ ‘ଏକ ପେଡ଼ ମା’ କେ ନାମ’ ଅଭିଯାନ ଆରମ୍ଭ ହୋଇଥିଲା । ଏଥିରେ କୋରାପୁଟ ଜିଲାରେ କିଛିଟି ସ୍ଥାନରେ ଏହି ବୃକ୍ଷରୋପଣ ହୋଇଥିବା ବେଳେ ‘ଏକ ପେଡ଼ ମାକେ ନାମ୍’ରେ ଗଛଗୁଡ଼ିକ ଲଗାଯାଇଥିଲା ତହା ଉଚ୍ଚସ୍ତରୀୟ ତଦନ୍ତ ସାପେକ୍ଷ ହୋଇପଡ଼ିଛି।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ଜୁନ୍ ୨୦୨୬ ଗୁରୁବାର





# ଢାବାରେ ଗ୍ୟାସ୍ ଲିକ୍ ହୋଇ ଭୟାବହ ଅଗ୍ନିକାଣ୍ଡ:୩ ଆହତ



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ରାଇଘର ସଦର ଅଞ୍ଚଳରେ ଥିବା ମାଉଲି ମା' ମନ୍ଦିର ନିକଟସ୍ଥ ଏକ ଢାବାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଗ୍ୟାସ୍ ଟାଙ୍କିରୁ ଗ୍ୟାସ୍ ଲିକେଜ୍ ହେବା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ଅଗ୍ନିକାଣ୍ଡରେ ଢାବାରେ କାର୍ଯ୍ୟରତ ଦୁଇଜଣ କର୍ମଚାରୀ ସୁବାସ ହରିଜନ, ଯୋଗେଶ ହରିଜନ ସହ ଢାବା ମାଲିକ ପରିମୋଲ ସିଲ ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ରାତି ପ୍ରାୟ ୧୧ଟା ସମୟରେ ଢାବାର ରୋଷେଇ ଘରେ ଥିବା ଏକ ଗ୍ୟାସ୍ ଟାଙ୍କିରୁ ହଠାତ୍ ଗ୍ୟାସ୍ ଲିକ୍ ହେବା ଆରମ୍ଭ ହୋଇଥିଲା। କିଛି ସମୟ ମଧ୍ୟରେ ସେଠାରେ ନିଆଁ ଲାଗିଯାଇଥିଲା ଏବଂ ନିଆଁ ଦ୍ରୁତ ଗତିରେ ବ୍ୟାପି ଯାଇଥିଲା। ଘଟଣାସ୍ଥଳରେ ଉପସ୍ଥିତ କର୍ମଚାରୀମାନେ ଓ ଢାବା ମାଲିକ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ, କିନ୍ତୁ ଏହି ସମୟରେ ଦୁଇ ଜଣ କର୍ମଚାରୀ ଓ ଢାବା ମାଲିକ ଗୁରୁତର ଭାବେ ପୋଡ଼ିଯାଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକ ଓ ପୋଲିସଙ୍କ ସହଯୋଗରେ ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ରାଇଘର ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେମାନଙ୍କର ଶରୀରର ବହୁ ଅଂଶ ପୋଡ଼ି ଯାଇଥିବାରୁ ଓ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ଡାକ୍ତରମାନେ ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାଇପୁର ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ଏହି ଘଟଣା ପରେ ସମଗ୍ର ରାଇଘର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଗ୍ୟାସ୍ ସିଲିଣ୍ଡର ଓ ରୋଷେଇ ଉପକରଣ ବ୍ୟବହାରରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଓ କ୍ଷୟକ୍ଷତିର ପରିମାଣ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି।



# ୭ ଜୁଆଡ଼ି ଗିରଫ:୨୨ ହଜାର ଟଙ୍କା ଜବତ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଥାନା ଅନ୍ତର୍ଗତ ବଡ଼ପଦାଗାଁରେ ପୋଲିସ୍ ଚଢ଼ଉ କରି ୭ଜଣ ଜୁଆଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ନିକଟରୁ ପୋଲିସ ତାସ, ନଗଦ ୨୨ ହଜାର ୨୩୦ ଟଙ୍କା ଓ ୨ଟି ମୋବାଇଲ ଫୋନ୍ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବଡପଦାଗାଁ ଗ୍ରାମର ସୁକାନ୍ତ ରାଉତ, କାହ୍ନୁ ରାଉତ, କାଳନ୍ଦୀ ରାଉତ, ନାରାୟଣ ପ୍ରଧାନ, ଗୋଲେଖ ବସ୍ତିଆ, ପ୍ରମୋଦ ରାଉତ ଓ ଦିଆଣିପାଟଣା ଗ୍ରାମର ଦିବାକର ମହାନ୍ତି । ବଡପଦାଗାଁର ଏକ ଖୋଲା ପଡିଆରେ ଜୁଆ ଖେଳ ଚାଲୁଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଆଇଆଇସି ରଜନୀକାନ୍ତ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ରାତିରେ ଉକ୍ତ ସ୍ଥାନରେ ଚଢଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା ପୋଲିସ ସୂଚନା ଦେଇଛି ।

# ନିଜର ଭବିଷ୍ୟତ ଉପରେ ଗୁରୁତ୍ୱ ଦେବାକୁ କିଶୋର-କିଶୋରୀମାନଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପବିତ୍ର ରଜପର୍ବ ଉପଲକ୍ଷେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କିଶୋର କିଶୋରୀମାନଙ୍କୁ ଆଦ୍ୱିକା ବାର୍ତ୍ତା ପ୍ରଦାନ କରିଛନ୍ତି। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗ (ଓ.ଏସ୍.ସି.ପିସି.ଆର୍)ଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ଓସ୍ୱାନ୍ ସମ୍ମିଳନୀ କକ୍ଷରେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କିଶୋର କିଶୋରୀ ମାନଙ୍କୁ ରଜପର୍ବରେ ଆଭାସୀ ମାଧ୍ୟମରେ ଉପମୁଖ୍ୟମନ୍ତ୍ରୀ ବାର୍ତ୍ତାଳାପ କରିଛନ୍ତି। କିଶୋର କିଶୋରୀ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ଓ ସେମାନଙ୍କର ସୁରକ୍ଷା ସମ୍ପର୍କରେ ଥିବା ଆଇନ୍ ସମ୍ପର୍କରେ ବାର୍ତ୍ତାଳାପ ହେବା ସହ ସେମାନଙ୍କୁ ରଜପର୍ବର ଶୁଭେଚ୍ଛା ଜଣାଇଛନ୍ତି। କିଶୋର କିଶୋରୀମାନେ ନିଜର ଭବିଷ୍ୟତ ଉପରେ ଗୁରୁତ୍ୱ ଦେବାକୁ ଉପମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରରେ ଶନିବାର ଦିନ ଅନୁଷ୍ଠିତ ହେଉଥିବା ଆଦ୍ୱିକା କାର୍ଯ୍ୟକ୍ରମ ଯାହାକି କିଶୋର କିଶୋରୀମାନଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରାଯାଉଛି । ଏହି କାର୍ଯ୍ୟକ୍ରମରେ ସମସ୍ତ କିଶୋର କିଶୋରୀମାନେ ସାମିଲ୍ ହେବାକୁ ଆହ୍ୱାନ ଦେଇଛନ୍ତି। ଏହାକୁ ସଠିକ୍ ଭାବରେ ପରିଚାଳନା କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଭାସୀ ମାଧ୍ୟମରେ ହେଉଥିବା ବାର୍ତ୍ତାଳାପରେ ଉପମୁଖ୍ୟମନ୍ତ୍ରୀ କିଶୋର କିଶୋରୀ ମାନଙ୍କୁ ବର୍ଷକରେ ଦୁଇଥର ସେମାନଙ୍କ ସହିତ ସିଧାସଳଖ ବାର୍ତ୍ତାଳାପ ହେବାପାଇଁ ପ୍ରକାଶ କରିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡିସି ହବ୍ ଲଲାଟେନ୍ଦୁ ଭୋଇ ପରିଚାଳନା କରିଥିବାବେଳେ ଡିସିପିଓ ବିଜୟ କେତନ ସାହୁ, ପିଓ ଭାରତୀ ବେହେରା ଏବଂ ସମସ୍ତ ହବ୍‌ର କର୍ମକର୍ତ୍ତା ଓ ଅଙ୍ଗନୱାଡ଼ି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୁଣା ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଆହ୍ୱାନ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ୍ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ରଜ ମହୋତ୍ସବ-୨୦୨୬ ପାଳିତ ହୋଇଯାଇଛି। ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତି ବୃନ୍ଦାବନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରଜ ମହୋତ୍ସବ-୨୦୨୬ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦାନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ଓଡ଼ିଶାର ମହାନ ଗଣପର୍ବ ରଜ ଉତ୍ସବକୁ ଧୁମ୍ ଧାମ୍‌ରେ ପାଳନ କରି ପୁରୁଣା ସଂସ୍କୃତି ପରମ୍ପରାକୁ ଉଜ୍ଜୀବିତ ରଖିବା ଉଦ୍ୟମକୁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ/ ସଦସ୍ୟାମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନୁଷ୍ଠାନ ପକ୍ଷରୁ ଲୁଡୁ, ତାସ, ଅଳତା, ଦୋଳି, ପାନଭଙ୍ଗା, ହୁଳହୁଳି, ଏକକ ଅଭିନୟ, ମ୍ୟୁଜିକ୍ ଚେୟାର, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର କୋର୍ କମିଟିର ସଦସ୍ୟା ଲକ୍ଷ୍ମୀପ୍ରିୟା ରାଉତରାୟ ସଦସ୍ୟା ମନିଷା ରାଉତ, ମୋନାଲିସା ବେହେରା ପରିଚାଳନା କରିଥିଲେ । ଏହି ରଜ ମହୋତ୍ସବରେ ଅନୁଷ୍ଠାନର କୋର୍ କମିଟିର ଅଧ୍ୟକ୍ଷ ସେକ୍ ଅବୁଦୁଲ ସାଜିଦ, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, କୋର୍ କମିଟିର ସଦସ୍ୟ ଅଶୋକ କୁମାର ପାଣିଗ୍ରାହୀ, ରବିନାରାୟଣ ରାଉତଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ/ସଦସ୍ୟାମାନେ ଯୋଗଦାନ କରି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

### ///// ରାୟଗଡ଼ାରେ ଆପ୍ ରାଜ୍ୟ ସଭାପତିଙ୍କ ଦୃଢ଼ୋକ୍ତି /////

# ଓଡ଼ିଶାରେ 'ଆମ୍ ଆଦମୀ ପାର୍ଟି' ବିକଳ୍ପ ଦଳ ଭାବେ କାର୍ଯ୍ୟ କରିବ



**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଆମ୍ ଆଦମୀ ପାର୍ଟି ଓଡ଼ିଶାରେ ଲୋକଙ୍କର ବିକଳ୍ପ ଦଳ ଭାବେ କାମ କରିବ ବୋଲି ରାଜ୍ୟ ସଭାପତି ରାୟଗଡାରେ ଚାଲିଥିବା ଏକ ସମୀକ୍ଷା ବୈଠକରେ କହିଛନ୍ତି। ଆମ୍ ଆଦମୀ ପାର୍ଟିର ଚାଲିଥିବା ସଦସ୍ୟତା ଅଭିଯାନ, ସଂଗଠନର ଦୃଢ ନିର୍ମାଣ ଦିଗକୁ ଏବଂ ଆଗାମୀ ଦୁଇ ସପ୍ତାହରେ ଜିଲ୍ଲାକୁ କେନ୍ଦ୍ରୀୟ ନେତୃତ୍ୱ ଗସ୍ତର ପୂର୍ବ ପ୍ରସ୍ତୁତିକୁ ସମୀକ୍ଷା କରିବାକୁ ଦଳର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ରାୟଗଡାରେ ପହଞ୍ଚିଛନ୍ତି । ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଦଳୀୟ କର୍ମୀମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ଶ୍ରୀ ମହାପାତ୍ର ଯୋଗଦେଇ ଆପ୍ ଦଳର ସଦସ୍ୟତା ଅଭିଯାନ ରାଜ୍ୟରେ ଦ୍ରୁତ ଗତିରେ ଆଗେଇ ଚାଲିଛି । ରାୟଗଡା ଜିଲ୍ଲାର ତିନୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଧ୍ୟ ଜୋର୍‌ସୋର୍‌ରେ ଏହି ଅଭିଯାନ ଚାଲିଥିବା କହିଛନ୍ତି । ଆଗାମୀ ଦୁଇ ସପ୍ତାହ ମଧ୍ୟରେ ଦଳର କେନ୍ଦ୍ରୀୟ ନେତୃତ୍ୱ ରାୟଗଡା ଜିଲ୍ଲା ଗସ୍ତ କରିବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଆପ୍ ଦଳର ରାଷ୍ଟ୍ରୀୟ ସଭାପତି ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱରେ ଦଳ ଅଧିକ ମଜବୁତ୍ ହେଉଛି । ଓଡ଼ିଶାରେ ବର୍ତ୍ତମାନ ନେତୃତ୍ୱାଧୀନ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ହୋଇଥିବା ବେଳେ ରାଜ୍ୟରେ ଅରାଜକତା ବୃଦ୍ଧି ପାଇଛି । ବିରୋଧୀ ଭୂମିକାରେ ଅନ୍ୟ ଦଳକୁ ଲୋକେ ବିଶ୍ୱାସକୁ ନେଇ ପାରୁନଥିବା ବେଳେ ଆପ୍ ଦଳକୁ ବିକଳ୍ପ ଭାବେ ଗ୍ରହଣ କରିବାକୁ ଚାହୁଁଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାପାତ୍ର ନୂତନ ଭାବେ ଦଳରେ ସାମିଲ୍ ହୋଇଥିବା କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ଦେଇ ସ୍ୱାଗତ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂପାଦକ (ସଙ୍ଗଠନ) ତଥା ଜିଲ୍ଲା ସଭାପତି ଜନ୍ମେଜୟ ସ୍ୱାଇଁ, ଜିଲ୍ଲା ଲିଗାଲ୍ ସେଲ୍ ଉପଦେଷ୍ଟା ଗୁରୁ ପ୍ରସାଦ ସାହୁ, ଆଦିବାସୀ ମୋର୍ଚ୍ଚା ସଭାପତି ଟି. ସାଙ୍ଗନା, ଜିଲ୍ଲା ଉପସଭାପତି ଜିତେନ୍ଦ୍ର ସେନାପତି, ବିଷମକଟକ ବିଧାନସଭା ସଭାପତି ରମେଶ ଚନ୍ଦ୍ର ପାତ୍ର, କାଶିପୁରର ବରିଷ୍ଠ ନେତା ପରିକ୍ଷିତ ନାଏକ, ସାଧୁରାମ ନାଏକ, ରାୟଗଡା ବ୍ଲକ୍‌ର ଯୁବ ଉପସଭାପତି ସୁନ୍ଦର କାଡ୍ରାକା, ରାୟଗଡା ବ୍ଲକ ଉପସଭାପତି ବିଜୁ ଖିଲକା, ପାରିଆ କାଡ୍ରକା, ସନ୍ତୋଷ ପାଇକ, ହେମନ୍ତ ଖୋସଲା, ଆଜେସ ବାଟିଲି, ଜୁନେଶ କୌଶଲ୍ୟା, ବି. ଜଗଦୀଶ କୁମାର ଏବଂ ଦଳର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏବଂ କଂଗ୍ରେସ ଦଳ ପରିତ୍ୟାଗ କରି ରାୟଗଡା ବ୍ଲକର ନାକିଟି ପଞ୍ଚାୟତର ଦୂରନ୍ତ ଖୋସୋଲା ଏବଂ ରାୟଗଡ଼ ନଗରର ୧୧ ନମ୍ବର ୱାର୍ଡର ଅନନ୍ତ ନାଏକ ଦଳରେ ଯୋଗଦେଇଥିଲେ।

# ଗୁଣୁପୁରରେ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ



**ଗୁଣୁପୁର, ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ରଥଯାତ୍ରା-୨୦୨୬କୁ ସୁଚାରୁ ଓ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ଲକ୍ଷ୍ୟରେ ଗୁଣୁପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବୋତ୍ତର ବିଭାଗ ପକ୍ଷରୁ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲିପଙ୍କ ଅଧ୍ୟକ୍ଷତାର ବୈଠକ ଅନୁଷ୍ଠିତ ହୋଇଥିଲା। ଦେବୋତ୍ତର ବିଭାଗର କାର୍ଯ୍ୟ ନିର୍ବାହି ଅଧିକାରୀ ଲୀଳାବତୀ ଆଚାର୍ଯ୍ୟୀ ପରିଚାଳନ କରିଥିଲେ। ବିଧାୟକ ସତ୍ୟଜିତ ଗମାଙ୍ଗ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ରଥ ନିର୍ମାଣ, ଯାତ୍ରାପଥର ମରାମତି, ପାନୀୟ ଜଳ, ଆଲୋକ ବ୍ୟବସ୍ଥା, ଟ୍ରାଫିକ୍ ନିୟନ୍ତ୍ରଣ ଓ ଆଇନ୍ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ରଥର ଚକ ଓ ଅଖ ନିର୍ମାଣ ପାଇଁ କାଠ ଯୋଗାଣ, ରଥ ନିର୍ମାଣ ଓ ଫିଟ୍‌ନେସ୍ ପ୍ରମାଣପତ୍ର ପ୍ରଦାନ, ରଥଯାତ୍ରା ପଡ଼ିଆ ଓ ଯାତ୍ରାପଥର ସଫେଇ ଓ ମରାମତି, ରାସ୍ତା ଆଲୋକୀକରଣ, ପାନୀୟ ଜଳ ଯୋଗାଣ ଓ ପାର୍କିଂ ବ୍ୟବସ୍ଥା ଉପରେ ସମ୍ପୃକ୍ତ ବିଭାଗକୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ରଥଯାତ୍ରା, ଗୁଣ୍ଡିଚା ଯାତ୍ରା ଓ ବାହୁଡା ଯାତ୍ରା ସମୟରେ ଆଇନ୍ ଶୃଙ୍ଖଳା ବଜାୟ ରଖିବା, ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଅଗ୍ନିଶମ ବିଭାଗ ପକ୍ଷରୁ ପାଣି ଛିଞ୍ଚନ, ପ୍ରାଥମିକ ଚିକିତ୍ସା ଓ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଥିଲା। ଏହାସହ ଏନ୍‌ସିସି, ସ୍କାଉଟ୍ ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବକ ନିୟୋଜନ, ସାଂସ୍କୃତିକ ମଣ୍ଡପ, ମୀନା ବଜାର, ଟେଣ୍ଟ ଓ ସାଉଣ୍ଡ ବ୍ୟବସ୍ଥା ସହ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ନିରୀକ୍ଷଣ ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ଅଧିକାରୀ ଓ ସଂସ୍ଥାମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ରଥଯାତ୍ରାକୁ ସଫଳ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ବୈଠକରେ ଆହ୍ୱାନ କରାଯାଇଥିଲା। ପୂର୍ବବର୍ଷ ରଥଯାତ୍ରାରେ କିଛି ଖଳ ପ୍ରକୃତିର ଲୋକଙ୍କ ପାଇଁ ମୀନାବଜାରର ଟେଣ୍ଡର ପ୍ରକ୍ରିୟା ସଫଳ ହୋଇପାରିନଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଯାହାକି ଠାକୁରଙ୍କ ଭଣ୍ଡାରଘରକୁ ମୀନାବଜାରର ଆଖିଦୃଶିଆ ଅନୁଦାନ ଆସିପାରିନଥିଲା। ଚଳିତବର୍ଷ ଭକ୍ତଙ୍କ ମନୋରଞ୍ଜନ ସକାଶେ ମୀନାବଜାର ପାଇଁ ପ୍ରଶାସନ ଆଗୁଆ ଟେଣ୍ଡର ପ୍ରକ୍ରିୟା କରିବା ଆବଶ୍ୟକତା ଥିବା ନେଇ ଆଲୋଚନା ହୋଇଥିଲା। ସେବାୟତମାନେ ନିଜ ଦେବୋତ୍ତର ବିଭାଗ ପକ୍ଷରୁ ମନ୍ଦିର ପରିଚାଳନା ଓ ଦରମା ବାବଦରେ ଅସନ୍ତୋଷ ହୋଇ ବୈଠକରେ ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି କରିଥିଲେ। ମନ୍ଦିର ପରିସରରେ ଅସ୍ଥାୟୀ କମିଟି ଦାନ ଅର୍ଥ ଆଦାୟ ଉଦ୍ଦିଷ୍ଟ ବୋର୍ଡ ଲଗାଇଥିବା ନେଇ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଦେବୋତ୍ତର ବିଭାଗର ହସ୍ତକ୍ଷେପରେ ଯାବତୀୟ ଅର୍ଥ ଆଦାୟ ଓ ପରିଚାଳନା ହେବା ପାଇଁ ବୈଠକରେ ଦାବି ଉଠିଥିଲା। ସୂଚନା ଯୋଗ୍ୟ ଯେ ମନ୍ଦିର ପରିଚାଳନା ଓ ଠାକୁରଙ୍କ ଉଦ୍ଦେଶ୍ୟରେ ଦାନ କରାଯାଉଥିବା ଦ୍ରବ୍ୟ ଓ ଦକ୍ଷିଣାକୁ କାର୍ଯ୍ୟାଳୟରେ ପୈଠ କରି ରସିଦ ଗ୍ରହଣ ବୋର୍ଡକୁ ହଟାଇଦେବାପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଦେବୋତ୍ତର ବିଭାଗର ବିନା ଅନୁମତିରେ କୌଣସି ପଦକ୍ଷେପ ନିଆଯାଇପାରିବ ନାହିଁ ବୋଲି ସ୍ପଷ୍ଟ ଭାବେ କହିଥିଲେ। ବୈଠକରେ ଗୁଣୁପୁର ପୌରପରିଷଦ ଅଧ୍ୟକ୍ଷା ମମତା ଗୌଡ, ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦଳପତି କାର୍ଯ୍ୟୀ, ପୌରପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଆଦର୍ଶ ଥାନା ଅଧିକାରୀ କମଳକାନ୍ତ ବସନ୍ତ କୁମାର କଅଁର,ବିଦ୍ୟୁତ୍ ବିଭାଗ, ବନ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଅଗ୍ନିଶମ ବିଭାଗ, ଅତିରିକ୍ତ ତହସିଲଦାର, ଡେପୁଟି କଲେକ୍ଟର ଶୁଭ୍ରସ୍ମିତ ରାଉତ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅଧିକାରୀ ସହ ପ୍ରମୁଖ ପ୍ରଶାସନିକ ଅଧିକାରୀଙ୍କ ଡକ୍ଟର ଚନ୍ଦ୍ର ଧ୍ୱଜ ପଣ୍ଡା, ମୁଖ୍ୟ ସେବାୟତ ମନୋଜ ପାଢୀ, ସୁଆର ସୁଦାମ ପଣ୍ଡା, ମନ୍ଦିର ଉନ୍ନୟନ କମିଟି, ଉମା ଦାସ, ଇନ୍ଦ୍ରାକ୍ଷି ଦାସ, ଏସ୍ ବାବାପ୍ରସାଦ, କାଳି ଶଙ୍କର ରଥ, ଗାଙ୍ଗାରାଜୁ ଶବର, ତିରୁପତି ମହାନ୍ତି, ତିରୁପତି ରଥ, ଟୁକୁନା ରଥ, ମୁନା ପାଣି, ବରିଷ୍ଠ ଓକିଲ ଉମାଚରଣ ପଟନାୟକ, ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ବୈଠକରେ ଉପସ୍ଥିତ ଥିଲେ।

# ବିକାଶର ଦୁଇ ବର୍ଷ:ସୁଶାସନ ଓ ଜନକଲ୍ୟାଣର ନୂଆ ଅଧ୍ୟାୟ




**ବାଲେଶ୍ୱର, ନ୍ୟୁଜ୍**

ଓଡ଼ିଶାରେ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଏକ ବୃହତ୍ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ରାଜ୍ୟ ସରକାରଙ୍କ ବିଗତ ଦୁଇ ବର୍ଷର ଉଲ୍ଲେଖନୀୟ ସଫଳତା ଓ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ଏହି ସମ୍ମିଳନୀରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ବିଧାୟକ, ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ବିଧାୟକ, ସିମୁଳିଆ ପଦ୍ମଲୋଚନ ପଣ୍ଡା, ବିଧାୟକ, ସଦର ମାନସ କୁମାର ଦତ୍ତ, ବିଧାୟିକା ସୁବାସିନୀ ଜେନା, ବିଧାୟକ ନୀଳଗିରି ସନ୍ତୋଷ ଖଟୁଆ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ବିଜେପି ଜିଲ୍ଲା ସଭାପତି, ବାଲେଶ୍ୱର ଈଶ୍ୱର ଚନ୍ଦ୍ର ବେହେରା, ଉତ୍ତର ବାଲେଶ୍ୱର ବିଜେପି ସଭାପତି ଡଃ ପ୍ରଦୀପ କୁମାର ପଣ୍ଡା, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମମତା ମହାପାତ୍ର ଓ ସୁଷମା ରାଣୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ, ଓଡ଼ିଶାରେ ବିଜେପି ସରକାରର ଦୁଇ ବର୍ଷର ଶାସନକାଳ ରାଜ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ଏକ ଯୁଗାନ୍ତକାରୀ ସମୟ ସାବ୍ୟସ୍ତ ହୋଇଛି। ସେ କହିଛନ୍ତି, 'ଆମ ସରକାର ମହିଳା ସଶକ୍ତିକରଣ, ଗରିବ କଲ୍ୟାଣ ଏବଂ ସାମାଜିକ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସୁଛି। ବାଲେଶ୍ୱର ଜିଲ୍ଲାରେ ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଯେଉଁ ଉଦ୍ୟମ କରାଯାଇଛି, ତାହା ଆଜି ଫଳପ୍ରଦ ହେଉଛି।' ସେହିଭଳି ବାଲେଶ୍ୱର ଜିଲ୍ଲାର ପ୍ରଗତି ଓ ବିକାଶ ମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧରେ ମଧ୍ୟ ଉପ ମୁଖ୍ୟମନ୍ତ୍ରୀ ବିସ୍ତୃତ ଭାବେ ଆଲୋକପାତ କରିଥିଲେ ଓ ଠିକ୍ ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ୧୨ ବର୍ଷର ସଫଳତା ସମ୍ପର୍କରେ ମନ୍ତବ୍ୟ ଦେଇ ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି, 'ମୋଦୀଜୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଭାରତ ଆଜି ଶିଖର ସ୍ଥାନରେ ପହଞ୍ଚିଛି । ଗରିବ କଲ୍ୟାଣ, ଭିତ୍ତିଭୂମି ବିକାଶ ଓ ଡିଜିଟାଲ୍ କ୍ରାନ୍ତି ମାଧ୍ୟମରେ ଭାରତୀୟ ଜନଜୀବନରେ ଯେଉଁ ପରିବର୍ତ୍ତନ ଆସିଛି, ତାହା ଅଭୂତପୂର୍ବ। ଓଡ଼ିଶା ମଧ୍ୟ ଏହି ବିକାଶ ପ୍ରକ୍ରିୟାରେ ସମଭାଗୀ ହୋଇ ପ୍ରଗତି ପଥରେ ଅଗ୍ରସର ହେଉଛି।' ସାମ୍ବାଦିକ ସମ୍ମିଳନୀ ପରେ, ଉପ-ମୁଖ୍ୟମନ୍ତ୍ରୀ ବିଭିନ୍ନ କଲ୍ୟାଣକାରୀ ଯୋଜନାର ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଥିଲେ। ଏଥି ମଧ୍ୟରେ ଅନ୍ତ୍ୟୋଦୟ ଅନ୍ନ ଯୋଜନା କାର୍ଯ୍ୟାଦେଶ, ମୋବାଇଲ୍ ସହାୟତା, ମଧୁବାବୁ ପେନ୍‌ସନ୍ ଯୋଜନା, ପ୍ରଧାନମନ୍ତ୍ରୀ ବୟ ବନ୍ଦନା ଯୋଜନା, ଆୟୁଷ୍ମାନ୍ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା । ଲକ୍ଷପତି ଦିଦି ସାର୍ଟିଫିକେଟ୍ ଏବଂ ରାସନ୍ କାର୍ଡ ଅନ୍ତର୍ଭୁକ୍ତ ଥିଲା। ଏହି ଯୋଜନାଗୁଡ଼ିକ ଯୋଗୁ ବାଲେଶ୍ୱର ଜିଲ୍ଲାର ହଜାର ହଜାର ପରିବାର ପ୍ରତ୍ୟକ୍ଷ ଭାବେ ଉପକୃତ ହୋଇଛନ୍ତି। ଏହାପରେ ଉପ-ମୁଖ୍ୟମନ୍ତ୍ରୀ ସୋସିଆଲ୍ ମିଡ଼ିଆ ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ସହ ଏକ ସ୍ୱତନ୍ତ୍ର ଆଲୋଚନା କରିଥିଲେ। ସେ ସେମାନଙ୍କୁ ଆହ୍ୱାନ୍ ଦେଇ କହିଥିଲେ ଯେ, ଆଜିର ଯୁଗରେ ସୂଚନା ସମ୍ପ୍ରସାରଣରେ ସୋସିଆଲ୍ ମିଡ଼ିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଏବଂ ଜନକଲ୍ୟାଣକାରୀ ସୂଚନାକୁ ସଠିକ୍ ଭାବେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସେମାନଙ୍କୁ ସକ୍ରିୟ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ।



# ଶୀତଳଷଷ୍ଠୀ ଯାତ୍ରା ପାଇଁ କୋଷାଗାରରୁ ବାହାରିଲେ ୧୦୮ ଭରିର ସୁନା ନାଗ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଅଷ୍ଟଶମ୍ଭୁଙ୍କ ସହର ସୁବର୍ଣ୍ଣପୁର ଠାରେ ପବିତ୍ର ଶୀତଳଷଷ୍ଠୀ ଯାତ୍ରାର ସମସ୍ତ ପ୍ରସ୍ତୁତି ସରିଛି। ଏଥିପାଇଁ ସୁବର୍ଣ୍ଣପୁର ଜିଲ୍ଲା କୋଷାଗାରରୁ ପ୍ରଭୁ ଚନ୍ଦ୍ରଶେଖରଙ୍କ ସ୍ୱରୂପ ୧୦୮ ଭରିର ସୁନା ନାଗ ବାହାର କରାଯାଇ ପୂଜାର୍ଚ୍ଚନା ପରେ ଥନାପତିପଡା ସ୍ଥିତ ଚନ୍ଦ୍ରଶେଖର ମନ୍ଦିରରେ ପହଞ୍ଚିଛନ୍ତି । ତେଣେ ସତ୍‌ସଙ୍ଗ ବିହାର ସ୍ଥିତ ହିମାଦ୍ରୀ ନଗର ଚଳଚଞ୍ଚଳ ହୋଇଉଠିଛି। କନ୍ୟା ମାତାପିତା ଭାବରେ ବଣ୍ଟୁ ଅଗ୍ରୱାଲ ଓ ଦୀପା ଅଗ୍ରୱାଲ ମଧ୍ୟ ମାତା ପାର୍ବତୀଙ୍କ ବିବାହ ପାଇଁ ପୂର୍ଣ୍ଣ ପ୍ରସ୍ତୁତିରେ ଲାଗିପଡିଛନ୍ତି। କନ୍ୟା ବିବାହ ପାଇଁ ଯେତେ ପ୍ରକାର ଜିନିଷ ଦରକାର ସମସ୍ତ ଜିନିଷ ପତ୍ର ଯୋଗାଡ଼ ସରିଛି। ବରଂ ଓ କନ୍ୟାଙ୍କୁ ଦେବାପାଇଁ ପଲଙ୍କ ଲୁଗାପଟା ମୁଦି, ରୂପାର ପାଉଁଜି, କଠଉ, ବେଲପତ୍ର ଓ ସମସ୍ତ ପ୍ରକାର ଅଳଙ୍କାର ସଂଗ୍ରହ କରିସାରିଛନ୍ତି। ମାଙ୍ଗଳିକ, ମାଟିପକା କାମ ଇତିମଧ୍ୟରେ ବଢ଼ିଥିବା ବେଳେ ଦେବ ନିମନ୍ତ୍ରଣ ମଧ୍ୟ ସରିଛି। ସକାଳେ ଅଳଙ୍କାର ଧାରଣ ଓ ଅପରାହ୍ନରେ ବର ନିମନ୍ତ୍ରଣ ହୋଇଛି । ସେହିପରି ୧୮ ତାରିଖରେ ଗଣସନ, ମଙ୍ଗଳନ ରହିଥିବାବେଳେ ରାତିରେ ବରଙ୍କ ଆଗମନ ସହ ରାତ୍ରିରେ ବିବାହ ପାଣିଗ୍ରହଣ ପରେ ତା ଆରଦିନ ପ୍ରଭୁ ଚନ୍ଦ୍ରଶେଖର ଓ ମାତା ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଦର୍ଶନ ରହିଛି । ପରବର୍ତ୍ତୀ ପ୍ରାତଃ ସମୟରେ ଦେବଦମ୍ପତିଙ୍କ ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ସମଗ୍ର ସହର ଚଳଚଞ୍ଚଳ ଜଣାପଡୁଛି। ଯାତ୍ରାର ସଫଳ ପରିଚାଳନା ପାଇଁ କମିଟି ଓ ପ୍ରଶାସନ ସହ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୮।୦୬।୨୦୨୬, ଜ୍ୟୈଷ୍ଠ ଦ୪ନ, ଗୁରୁବାର**
**ସୂର୍ଯ୍ୟୋଦୟ- ଘ ୫।୦୯।୧୮ ଚନ୍ଦ୍ରୋଦୟ- ଦିଘ ୮।୨୦।୪୧**
ଚତୁର୍ଥୀ ସଂଘ ୬।୫୯ ପର୍ଯ୍ୟନ୍ତ, ପୁଷ୍ୟା ନକ୍ଷତ୍ର ଦିଘ ୧୧।୩୫ ପର୍ଯ୍ୟନ୍ତ। **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ସଂଘ ୬।୫୮ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୩ ଗତେ ଦିଘ ୬।୦୬ ମଧ୍ୟେ। ଦିଘ ୯।୩୭ ଗତେ ଦିଘ ୧୨।୨୩ ମଧ୍ୟେ । **ପର୍ବୋତ୍ସବ-** ଶିବ ବିବାହ।



**ମେଷ:** ସମସ୍ତ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। କୁଭୋଜନ କରି ଉଦର ପୀଡ଼ା ଦେଖାଦେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଅଶାନ୍ତି ଓ କଳହ ଦେଖାଦେବ। ସାମାଜିକ କ୍ଷେତ୍ରରେ ସମ୍ମାନ ହାନୀ।



**ବୃଷ:** କର୍ମକ୍ଷେତ୍ରରେ ଅଶାନ୍ତି ଦେଖାଦେବ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ପରିବାରରେ ଦୁଶ୍ଚିନ୍ତା ଦେଖାଦେବ। ଖର୍ଚ୍ଚର ମାତ୍ରା ସାମାନ୍ୟ ବଢ଼ିବ। ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ। ମନ ଅସ୍ଥିର ରହିବ ।



**ମିଥୁନ:** ବ୍ୟବସାୟରେ ଲାଭବାନ୍ ହେବେ। ଦେହ ଓ ମନ ଭଲ ରହିବ। ଘରେ ଖୁସିର ବାତାବରଣ ଖେଳିବ। ଶତ୍ରୁ ଉପରେ ବିଜୟ ହାସଲ କରିବେ। ଆୟର ପରିମାଣ ସ୍ଥିର ରହିବ। ମହିଳାମାନେ ସୁଖୀ ହେବେ ।




**କର୍କଟ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ। ନୂତନ କାର୍ଯ୍ୟ ଆରମ୍ଭ ହୋଇପାରେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ଘଟିବ। ଗୃହେ ଆନନ୍ଦ ଦେଖାଦେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ।




**ସିଂହ:** ଐଶ୍ୱର୍ଯ୍ୟ ପ୍ରାପ୍ତି ହେବ। ଶତ୍ରୁ ନାଶ ହେବେ। ବନ୍ଧୁ ମିଳନ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ରୋଜଗାର ଭଲ ହେବ। ଘରେ ସୁଖ ଶାନ୍ତି ଲାଭ ହେବ ।




**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଉପରେ ନିର୍ଭର କରି ଉନ୍ନତି କରିବେ। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ।




**ତୁଳା:** ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଘରେ ସୁଖ ଶାନ୍ତି ଲାଭ ହେବ। ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁ ଦର୍ଶନର ସୁଯୋଗ।



**ବିଛା:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ। ସାମାଜିକ କ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ହେବ। ଧନ ଲାଭ ହେବ। ପାରିବାରିକ ଜୀବନ ସୁଖମୟ ହେବ। କଚେରୀ ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବ ।



**ଧନୁ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ବ୍ୟବସାୟରେ କ୍ଷତିର ସମ୍ଭାବନା। ଘରେ ଅସହଯୋଗ ଦେଖାଦେବ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ହେବେ। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ।



**ମକର:** ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଆୟର ପରିମାଣ ଅଧିକ ହେବ। ଦେହ ଭଲ ରହିବ। ଘରେ ସୁଖ ଶାନ୍ତି ପ୍ରାପ୍ତ ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ହେବାର ସମ୍ଭାବନା ।



**କୁମ୍ଭ:** ବ୍ୟବସାୟରେ ଲାଭବାନ୍ ହେବେ। ଦେହ ଭଲ ରହିବ। ଘରେ ଆନନ୍ଦ ଦେଖାଦେବ। ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। ଆୟର ପରିମାଣ ବଢ଼ିବ। ଶୁଭ ଖବର ପାଇ ଆନନ୍ଦିତ ହେବାର ସୂଚନା ।



**ମୀନ:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ। ବନ୍ଧୁ ଦର୍ଶନ ସହ ସାହାଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ। ଆୟ ଓ ବ୍ୟୟ ସମାନ ରହିବ। ଘରେ ସୁଖ ଲାଭ ହେବ। ଦେବ ଦର୍ଶନ ସହ ପୂଜାର ସୁଯୋଗ ମଧ୍ୟ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୯।୦୬।୨୦୨୬, ଜ୍ୟୈଷ୍ଠ ଦ୫ନ, ଶୁକ୍ରବାର**
**ସୂର୍ଯ୍ୟୋଦୟ- ଘ ୫।୦୯।୨୮ ଚନ୍ଦ୍ରୋଦୟ- ଦିଘ ୯।୨୪।୫୧**
ପଞ୍ଚମୀ ସଂଘ ୫।୦୨ ପର୍ଯ୍ୟନ୍ତ, ଅଶ୍ଳେଷା ନକ୍ଷତ୍ର ଦିଘ ୧୦।୧୧ ପର୍ଯ୍ୟନ୍ତ। **କର୍କଟ ଚନ୍ଦ୍ର-** ଦିଘ ୧୦।୧୧ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । ଦିଘ ୧୦।୧୧ ଗତେ ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ଦିଘ ୧୦।୧୧ ଗତେ କର୍କଟ ଓ ମକର ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ସଂଘ ୫।୦୨ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୫ ଗତେ ଦିଘ ୬।୫୮ ମଧ୍ୟେ। ଦିଘ ୧୨।୧୬ ଗତେ ଦିଘ ୨।୫୪ ମଧ୍ୟେ । **ପର୍ବୋତ୍ସବ-** ଶୀତଳ ଷଷ୍ଠୀ, ଆରଣ୍ୟକ ଷଷ୍ଠୀ ବା ସ୍କନ୍ଦ ଷଷ୍ଠୀ।


ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ପେଟ୍ରୋଲିୟମ ରପ୍ତାନି ଶୁଳ୍କ ବୃଦ୍ଧି

କେନ୍ଦ୍ର ସରକାର ଇନ୍ଧନର ନୂତନ ରପ୍ତାନି ଶୁଳ୍କ ବୃଦ୍ଧି ଘୋଷଣା କରିଛନ୍ତି। ରାଜସ୍ୱ ବିଭାଗର ଏକ ବିଜ୍ଞପ୍ତି ଅନୁଯାୟୀ, ଡିଜେଲ ରପ୍ତାନି ଉପରେ ଏବେ ପ୍ରତି ଲିଟର ୧୪ ଟଙ୍କା ରପ୍ତାନି ଶୁଳ୍କ ଲାଗୁ ହେବ। ଏହା ସହିତ, ବିମାନ ଟର୍ବାଇନ୍ ଇନ୍ଧନ ବା ଏଟିଏଫ୍ ରପ୍ତାନି ଉପରେ ପ୍ରତି ଲିଟର ୧୨.୫ ଟଙ୍କା ରପ୍ତାନି ଶୁଳ୍କ ଲାଗୁ କରାଯାଇଛି। ତେବେ ସରକାର ଏପର୍ଯ୍ୟନ୍ତ ପେଟ୍ରୋଲ ଉପରେ ରପ୍ତାନି ଶୁଳ୍କରେ କୌଣସି ପରିବର୍ତ୍ତନ କରିନାହାନ୍ତି। ଘରୋଇ ବ୍ୟବହାର ପାଇଁ ବିକ୍ରି ହେଉଥିବା ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ହାର ମଧ୍ୟ ଅପରିବର୍ତ୍ତିତ ରଖାଯାଇଛି। ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏହି ସଂଶୋଧିତ ହାର ମଙ୍ଗଳବାର ଦିନ ଦେଶବ୍ୟାପୀ କାର୍ଯ୍ୟକାରୀ ହୋଇଛି। ସରକାର ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ଏହି ବୃଦ୍ଧି ଗ୍ରାହକଙ୍କ ପକେଟ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ନାହିଁ। ଭାରତର ଘରୋଇ ବଜାରରେ ପର୍ଯ୍ୟାପ୍ତ ଇନ୍ଧନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ପଶ୍ଚିମ ଏସିଆରେ ଚାଲିଥିବା ଅସ୍ଥିରତା ମଧ୍ୟରେ ଘରୋଇ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ମାର୍ଚ୍ଚ ୨୭ ରୁ ଏକ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ କରାଯାଇଥିଲା। ସରକାର ସେହି ସମୟରୁ ପେଟ୍ରୋଲ, ଡିଜେଲ ଏବଂ ଏଟିଏଫ ରପ୍ତାନି ଉପରେ ଏକ ସଡ଼କ ଭିତ୍ତିଭୂମି ସେସ୍ ମଧ୍ୟ ଲାଗୁ କରିବା ଆରମ୍ଭ କରିଥିଲେ। ହାରାହାରି ଅଶୋଧିତ ତୈଳ ମୂଲ୍ୟ ଉପରେ ଆଧାର କରି ଏହି ହାରଗୁଡ଼ିକ ପ୍ରତି ପନ୍ଦର ଦିନରେ ସମୀକ୍ଷା କରାଯାଏ। ଶେଷ ଥର ପାଇଁ ଜୁନ୍ ୧ ତାରିଖରେ ଏହି ହାରଗୁଡ଼ିକୁ ସଂଶୋଧନ କରାଯାଇଥିଲା, ଯାହା ପରେ ଏହି ନୂତନ ହାରଗୁଡ଼ିକ ବର୍ତ୍ତମାନ କାର୍ଯ୍ୟକାରୀ ହୋଇଛି।

ପେଟ୍ରୋଲିୟମ ମନ୍ତ୍ରଣାଳୟ ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ଦେଶରେ ପେଟ୍ରୋଲ, ଡିଜେଲ, ଏଲପିଜି ଏବଂ ପ୍ରାକୃତିକ ଗ୍ୟାସ୍‌ର କୌଣସି ଅଭାବ ନାହିଁ। ଯୁଗ୍ମ ସଚିବ ସୁଜାତା ଶର୍ମା ସମସ୍ତ ନାଗରିକ ଏବଂ ଶିଳ୍ପକୁ ଦାୟିତ୍ୱର ସହ ଶକ୍ତି ବ୍ୟବହାର କରିବାକୁ ନିବେଦନ କରିଛନ୍ତି। ସେ ବଡ଼ ଶିଳ୍ପ ଏବଂ ବାଣିଜ୍ୟିକ ଗ୍ରାହକମାନଙ୍କୁ ସେମାନଙ୍କର ଗ୍ରାହକ ପମ୍ପରୁ ସିଧାସଳଖ ଡିଜେଲ କିଣିବାକୁ ଅନୁରୋଧ କରିଛନ୍ତି। ଏହା ଜନସାଧାରଣଙ୍କ ପାଇଁ ଖୋଲା ଥିବା ଖୁଚୁରା ଦୋକାନଗୁଡ଼ିକ ଉପରେ ଗୁରୁତ୍ୱପୂର୍ଣ୍ଣ ଚାପ ହ୍ରାସ କରିବ ଏବଂ ଜନସାଧାରଣଙ୍କ ଅସୁବିଧାକୁ ରୋକିବ।

ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ଯୋଗାଣ ସ୍ଥିର ରହିଛି, ଏବଂ ଦେଶର ସମସ୍ତ ରିଫାଇନାରୀ ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରୁଛନ୍ତି। ସମସ୍ୟାର ମୂଳ ହେଉଛି ବ୍ୟବହାର ଢାଞ୍ଚାରେ ହଠାତ୍ ପରିବର୍ତ୍ତନ, ଯାହା ଫଳରେ ବଜାରରେ ଏହି ଇନ୍ଧନର ବ୍ୟାପକ ଚାହିଦା ବୃଦ୍ଧି ପାଇଛି। ମେ' ମାସରେ ପୂର୍ବରୁ ବଲ୍କ ପମ୍ପ ମାଧ୍ୟମରେ ବଣ୍ଟନ କରାଯାଉଥିବା ପ୍ରାୟ ୪୨ କୋଟି ଲିଟର ଡିଜେଲ ହଠାତ୍ ଖୁଚୁରା ଦୋକାନଗୁଡ଼ିକୁ ସ୍ଥାନାନ୍ତରିତ ହୋଇଥିଲା । ଏହି ବିଶାଳ ପରିବର୍ତ୍ତନ କିଛି କ୍ଷେତ୍ରରେ ଯୋଗାଣ ବାଧା ଏବଂ ସମସ୍ୟା ସୃଷ୍ଟି କରିଥିଲା। ସାଧାରଣ ଗ୍ରାହକଙ୍କୁ ସୁରକ୍ଷା ଦେବା ପାଇଁ, ଜୁନ୍ ୧୧ ତାରିଖରେ ଜାରି ହୋଇଥିବା ବଜେଟ୍ ବିଜ୍ଞପ୍ତିରେ ଖୁଚୁରା ଡିଜେଲ ବିକ୍ରୟ ଉପରେ ଏକ ନୂତନ ସୀମା ସ୍ଥିର କରାଯାଇଥିଲା। ବ୍ୟକ୍ତିବିଶେଷ ଏବେ ଖୁଚୁରା ପମ୍ପରୁ ପ୍ରତିଦିନ ସିଧାସଳଖ ୨୦୦ ଲିଟର ପର୍ଯ୍ୟନ୍ତ ଡିଜେଲ କିଣିପାରିବେ। ଶିଳ୍ପ ଏବଂ ବାଣିଜ୍ୟିକ ଗ୍ରାହକମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ଯୋଗାଣ ସିଧାସଳଖ ସେମାନଙ୍କ ନିର୍ଦ୍ଦିଷ୍ଟ ପମ୍ପରୁ କିଣିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହା ପ୍ରାୟ ୯୦ ଦିନ ପାଇଁ ଏକ ଅସ୍ଥାୟୀ ବ୍ୟବସ୍ଥା, ଯାହା ନାଗରିକମାନଙ୍କର ଅସୁବିଧା ଏଡାଇବା ପାଇଁ କାର୍ଯ୍ୟକାରୀ କରାଯାଇଛି।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଯଶ ଲାଭ କିପରି ହୁଏ

ଶ୍ରଦ୍ଧେୟ ଭକ୍ତବୃନ୍ଦ ବିତିଯାଇଥିବା କଥାକୁ ଭୂଲିଯାଇ ଯିଏ ଆଗକୁ ଆଗକୁ ଚାଲେ ତାକୁ ସଂସାରରୁ ଯଶ ଲାଭ ପ୍ରାପ୍ତ ହୁଏ ଏବଂ ତାର ଜୟ ଜୟ କାର ହୁଏ । ପ୍ରକୃତରେ ସେ ହିଁ ବୁଦ୍ଧିମାନ ବ୍ୟକ୍ତି ହୋଇଥାଏ। ଏଇଠି ଗୋଟେ କଥା କହୁଛି–ଥରେ ବୁଦ୍ଧଦେବ ପ୍ରାତଃ ଭ୍ରମଣ ସାରି ଫେରୁଛନ୍ତି ଏହି ସମୟରେ ଜଣେ ଲୋକ ତାଙ୍କୁ ଗାଳି ଗୁଲଜ କଲା ବୁଦ୍ଧଦେବ ସେଥିପ୍ରତି କର୍ଣ୍ଣପାତ ନକରି ଉଆସକୁ ଫେରିଗଲେ କିନ୍ତୁ ପରଦିନ ସକାଳୁ ସେହି ବ୍ୟକ୍ତି ରାଜ ଉଆସରେ ଯାଇ ଗୁହାରିଆ ପଡିଛି । ବୁଦ୍ଧଦେବ ଦେଖିଲେ ଦେଖ ସେ କିଏ ଏପରି ଶୋଇଛି ତାକୁ ଉଠାଅ । ସେ ଉଠିଲା ପରେ ତାକୁ ପଚାରିଲେ ତୁମେ କାହିଁକି ଆସିଛ, ସେ କହିଲା ପ୍ରଭୁ କାଲି ମୁଁ ଆପଣଙ୍କୁ ଏତେ ତିରସ୍କାର କଲି କିନ୍ତୁ ଆପଣ ନିରବ ରହି ଚାଲିଆସିଲେ । ତାପରେ ମୁଁ କାଲିଠାରୁ ବହୁତ ମନସ୍ତାପରେ ଅଛି । ମୋତେ କ୍ଷମା କରନ୍ତୁ । ତତ୍‌କ୍ଷଣାତ୍ ବୁଦ୍ଧଦେବ କହିଲେ ଆରେ କାଲି ଠାରୁ ତୁ ସେଇଠି ବସିଛୁ । କାଲି କେତେ ପବନ ବହିଗଲାଣି,କେତେ ପାଣି ବହି ଗଲାଣି,କେତେ ଲୋକ ମରିଗଲେଣି,କେତେ ପୁଣି ଜନ୍ମ ନେଲେଣି କିନ୍ତୁ ତୁ ସେଇଠି ବସିଛୁ । ଯା,ଯା ଆଗକୁ ଯା କାଲି କଣ ହେଲା ତାକୁ ଭୂଲିଯାଇ ବର୍ତ୍ତମାନର କାର୍ଯ୍ୟ କର । ନିଶ୍ଚୟ ତୁମର ମଙ୍ଗଳ ହେବ । ତୁମେତ ଅନୁତାପର ଅଗ୍ନିରେ ଦଗ୍ଧ ହୋଇ ସୁବର୍ଣ୍ଣ ପାଲଟି ଯାଇଛ । ମୁଁ ଆଉ କଣ କ୍ଷମା କରିବି । ପ୍ରଭୁତ ତୁମକୁ କ୍ଷମା କରି ଦେଇଛନ୍ତି । ହରି ଓଁ ।

### ଧନ

ଶ୍ରଦ୍ଧେୟ ଭକ୍ତବୃନ୍ଦ ପ୍ରକୃତ ଧନ ହେଉଛି ଆତ୍ମଜ୍ଞାନ,ଆତ୍ମାକୁ ବୁଝିବା, ଆତ୍ମାକୁ ଜାଣିବା, ଆତ୍ମାର ଗତିକୁ ବୁଝିବା ଏହାହିଁ ଭକ୍ତର ପ୍ରକୃତ ଧନ,ବିନା ଧନରେ(ଟଙ୍କା ପଇସା)ନଥାଇ ଯେଉଁ ଭକ୍ତ ଆତ୍ମଜ୍ଞାନ ପ୍ରାପ୍ତ କରିଥାଏ ଏ ପୃଥିବୀର ଯେ କୌଣସି ସ୍ଥାନକୁ ଅନାୟାସରେ ଯାଇପାରିବେ ଏବଂ ସକଳ ସ୍ଥାନରୁ ତାକୁ ଖାଦ୍ୟ, ପେୟ, ବସ୍ତ୍ର, ଧନ, ରହିବା ପାଇଁ ସ୍ଥାନ ସବୁ ମିଳିପାରିବ । ତେଣୁ ବସ୍ତୁବାଦ ଜଗତକୁ ଲକ୍ଷ୍ୟ ଦେଇ ଯେ କୋଠା, ବାଡ଼ି, ଧନ, ସମ୍ପଦରେ ଅନ୍ଧ ହୋଇଥାଏ ସେ ଏହି ବିଶାଳ ପୃଥିବୀରେ ଯେତେ ଟଙ୍କା ରୋଜଗାର କଲେ ବି ତାକୁ ଅଣ୍ଟିବ ନାହିଁ । କି ତା ମନରେ ଶାନ୍ତି ମିଳିପାରିବ ନାହିଁ । ସେ ସବୁବେଳେ ମାୟାରୂପକ ଜାଲରେ ଆପେ ଆପେ ଛନ୍ଦି ହୋଇ ଯାଉଥିବ । ଏହାହିଁ ସତ୍ୟ, ଏହାହିଁ ସରଳତା, ପ୍ରକୃତରେ ସରଳତା ହିଁ ଚତୁରତାର ଚାବିକାଠି । ଏହି ସରଳ ମାର୍ଗରେ ଯିବାପାଇଁ ଆମକୁ ସତର୍କତାର କୌଶଳ ତାକୁ ଅବଲମ୍ବନ କରିବାକୁ ପଡିଥାଏ । ଭାଗବତରେ ଅଛି ସରଳ ମନେ କଲେ ଧ୍ୟାନ ନିଷ୍ଠେ ଭେଟିବେ ଭଗବାନ । ହରି ଓଁ ।

# ସମାନ ନାଗରିକ ସଂହିତା ପାଇଁ ସହମତି ଜରୁରୀ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଇଉନିଫର୍ମ ସିଭିଲ କୋଡ଼ ବା ସମାନ ନାଗରିକ ସଂହିତାର ଆବଶ୍ୟକତା ଓ ଯୁକ୍ତିଯୁକ୍ତତା ଉପରେ ଅନେକ ବିତର୍କ ହୋଇଛି । କେତେକ ଏହାର ଆବଶ୍ୟକତାକୁ ସ୍ୱୀକାର କରୁଥିବା ବେଳେ ଅନ୍ୟ କେତେକ ଏହାକୁ ବିରୋଧ କରନ୍ତି । ଅତୀତରେ ସମଗ୍ର ଦେଶରେ ଏହାକୁ ନେଇ ବ୍ୟାପକ ଚର୍ଚ୍ଚା ହୋଇଛି ଓ ବାଦବିବାଦ ମଧ୍ୟ ଦେଖା ଦେଇଛି । ଅନେକେ ଗୋଟିଏ ରାଷ୍ଟ୍ର ଓ ଗୋଟିଏ ପ୍ରକାର ନିୟମର ସପକ୍ଷରେ ଯୁକ୍ତି ବାଢନ୍ତି । ଅନ୍ୟମାନେ ଅନେକ ସାମାଜିକ ଓ ଧାର୍ମିକ ବିବିଧତା ଥିବା ଭାରତବର୍ଷରେ ଏହା ସମ୍ଭବପର ନୁହେଁ ବୋଲି ମତବ୍ୟକ୍ତ କରନ୍ତି । ଭାରତୀୟ ଜନତା ପାର୍ଟି ଓ ହିନ୍ଦୁତ୍ୱବାଦୀ ସଂଗଠନଗୁଡିକ ସର୍ବଦା ଏହାକୁ ସମର୍ଥନ କରିଆସିଛନ୍ତି । ତେଣୁ ବେଳେବେଳେ ଏହାକୁ ଆଗତ କରିବା କଥା ଉଠାଉଛନ୍ତି । ଅନ୍ୟ ପକ୍ଷରେ ଧର୍ମନିରପେକ୍ଷତା ଉପରେ ବିଶ୍ୱାସ କରୁଥିବା ଅନେକ ରାଜନୈତିକ ଦଳ ଏହାକୁ ବିରୋଧ କରି ଆସିଛନ୍ତି । ସାଧାରଣ ଜନତା ମଧ୍ୟ ଏହାକୁ ନେଇ ଦୁଇଭାଗରେ ବିଭକ୍ତ । ତେବେ ଅନେକ ବିଜ୍ଞ ଓ ପ୍ରଜ୍ଞାଶୀଳ ରାଷ୍ଟ୍ରନୀତିଜ୍ଞ ଦେଶରେ ସମାନ ନାଗରିକ ସଂହିତାର ଉପଯୋଗିତା ଯଥେଷ୍ଟ ରହିଛି ଓ ଏଦିଗରେ ନିୟମ ପାରିତ ହେବାର ଆବଶ୍ୟକତାକୁ ଅନୁଭବ କରନ୍ତି । ଏହା ଏକ ସ୍ପର୍ଶକାତର ବିଷୟ ହୋଇଥିବା ଯୋଗୁଁ ଏହା ଉପରେ ଅତୀତରେ କୌଣସି ସରକାର ହାତ ମାରିବାକୁ ଚେଷ୍ଟା କରିନାହାନ୍ତି । ବର୍ତ୍ତମାନର ବିଜେପି ନେତୃତ୍ୱାଧୀନ ସରକାର ତାର ନିର୍ବାଚନ ଇସ୍ତାହାରରେ ସର୍ବଦା ସମାନ ନାଗରିକ ସଂହିତା ପ୍ରଣୟନ ପାଇଁ ଉଲ୍ଲେଖ କରିଆସିଛି । ବିଜେପିର ଏହା ଏକ ପୁରୁଣା ଏଜେଣ୍ଡା । ପାର୍ଟି ଗଠନ ମୂଳରୁ ଏହାର ସପକ୍ଷରେ ବିଜେପି କହି ଆସିଛି । ଅନେକ ହିନ୍ଦୁତ୍ୱବାଦୀ ସଂଗଠନ ଓ ରାଜନୈତିକ ଦଳ ଏହାକୁ ସମର୍ଥନ କରିଆସିଛନ୍ତି । ଏହି ବିଷୟକୁ ନେଇ ବିଜେପି ଅଭିଯୋଗ ଆଣି ଆସିଛି ଯେ ବିରୋଧୀ ଦଳଗୁଡିକ ଏହା ବଦଳରେ ତୁଷ୍ଟିକରଣ ରାଜନୀତି କରୁଛନ୍ତ । ଅନେକ ସଂଖ୍ୟାଲଘୁ ସମ୍ପ୍ରଦାୟ ଏପରି ସାଧାରଣ ନିୟମର ପ୍ରଣୟନକୁ ଗ୍ରହଣ କରିପାରୁ ନାହାଁନ୍ତି । ଏହାଦ୍ୱାରା ତାଙ୍କ ଧାର୍ମିକ ନୀତିନିୟମ ବଳିପଡ଼ିବ ବୋଲି ଅନୁଭବ କରୁଛନ୍ତି । ତେଣୁ ସେମାନେ ଏହାକୁ ବିରୋଧ କରୁଛନ୍ତି । ତାଙ୍କ ଭୋଟ ପାଇବା ଆଶାରେ ବିରୋଧିମାନେ ତାଙ୍କ ହଁରେ ହଁ ମାରୁଛନ୍ତି । ବିଜେପି ବିଶେଷକରି ମୁସଲମାନମାନଙ୍କୁ ଲକ୍ଷ୍ୟରେ ରଖି ସେମାନେ କାହିଁକି ସମାନ ନିୟମର ଅନ୍ତର୍ଗତ ହେବେ ନାହିଁ ବୋଲି ଅଭିଯୋଗ କରିଆସିଛି । ମୁସଲମାନମାନେ ସମାନ ନାଗରିକ ସଂହିତା ଅପେକ୍ଷା ସାରିଆତର ନିୟମ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଯୋଗୁଁ ବିବାଦ ଦେଖାଦେଉଛି । ଏମାନଙ୍କ ବ୍ୟତୀତ ଅନ୍ୟ ସଂଖ୍ୟାଲଘୁମାନେ ଏପରି ନିୟମକୁ ନେଇ ଏତେ ପ୍ରତିକ୍ରିୟାଶୀଳ ନୁହଁନ୍ତି । ଅନେକ ଆଦିବାସୀ ସଂଗଠନ ଓ ଗୋଷ୍ଠୀମାନେ ମଧ୍ୟ ଏହାକୁ ବିରୋଧ କରୁଛନ୍ତି । ନିଜ ସଂସ୍କୃତି, ପରମ୍ପରା ଓ ଧର୍ମବିଶ୍ୱାସ ନଷ୍ଟ ହୋଇଯିବା ଭୟରେ ସେମାନେ ଏହାକୁ ବିରୋଧ କରିବାର ଦେଖାଯାଉଛି । ସମ୍ବିଧାନ ରଚନା କାଳରେ ସମ୍ବିଧାନ ପ୍ରଣୟନ ସଭାରେ ମଧ୍ୟ ଏହା ଉପରେ ବ୍ୟାପକ ଚର୍ଚ୍ଚା ହୋଇଥିଲା । କିନ୍ତୁ ସେ ସମୟରେ ସଦସ୍ୟମାନେ ଏହାକୁ ନେଇ ଏକମତ ହୋଇପାରି ନଥିଲେ ଯଦିଓ ଏହାର ଆବଶ୍ୟକତାକୁ ସ୍ୱୀକାର କରିଥିଲେ । କାରଣ ସେ ସମୟରେ ବିଭିନ୍ନ ଧର୍ମ, ଗୋଷ୍ଠୀ ଓ ସମ୍ପ୍ରଦାୟର ନେତାଙ୍କୁ ମନାଇବା ସହଜସାଧ୍ୟ ନଥିଲା । ତେଣୁ ସମସ୍ତଙ୍କ ମତକୁ ସ୍ୱୀକାର କରିବାକୁ ଯାଇ ନିୟମର ବିବିଧତାକୁ ମଧ୍ୟ ସ୍ୱୀକାର କରାଯାଇ ଥିଲା । ସମ୍ବିଧାନ ପ୍ରଣୟନ ଚିଠା କମିଟିର ଚେୟାରମ୍ୟାନ ଡକ୍ଟର ବି.ଆର ଆମ୍ବେଦକର ଏକ ପ୍ରଗତିଶୀଳ ଇଉନିଫର୍ମ ସିଭିଲ କୋର୍ଡର ଦୃଢ଼ ସମର୍ଥକ ଥିଲେ । ସହମତିର ଅଭାବରୁ ଏହାକୁ ସମ୍ବିଧାନରେ ସ୍ଥାନିତ କରାଯାଇ ପାରିନଥିଲା । ଏଥିପାଇଁ ସେ ସମ୍ବିଧାନର ଧାରା ୪୪ ରେ ସ୍ଥାନିତ କରି ଯାଇଛନ୍ତି ଯେ ରାଷ୍ଟ୍ର ଏଦିଗରେ ପ୍ରୟାସ ଅବ୍ୟାହତ ରଖିବା ଉଚିତ୍ । ଏକ ପ୍ରଗତିଶୀଳ ଓ ଆଧୁନିକ ରାଷ୍ଟ୍ର ଗଠନ ପାଇଁ ଏହା ଅପରିହାର୍ଯ୍ୟ ବୋଲି ତାଙ୍କ ମତ ଥିଲା । ସ୍ୱାଧୀନତା ପରେ ହିନ୍ଦୁଧର୍ମରେ ସମାନତା ଆଣିବା ପାଇଁ ସେ ସୁପ୍ରସିଦ୍ଧ ହିନ୍ଦୁ କୋଡ୍ ବିଲ୍ ସଂସଦରେ ଆଗତ କରିଥିଲେ । ଏହା ମଧ୍ୟ ସମାନ ନାଗରିକ ସଂହିତାର ଅଂଶବିଶେଷ ଥିଲା । ରକ୍ଷଣଶୀଳ ହିନ୍ଦୁଙ୍କ ପ୍ରବଳ ବିରୋଧ ଯୋଗୁଁ ଏହା ଗୃହିତ ହୋଇପାରିଲା ନାହିଁ । ଅର୍ଥାତ୍ ସେ ସମୟରେ ହିନ୍ଦୁ ସମାଜର ଏକ ବଡ଼ଅଂଶ ଏପରି ନିୟମର ସପକ୍ଷରେ ନଥିଲା । ଶେଷରେ ଏହି ପ୍ରସଙ୍ଗ ଉପରେ ଡକ୍ଟର ଆମ୍ବେଦକର କ୍ଷୋଭର ସହିତ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ । ସପକ୍ଷବାଦୀଙ୍କ ଯୁକ୍ତି ହେଉଛି ଗୋଟିଏ ଦେଶରେ ଗୋଟିଏ ପ୍ରକାର ନିୟମ ହେବା ଜରୁରୀ । ଏହା ରାଷ୍ଟ୍ରୀୟ ଏକତାକୁ ମଜଭୁତ କରିବ । ଅମାନବୀୟ ଓ ଅନୈତିକ ସାମାଜିକ ବିଧିବିଧାନକୁ ସମାପ୍ତ କରିବ । ପ୍ରାୟତଃ ସମସ୍ତ ବିକଶିତ ରାଷ୍ଟ୍ର ସମାନ ନାଗରିକ ନିୟମକୁ ଅନୁସରଣ କରନ୍ତି । ଭାରତବର୍ଷ ଭିତରେ ଗୋଆରେ ଏହିପ୍ରକାର ନିୟମ ରହିଛି । ପର୍ତ୍ତୁଗୀଜ ଶାସନରୁ ମୁକ୍ତ ହେବାପରେ ୧୯୬୨ ରୁ ସେଠାରେ ଏହା ଲାଗୁ ହୋଇ ଆସୁଛି । ବିଜେପି ଶାସିତ ରାଜ୍ୟ ଉତ୍ତରାଖଣ୍ଡରେ ମଧ୍ୟ ଏହା ଲାଗୁ ହେବାକୁ ଯାଉଛି । ଏହାକୁ ନେଇ ଭୟଭୀତ ହେବାର ଆବଶ୍ୟକତା ନାହିଁ । ପ୍ରତ୍ୟେକ ଧର୍ମ, ସମ୍ପ୍ରଦାୟ ଓ ଗୋଷ୍ଠୀ ସେମାନଙ୍କ ସ୍ୱତନ୍ତ୍ରତା ବଜାଇ ରଖିବେ । ଗୋଟିଏ ଉତ୍କୃଷ୍ଟ ଓ ପ୍ରଗତିଶୀଳ ସମାଜ ପାଇଁ ଯାହା ଆବଶ୍ୟକ ତାକୁହିଁ ଗୁରୁତ୍ୱ ଦିଆଯିବ । ସମାନତା ଉପରେ ଗୁରୁତ୍ୱ ଦିଆଯିବ । ନାରୀ ସ୍ୱାଧୀନତାକୁ ସ୍ୱୀକାର କରାଯିବ ଓ ତାଙ୍କୁ ପୁରୁଷ ସହିତ ସମାନ ବୋଲି ବିବେଚନା କରାଯିବ । ଉତ୍ତରାଧିକାରୀ ସୂତ୍ରରେ ସେମାନେ ମାଲିକାନା ହକ୍ ପାଇବେ । ଜନସଂଖ୍ୟା ନିୟନ୍ତ୍ରଣକୁ ନିଶ୍ଚିତ କରାଯିବ । ବହୁପତ୍ନୀ ଓ ବହୁପତି ଗ୍ରହଣକୁ ନିରୁତ୍ସାହିତ କରାଯିବ । ଘୃଣା-ଦ୍ୱେଷ ସୃଷ୍ଟିକାରୀ ସାମାଜିକ ବିଭେଦକୁ ଦୂର କରାଯିବ । ଏପରି ଅନେକ ଲୋଭନୀୟ ଓ ମନ ମତାଣିଆ କଥା ସପକ୍ଷବାଦୀମାନେ କହନ୍ତି । ଗୋଟିଏ ବିଭେଦଶୂନ୍ୟ ମମତାପୂର୍ଣ୍ଣ ଉନ୍ନତ ସମାଜ କଥା ଏମାନେ କହନ୍ତି । ଭାଷା, ସଂସ୍କୃତି, ପରମ୍ପରା ଓ ବିଶ୍ୱାସ ଉପରେ ଏ ନିୟମ କୌଣସି ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ ବୋଲି ଏମାନଙ୍କ ଯୁକ୍ତି । ଆଗରୁ ଫୌଜଦାରୀ ଆଇନରେ ସମାନତା ରହିଛି । ଏବେ ଦେୱାନି ନିୟମ କ୍ଷେତ୍ରରେ ସମାନତା ଆସିଲେ ଅସୁବିଧା କେଉଁଠି ବୋଲି ତାଙ୍କ ପ୍ରଶ୍ନ । ପ୍ରସ୍ତାବିତ ନିୟମକୁ ନେଇ ବିପକ୍ଷବାଦୀଙ୍କ ଯୁକ୍ତି ଭିନ୍ନ । ତାଙ୍କ ଯୁକ୍ତି ଯେ ପ୍ରଗତିଶୀଳ ଆଭିମୁଖ୍ୟ ନେଇ ଏ ନିୟମ ଅଣାଯିବାର ଅଭିପ୍ରାୟ ବିଜେପିର ନାହିଁ । ସଂଖ୍ୟାଲଘୁ ସମ୍ପ୍ରଦାୟ, ବିଶେଷକରି ମୁସଲମାନମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଏହା ପ୍ରେରିତ । ସମାନ ନାଗରିକ ସଂହିତା ଆଳରେ ହିନ୍ଦୁତ୍ୱବାଦୀ ବିଚାରଧାରାକୁ ସମସ୍ତଙ୍କ ଉପରେ ଲଦିଦେବାର ଅଭିପ୍ରାୟ ରହିଛି । ହିନ୍ଦୁ ସମାଜର ତଳ ସୋପାନର ଜାତିମାନଙ୍କ ଆଶଙ୍କା ଯେ ବିଜେପି ଏହି ନିୟମର ଆଢୁଆଳରେ ମନୁସ୍ମୃତିକୁ ସ୍ଥାପନ କରିବାକୁ ଚାହୁଁଛି ଓ ଜାତିବାଦୀ ବିଭେଦ ଉପରେ ନିୟମର ପୋଷାକ ପିନ୍ଧାଇବାକୁ ଚାହୁଁଛି । ଏହା ପଛରେ ଧାର୍ମିକ ଆଧିପତ୍ୟବାଦୀ ଓ ଉଚ୍ଚଜାତିବାଦୀ ମାନସିକତା ରହିଛି । ବିଭିନ୍ନ ଧର୍ମ, ସମ୍ପ୍ରଦାୟ, ଗୋଷ୍ଠୀ ଓ ଜନଜାତିର ସ୍ୱାତନ୍ତ୍ରତାକୁ ସମାପ୍ତ କରିବାକୁ ଚାହୁଁଛି । ଏହାରି ଆଳରେ ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥାକୁ ମଧ୍ୟ ସମାପ୍ତ କରିବାକୁ ଚାହେଁ । ଏମାନଙ୍କ ଯୁକ୍ତି ଯେ ଡକ୍ଟର ଆମ୍ବେଦକରଙ୍କ ପରିକଳ୍ପିତ ସମାନ ଆଚାର ସଂହିତା ଓ ବିଜେପିର ପରିକଳ୍ପିତ ନିୟମ ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । ଯେଉଁ ପ୍ରଗତିଶୀଳ ଗୋଷ୍ଠୀ ବିଭିନ୍ନ ଧର୍ମ ମଧ୍ୟରେ ଥିବା ବିଭେଦକୁ ହଟାଇ ସମାନତା ଆଣିବାକୁ ଚାହାଁନ୍ତି ସେମାନଙ୍କ ଯୁକ୍ତି ହେଉଛି ବିଜେପି ସରକାର ପ୍ରାଧାନ୍ୟ ଦେଉଥିବା ହିନ୍ଦୁଧର୍ମ ମଧ୍ୟରେ ଥିବା ସମସ୍ତ ବିଭେଦକୁ ହଟାଇ ପ୍ରଥମେ ସମାନତା ଆଣୁ । ବିଭେଦର ଜନକ ବର୍ଣ୍ଣବ୍ୟବସ୍ଥାକୁ ହଟାଉ । ସ୍ପଷ୍ଟ କରୁ କୌଣସି ଗୋଟିଏ ଧର୍ମର ନୀତିନିୟମକୁ ଭିନ୍ନ ଧର୍ମ ଉପରେ ଲଦାଯିବ ନାହିଁ । କୌଣସି ପ୍ରକାର ଧାର୍ମିକ ପକ୍ଷପାତିତା ରହିବ ନାହିଁ । ଏହାକୁ ନେଇ ବ୍ୟାପକ ଚର୍ଚ୍ଚା ଓ ବିତର୍କ ହେଉ । ପ୍ରତ୍ୟେକ ଧର୍ମ, ଜାତି ଓ ସମ୍ପ୍ରଦାୟର ଲୋକଙ୍କୁ ମଧ୍ୟ ଏହି ବିତର୍କରେ ସାମିଲ କରାଯାଉ । ବିଭିନ୍ନ ସ୍ଥାନରେ ଆଲୋଚନା ସଭା ଆୟୋଜନ ହେବା ଜରୁରୀ । ସଂସଦରେ ମଧ୍ୟ ଏହା ଉପରେ ବିତର୍କ ହେଉ । ଯାହା ଫଳରେ ଏକ ସର୍ବାଦୃତ ଉତ୍କୃଷ୍ଟ ନିୟମ ଆମେ ପାଇପାରିବା । ସପକ୍ଷ ଓ ବିପକ୍ଷରେ ଯେତେ ଆଲୋଚନା ହେବ ପ୍ରସ୍ତାବିତ ନିୟମର ଦୋଷଦୁର୍ବଳତା ସେତେ ପଦାରେ ପଡିବ ଏବଂ ଏହାର ଉପାଦେୟତା ସେତେ ବୋଧଗମ୍ୟ ହେବ । ବିଭିନ୍ନ ପ୍ରକାର ଆଶଙ୍କାକୁ ଆଲୋଚନା ମାଧ୍ୟମରେ ହଟାଇବାକୁ ଚେଷ୍ଟା କରାଯାଉ । ଭାରତବର୍ଷ ବହୁ ଧର୍ମ, ବହୁ ସମ୍ପ୍ରଦାୟ, ବହୁ ଜାତି ଓ ବହୁବିଧ ବିଶ୍ୱାସର ଦେଶ । ତେଣୁ ଏଦିଗରେ ସହମତିର ବାଟ ସର୍ବୋତ୍ତମ ।

# କଥା ସାହିତ୍ୟର ସମ୍ରାଟ ଫକୀର ମୋହନ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼,କୁଜଙ୍ଗ
ଜଗତସିଂହପୁର
ମୋ-୯୯୩୭୬୯୧୪୭୫.

ବିଚିତ୍ର ଏ ପୃଥିବୀ । କିଏ ଧନୀ ତ କିଏ ଦରିଦ୍ର, କିଏ ରାଜା କିଏ ପ୍ରଜା, କିଏ ସବଳ କିଏ ଦୁର୍ବଳ । ଦୁର୍ବଳ ଉପରେ ସବଳର ଅତ୍ୟାଚାର ଜୀବଜଗତର ଏକ ପ୍ରଧାନ ପ୍ରକୃତି । ଛାଗ-ଶାର୍ଦ୍ଦୁଳ, ମୂଷିକ-ମାର୍ଜାର, ସର୍ପ-ଦର୍ଦ୍ଦୁର ଓ ଶ୍ୱାନ-କପୋତର ସମ୍ପର୍କରୁ ଏହି ପ୍ରକୃତିର ଯଥେଷ୍ଟ ପରିଚୟ ପାଉ । ଏହି ପ୍ରକୃତି, ଜଗତର ପ୍ରତ୍ୟେକ ପ୍ରାନ୍ତ, ପ୍ରତ୍ୟେକ କ୍ଷେତ୍ର ଓ ପ୍ରତ୍ୟେକ ଅନ୍ଧିସନ୍ଧିରେ ଦେଖିବାକୁ ମିଳେ । ମାନବ ସମାଜରେ ଯେଉଁମାନେ ଶକ୍ତିଶାଳୀ, ସେମାନେ ଶାର୍ଦ୍ଦୁଳ ପରି ଭୟଙ୍କର ଏବଂ ସର୍ପ ପରି ମାରାତ୍ମକ । ଏହି ସବଳ ବ୍ୟକ୍ତିମାନେ ଦୁର୍ବଳ ମାନଙ୍କ ଉପରେ ଅତ୍ୟାଚାର କରି ସେମାନଙ୍କୁ ନାନା ଭାବରେ ଶୋଷଣ କରି ନିଜର ସ୍ୱାର୍ଥବାସନ ଚରିତାର୍ଥ କରନ୍ତି । ଚାଲିଥିଲା ଓଡିଆ ଜାତି, ଭାଷା ଓ ଶିକ୍ଷା ଉପରେ ଅକଥନୀୟ ଅତ୍ୟାଚାର । ଇଷ୍ଟଇଣ୍ଡିଆ କମ୍ପାନୀ ସାଙ୍ଗକୁ ବଙ୍ଗାଳୀମାନେ ନାନା କୃତ୍ରିମ ଉପାୟରେ ଓଡିଶାର ଜମିବାଡିକୁ ନିଲାମ କରୁଥିଲେ । ଷଡଯନ୍ତ୍ର କରି ଓଡିଆ ଭାଷାକୁ ଲୋପ କରି ବଙ୍ଗଳା ଭାଷା ପ୍ରଚଳନ କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ଏହି ପରି ଏକ ଘଡିସନ୍ଧି ମୁହୂର୍ତ୍ତରେ, ଜନ୍ମନେଲେ ଓଡିଆ କଥା ସାହିତ୍ୟର ସମ୍ରାଟ, ଅଦ୍ୱିତୀୟ ଔପନ୍ୟାସିକ ଫକୀର ମୋହନ ସେନାପତି ।

୧୮୪୩ ମସିହା ଜାନୁୟାରୀ ମାସ ୧୩ ତାରିଖ ମକର ସଂକ୍ରାନ୍ତି ମାଘ, କୃଷ୍ଣ ତ୍ରୟୋଦଶୀ, ଶୁକ୍ରବାର ପୂର୍ବାହ୍ନରେ ଓଡିଶାର ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ନାମକ ଗ୍ରାମରେ ଖଣ୍ଡାୟତ କୁଳରେ ଜନ୍ମ ଗ୍ରହଣ କରିଥିଲେ । ପିତାଙ୍କ ନାମ ଲକ୍ଷ୍ମଣ ଚରଣ ସେନାପତି ମାଆ ତୁଳସୀ ଦେଇ । ଅତି ଶୈଶବରୁ ପିତାମାତାଙ୍କୁ ହରାଇ ଫକୀର ମୋହନ ନିଜ ପିତାମହୀ କୁଚିଳା ଦେଈଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲେ । ଫକୀର ମୋହନଙ୍କର ପିତୃମାତୃ ଦତ୍ତ ନାମ ଥିଲା ବ୍ରଜ ମୋହନ । ଦୁଃସାଧ୍ୟ ରୋଗରେ ପୀଡିତହୋଇ ଜୀବନ ସଙ୍କଟରେ ପଡିବାରୁ କୁଚିଳାଦେଈ ପୀର ଠାକୁରଙ୍କୁ ସମର୍ପଣ କରିଦେଇଥିଲେ । ବ୍ରଜ ମୋହନ ହେଲେ ଫକୀର ମୋହନ ।

ବଡ ବାପାଙ୍କ ଅତ୍ୟାଚାର ପେଟର ଭୋକକୁ ପଛରେ ପକାଇ ଫକୀର ମୋହନ ମନଦେଇ ପାଠପଢ଼ିଲେ । ଚାହାଳୀ ପାଠ ଶେଷକରି ପାର୍ଶି ଅବୈତନିକ ସ୍କୁଲ ପାଠ ପଢ଼ିଲେ । ପଢ଼ା ଛାଡି ଜାହାଜାତି କାରବାରରେ ଯୋଗଦେଲେ । ଜାହାଜାତି କାର୍ଯ୍ୟ ବନ୍ଦ ହେବାରୁ କଚେରୀରେ ନିମକ୍ ମାହାଲ ସିରସ୍ତାରେ କାର୍ଯ୍ୟକଲେ । ବଙ୍ଗଳା ଶିକ୍ଷା ପରେ ଓଡିଆ ଓ ବଙ୍ଗଳାର କଚେରୀ ସିରସ୍ତାରେ କାର୍ଯ୍ୟକଲେ । ବାରବାଟୀ ବଙ୍ଗୋତ୍କଳ ବିଦ୍ୟାଳୟରେ ପାଠପଢ଼ା ସମୟରେ ବିଦ୍ୟାଳୟର ଦରମା ଦେଇନପାରି ପଢ଼ାଛାଡି ଦେଲେ । ବାରବାଟୀ ସ୍କୁଲ ସମ୍ପାଦକ ଶିବନ୍ଦ୍ର ସୋମ, ଫକୀର ମୋହନଙ୍କୁ ଡକାଇ ସେଇ ସ୍କୁଲର ତୃତୀୟ ଶିକ୍ଷକ ପଦରେ ନିଯୁକ୍ତ କରିଦେଲେ । ଦରମା ମାସିକ ଅଢ଼େଇ ଟଙ୍କାରୁ ବୃଦ୍ଧିହୋଇ ପାଞ୍ଚଟଙ୍କା ହେଲା । ସେ ଶିକ୍ଷାଦାନ ସହିତ ଜ୍ଞାନାର୍ଜନ ପାଇଁ ବିଭିନ୍ନ ବହି ପଢ଼ାପଢ଼ି କରୁଥିଲେ । ଏହି ସମୟରେ ବାଲେଶ୍ୱର ମିସନେରି ବିଦ୍ୟାଳୟରେ ଦଶଟଙ୍କା ବେତନରେ ପ୍ରଧାନ ଶିକ୍ଷକ ପଦବୀରେ ନିଯୁକ୍ତି ହେଲେ (ଖ୍ରୀ.ଅ. ୧୮୬୪) । ମିସନ୍ ବିଦ୍ୟାଳୟ ଓ ମିସନ୍ ବାଳିକା ବିଦ୍ୟାଳୟ ଗୋଟିଏ ବଡ ବଙ୍ଗଳାରେ ହେଉଥିଲା । ବାଳିକା ବିଦ୍ୟାଳୟରେ ବିଶ୍ୱନାଥ ଶତପଥୀ ନାମରେ ଜଣେ ପଣ୍ଡିତ ଥିଲେ । ବିଦ୍ୟାଳୟ ଚାଲିଥିଲା ସମୟରେ ଶାରଦା ନାମ୍ନୀ ଗୋଟିଏ ଛାତ୍ରୀର ଆବଶ୍ୟକ ପଡିବାରୁ ଫକୀରମୋହନ ପଣ୍ଡିତ ବିଶ୍ୱନାଥଙ୍କ ନିକଟକୁ ଏକ ଲେଖା ପଠାଇଥିଲେ । ପଣ୍ଡିତ ବିଶ୍ୱନାଥ ଲେଖିଥିଲେ – "ଲଜ୍ଜାବତୀ ନେଚ୍ଛତି ତନ୍ତ୍ର ଗନ୍ତୁମ୍"

ଫକୀର ମୋହନ ସେହି ଲେଖାକୁ ପୂରଣ କରିବାକୁ ପଣ୍ଡିତଙ୍କୁ କହିଲେ । ତତ୍‌କ୍ଷଣାତ୍ ମୁହେଁ ମୁହେଁ ପଣ୍ଡିତ କହିଲେ ।

"ଉତୁଙ୍ଗ ବକ୍ଷାହି ନିତମ୍ବ ଗୁର୍ବୀ
ନବୀନ ଧାରାଧର ଚାରୁକେଶା
ସଦୈବ ହାସ୍ୟାମୃତ ପୂର୍ଣ୍ଣବକ୍ତ୍ରା

ଲଜ୍ଜାବତୀ ନେଚ୍ଛତି ତନ୍ତ୍ର ଗନ୍ତୁମ୍

ଏହି ପଣ୍ଡିତଙ୍କଠାରୁ ଫକୀର ମୋହନ ପ୍ରେରଣା ପାଇ ଲେଖାଲେଖି କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ପଶି ସାହେବ ଓ ମେୟଶ ସାହେବଙ୍କୁ ଫକୀରମୋହନ ବଙ୍ଗଳା ପଢ଼ାଉଥିଲେ । ପଶି ସାହେବ, ସିରସ୍ତାରେ ଫକୀର ମୋହନଙ୍କୁ ମୁନ୍‌ସି କାର୍ଯ୍ୟରେ ନିଯୁକ୍ତ ଦେଲେ । କିନ୍ତୁ ଏହି କାର୍ଯ୍ୟରେ ଲେଖା ପଢ଼ା ଆଦି କର୍ମ ଓ ବିଦ୍ୟାନୁଶୀଳନରେ ବାଧା ଉପୁଜିବାରୁ ପୁନର୍ବାର ମିସନ୍ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦକୁ ଫେରି ଆସିଲେ । ବିଦ୍ୟାଳୟର ସମ୍ପାଦକ ଇ.ସି.ବି ହାଲମ୍ ଏକ ଓଡିଆ ବ୍ୟାକରଣ ରଚନା କରିଥିଲେ । ଏହି ସମୟରେ ମିସନ୍ ବିଦ୍ୟାଳୟର ତିନିଜଣ ପିଲା ସମଗ୍ର ଉତ୍କଳରେ ସର୍ବଶେଷ ସ୍ଥାନ ଅଧିକାର କରି ବୃତ୍ତି ପାଇବାକୁ ଯୋଗ୍ୟ ହେବାରୁ ହାଲମ ସାହେବ ଫକୀର ମୋହନଙ୍କ ବେତନ ପଚିଶ ଟଙ୍କାକୁ ବୃଦ୍ଧି କରିଦେଇଥିଲେ । ହାଲମ ସାହେବ ଫକୀରମୋହନଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଜନ୍ ବୀମ୍‌ସଙ୍କ ସହିତ ପରିଚୟ କରାଇଦେଲେ । ବଙ୍ଗାଳୀ ଓ ଓଡିଆ ମଧ୍ୟରେ ଗୋଷ୍ଠୀ ବିବାଦ ଲାଗି ରହିଥିଲା । ବିମ୍‌ସ ସାହେବଙ୍କ ସହାୟତା ହେତୁ ବଙ୍ଗାଳୀମାନେ ଫକୀର ମୋହନଙ୍କର କ୍ଷତିକରିପାରୁ ନଥିଲେ । ବାଲେଶ୍ୱରରେ ସ୍ତ୍ରୀଶିକ୍ଷାର ପ୍ରଚାର, ଓଡିଆ ଭାଷାର ପ୍ରତିରକ୍ଷା ଏବଂ ଓଡିଆ ଭାଷାର ପୃଷ୍ଟିସାଧନ କାର୍ଯ୍ୟରେ ବୀମ୍‌ସ ସାହେବ ଫକୀରମୋହନଙ୍କୁ ବହୁ ସାହାଯ୍ୟ କରିଥିଲେ । ହାଲମ ସାହେବ ଫକୀର ମୋହନଙ୍କ ଦରମା ତିରିଶ ଟଙ୍କାକୁ ବଢ଼ାଇ ଦେଇଥିଲେ।

୧୮୬୬ ଖ୍ରୀଷ୍ଟାବ୍ଦରେ ଓଡିଶାରେ ନଅଙ୍କ ଦୁର୍ଭିକ୍ଷ ପଡିଥିଲା। ଏହି ସମୟରେ ରେଭେନ୍‌ସା ସାହେବ ଓଡିଶାର ନୂତନ କମିଶନର ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଅମଲାମାନଙ୍କ ଭୁଲ ପରାମର୍ଶ ଉପରେ ବିଶ୍ୱାସ କରି ରେଭେନ୍‌ସା ସାହେବ କୌଣସି ପ୍ରତିଷେଧକ ବ୍ୟବସ୍ଥା କରିପାରିନଥିଲେ । ସେ ସମୟରେ ଗମନାଗମନ ବା ରେଳପଥର ସୁବିଧା ନଥିଲା । ଦୁର୍ଭିକ୍ଷ ସମୟରେ ବାହାରୁ ଖାଦ୍ୟ ଯୋଗାଣ ସମ୍ଭବ ନହେବାରୁ ଓଡିଶାର ଏକ ତୃତୀୟାଂଶ ଲୋକ ମୃତ୍ୟୁମୁଖରେ ପଡିଥିଲେ । ଦେଶବାସୀଙ୍କ ସାଂଘାତିକ ଦୂରବସ୍ଥା ଲକ୍ଷ୍ୟକରି ଫକୀର ମୋହନ ଦୁଃଖରେ ଅଭିଭୂତ ହୋଇ ପଡିଥିଲେ। ତେଣୁ ସେ ଆକାଶ ତଳେ ବିଲ ମଧ୍ୟରେ ଆସନ ପାରି ଲୋକମାନଙ୍କ ପ୍ରାଣରକ୍ଷା ପାଇଁ ପରମେଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ । ଦୁର୍ଭିକ୍ଷ ପରେ ତାଙ୍କର ପାଳନକର୍ତ୍ତ୍ରୀ ଜେଜେମା କୁଚିଳା ଦେଈଙ୍କର ଜ୍ୟେଷ୍ଠ ମାସରେ ଚଉସ୍ତରୀ ବର୍ଷରେ ଦେହାବସାନ ଘଟିଲା ।

ଏହି ସମୟରେ ଓଡିଶା ବୋଲି କୌଣସି ସ୍ୱତନ୍ତ୍ର ପ୍ରଦେଶ ନଥିଲା । ସମ୍ବଲପୁର ପ୍ରଭୃତି ବହୁ ଓଡିଆ ଅଞ୍ଚଳ ମଧ୍ୟପ୍ରଦେଶରେ ଥିଲା, ଗଞ୍ଜାମ ଓ କୋରାପୁଟ ପ୍ରଭୃତି ଅଞ୍ଚଳ ମାନ୍ଦ୍ରାଜ ପ୍ରଦେଶରେ ଥିଲା । ବଙ୍ଗ, ବିହାର, ଆସାମ ଓ ଓଡିଶାକୁ ଘେନି ଗୋଟିଏ ପ୍ରଦେଶରେ ଥିଲା । କଟକ, ପୁରୀ, ବାଲେଶ୍ୱର ଓ ଅନୁଗୁଳ ଘେନି ଓଡିଶା ଡିଭିଜନ୍ ବୋଲି କୁହାଯାଉଥିଲା। ବଙ୍ଗାଳୀମାନେ ନାନା କୃତ୍ରିମ ଉପାୟରେ ଓଡିଶାର ଜମିଦାରୀକୁ ନିଲାମ କରୁଥିଲେ । ଷଡଯନ୍ତ୍ର କରି ଓଡିଆ ଭାଷାକୁ ଲୋପକରି ବଙ୍ଗାଳି ଭାଷା ବିଦ୍ୟାଳୟରେ ପ୍ରଚଳନ କରିବା ଆପ୍ରାଣ ଉଦ୍ୟମ ଚଳାଇଥିଲେ । ଓଡିଆ ଭାଷା ସାହିତ୍ୟ ପ୍ରତି ବଙ୍ଗାଳୀମାନଙ୍କ ତାଚ୍ଛଲ୍ୟ ଫକୀର ମୋହନଙ୍କ ହୃଦୟକୁ ବଡ ଆଘାତ ଦେଉଥିଲା । ଏହି ସବୁ ପରିସ୍ଥିତି ମଧ୍ୟରେ ଫକୀର ମୋହନ ଅନୁଭବ କଲେ, ଓଡିଆ ସାହିତ୍ୟ ଓ ମାତୃଭାଷାର ଉନ୍ନତି ନ ଘଟିଲେ ଓଡିଆମାନେ ଚିରକାଳ ପଡୋଶୀମାନଙ୍କ ଦ୍ୱାରା ଲାଞ୍ଛିତ ଓ ଅବହେଳିତ ରହିବେ । ଫକୀରମୋହନ ମାତୃଭାଷାର ଉନ୍ନତି ସକାଶେ କିଛି କିଛି ଚୌପଦୀ ରଚନା କରି ତାଙ୍କ ଗ୍ରାମର କୃଷ୍ଣଲୀଳା ଯାତ୍ରା ଦଳ ମାଧ୍ୟମରେ ଗାଇବାକୁ ଦେଲେ। ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା "ଜୀବନ ଚରିତ" ଓଡିଆରେ ଅନୁବାଦ କରି ଛପାଇଥିଲେ । ଫକୀର ମୋନ ୧୮୬୮ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱରଠାରେ ଏକ ଛାପାକଳ ପ୍ରତିଷ୍ଠା କଲେ ଏବଂ ଏକ ଓଡିଆ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। ଏହି ପତ୍ରିକାର ସାହିତ୍ୟ ବିଷୟକ ଅଂଶର ନାମ ଥିଲା 'ବୋଧଦାୟିନୀ' ଏବଂ ସମ୍ବାଦ ବିଷୟକ ଅଂଶର ନାମ ଥିଲା 'ବାଲେଶ୍ୱର ସମ୍ବାଦବାହିକା' । ଏହି ପତ୍ରିକାରେ ଫକୀରମୋହନ କ୍ଷୁଦ୍ର ଗଳ୍ପ 'ଲଛମନିଆ' ପ୍ରକାଶ କରିଥିଲେ।

ବଙ୍ଗଦେଶର କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ନାମକ ଜଣେ ବଙ୍ଗାଳୀ ଓଡିଆକୁ ଅତି ବିକୃତ ଉଚ୍ଚାରଣ କରି, ଓଡିଆ ଏକ ଭାଷା ନୁହେଁ,ଏହି ମର୍ମରେ 'ଉଡିଆ ସ୍ୱତନ୍ତ୍ରଭାଷା ନୟ' ଏକ ପୁସ୍ତକ ଲେଖିଥିଲେ । ବଙ୍ଗାଳୀମାନେ ଏହାକୁ ହିଁ ସମ୍ବଳକରି ଓଡିଶା ଭାଷାକୁ ସରକାରଙ୍କ ହୁକୁମ ମାଧ୍ୟମରେ ଉଠାଇଦେଇଥିଲେ । ବାଲେଶ୍ୱରରୁ ଫକୀରମୋହନ ଓ କଟକରୁ ଗୌରୀଶଙ୍କର ରାୟ ଓଡିଆମାନଙ୍କୁ ସଂଗଠିତ କରି ସରକାରଙ୍କଠାରେ ଦରଖାସ୍ତ କରିବାରୁ ସରକାରଙ୍କଠାରୁ ଆସିଲା ହୁକୁମ – "ଓଡିଶାର ସମସ୍ତ ବିଦ୍ୟାଳୟରୁ ବଙ୍ଗଭାଷୀ ସମ୍ପୂର୍ଣ୍ଣ ରୂପେ ଉଠାଇ ଦିଆଯାଉ ଏବଂ ଓଡିଆ ଭାଷାର ବହୁଳ ପ୍ରଚାର ନିମନ୍ତେ ସ୍ଥାନେ ସ୍ଥାନେ ସ୍କୁଲ ସ୍ଥାପିତ ହେଉ" । ଫକୀର ମୋହନଙ୍କ ପ୍ରଚେଷ୍ଟା ଫଳରେ ରେମୁଣାଠାରେ ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ହୋଇ ପାରିଥିଲା। ଏହି ସମୟରେ ଫକୀର ମୋହନ "ଭାରତବର୍ଷର ଇତିହାସ" ନାମକ ପୁସ୍ତକ ଲେଖି ଦୁଇ ଭାଗରେ ପ୍ରକାଶ କରିଥିଲେ । ଉତ୍କଳ ପ୍ରେସ୍‌ରେ ପ୍ରଥମଭାଗ ୧୮୬୯ ଏବଂ ଦ୍ୱିତୀୟଭାଗ ୧୮୭୦ରେ ପ୍ରକାଶ ପାଇଲା । ଏଥିପାଇଁ ସେ ସ୍କୁଲ ଇନ୍‌ସପେକ୍ଟରଙ୍କଠାରୁ ସାତଶ'ଟଙ୍କା ଓ ରେଭେନ୍‌ସା ସାହେବଙ୍କଠାରୁ ତିନି ଶ' ଟଙ୍କା ପୁରସ୍କାର ପାଇଥିଲେ ।

ଫକୀର ମୋହନଙ୍କ ୧୮୭୨ ମସିହାରେ ପତ୍ନୀ ବିୟୋଗ ଘଟିଲା । ତାଙ୍କୁ ମାତ୍ର ୨୯ ବର୍ଷ । ତେଣୁ ସେ ଦ୍ୱିତୀୟ ପତ୍ନୀ ଭାବେ ୧୨ ବର୍ଷ ବୟସର କୃଷ୍ଣକୁମାରୀଙ୍କୁ ବିବାହ କଲେ । ଏହି ସମୟରେ ବାଲେଶ୍ୱର କଲେକ୍ଟର ଜନ୍ ବୀମସ୍ ସାହେବଙ୍କ ପ୍ରସ୍ତାବ ଅନୁସାରେ ଗଡ଼ଜାତର ସୁପରିଟେଣ୍ଡେଟ୍, ଫକୀର ମୋହନଙ୍କୁ ନୀଳଗିରିର ଦେୱାନ ରୂପେ ନିଯୁକ୍ତି କଲେ । ତେଣୁ ଫକୀରମୋହନ ନୀଳଗିରିର ରାଣୀଙ୍କ ନାମରେ 'ନିର୍ମଳା ହାଟ' ଏବଂ ଏକ ସଂସ୍କୃତ ଟୋଲ ବସାଇଥିଲେ । ନଡିଆ, କୋବି, ତୁତ ଓ ଚା ଚାଷର ଉନ୍ନତି ସାଧନ କରିଥିଲେ।


ଫକୀରମୋହନ ବଙ୍ଗଳା ଦକ୍ଷିଣ ପଶ୍ଚିମ ବିଭାଗର ସ୍କୁଲ ଇନ୍‌ସପେକ୍ଟର ଆର୍.ଏଲ୍.ମାର୍ଟିନ ସାହେବଙ୍କୁ ୧୮୭୫ରେ ଦେଖାକରିବାକୁ ଯାଇଥିଲେ । ହିନ୍ଦୁସ୍ଥାନୀ ଦରୱାନ୍ ସହିତ ଇଂରାଜୀ କଥାବାର୍ତ୍ତା କରିନପାରିବାରୁ ନିଜକୁ ଅପମାନିତ ବୋଧକଲେ । ତେଣୁ ସେ ବାଲେଶ୍ୱରର ମୋତିଗଞ୍ଜ ବଜାରର ଦକ୍ଷିଣ ପ୍ରାନ୍ତର ଏକ ପୋଖରୀ ପାଖରେ ଥିବା ପକ୍‌କା ଉପରେ ବସି ନିଜଚେଷ୍ଟାରେ ଇଂରାଜୀ ଶିକ୍ଷାକଲେ। ଡିକ୍‌ସିନାରୀ ମାହାଯ୍ୟରେ ଆରବିଆନ୍ ନାଇଟ୍, ରବିନସନ୍ କ୍ରୁଶୋ, ହିଷ୍ଟରି ଅଫ୍ ବେଙ୍ଗଲ, ବାଇବଲ, ସେକ୍‌ସେପିଅର ଟେଲ ପ୍ରଭୃତି ବହି ପଢ଼ି ଇଂରାଜୀ ଶିକ୍ଷା କରିଥିଲେ । ଢେଙ୍କାନାଳର ଆସିଷ୍ଟାଣ୍ଟ ମ୍ୟାନେଜର ଥିବା ସମୟରେ ତାଙ୍କର ପ୍ରଥମ ପୁଅ ଜନ୍ମହେବାର ଛମାସରେ ମୃତ୍ୟୁବରଣ କଲା । ଏହି ଦୁଃଖରେ ପତ୍ନୀକୁ ମାନସିକ ଯନ୍ତ୍ରଣାରୁ ଉଦ୍ଧାର କରିବା ନିମନ୍ତେ ରାମାୟଣ ବୋଲିବାର ଆୟୋଜନ କଲେ । ପତ୍ନୀ କୃଷ୍ଣକୁମାରୀ କିଛି ବୁଝିପାରନ୍ତିନି । ତେଣୁ ସଂସ୍କୃତ ବାଲ୍ମୀକି ରାମାୟଣକୁ ଓଡିଆରେ ରଚନା କଲେ । ଫକୀରମୋହନଙ୍କ ବାଳକାଣ୍ଡ ୧୮୮୦ ଖ୍ରୀ.ଅ, ଅଯୋଧ୍ୟାକାଣ୍ଡ ୧୮୮୪ ଖ୍ରୀ.ଅ, ଆରଣ୍ୟକାଣ୍ଡ ୧୮୮୫ ଖ୍ରୀ.ଅ, କିଷ୍କିନ୍ଧ୍ୟାକାଣ୍ଡ ୧୮୮୫ ଖ୍ରୀ.ଅ, ସୁନ୍ଦରକାଣ୍ଡ ୧୮୮୭ ଖ୍ରୀ.ଅ, ଲଙ୍କାକାଣ୍ଡ ୧୮୯୦ ଖ୍ରୀ.ଅ ଏବଂ ଉତ୍ତରାକାଣ୍ଡ ୧୮୯୫ ଖ୍ରୀ.ଅ ରେ ଉତ୍କଳ ପ୍ରେସରେ ମୁଦ୍ରିତ ହୋଇଥିଲା। ଫକୀରମୋହନ ସଂସ୍କୃତ ମହାଭାରତକୁ ଓଡିଆରେ ଅନୁବାଦ କରି ବ୍ୟାସକବି ଉପାଧି ପାଇଥିଲେ। ଫକୀର ମୋହନ ଓଡ଼ିଶାର ଛବିଶ ଗଡ଼ଜାତ ମଧ୍ୟରୁ ପ୍ରାୟ ଅଧିକାଂଶ ଗଡ଼ଜାତର ଦେୱାନ ଥିଲେ । କେନ୍ଦୁଝର ମହାରାଜାଙ୍କର ଦେୱାନ (୧୮୮୭) ପଦରେ ଫକୀର ମୋହନ ନିଯୁକ୍ତି ହେଲେ । ୧୮୯୧ ଖ୍ରୀ.ଅ.ରେ ଭୂୟାଁ ଧରଣୀଧର ନାୟକଙ୍କ ନେତୃତ୍ୱରେ ପ୍ରଜାମେଳି ଆନ୍ଦୋଳନ ହେଲା । ଫକୀର ମୋହନ ଭୂୟାଁମାନଙ୍କ ଦ୍ୱାରା ବନ୍ଦୀ ହେଲେ । କୌଶଳ ସହକାରେ ଫକୀରମୋହନ କେନ୍ଦୁଝର ରାଜାଙ୍କ ନିକଟକୁ ଉପାୟ ଲେଖି ପଠାଇବାରୁ ରାଜାଙ୍କର ସୈନ୍ୟମାନେ ଧରଣୀଧର ପ୍ରଭୃତିଙ୍କୁ ବନ୍ଦୀ କରି ଫକୀର ମୋହନଙ୍କୁ ଉଦ୍ଧାର କଲେ । ହାତୀ ଉପରେ ବସି ଭଦ୍ରକରୁ ଆନନ୍ଦପୁର ଆସିବା ବାଟରେ ଉତ୍କଳର ଯେତେ ସାହିତ୍ୟିକ ଓ ପ୍ରଧାନଲୋକଙ୍କର ଗୁଣାବଳିକୁ କବିତା ଆକାରରେ ଲେଖିଥିଲେ । ଏହି ବହିଟି ସେ 'ଉତ୍କଳ ଭ୍ରମଣ' ନାମ ଦେଇଥିଲେ। (୧୯୦୨ ଖ୍ରୀ.ଅ.)

୧୮୯୪ ଖ୍ରୀ.ଅରେ ଫକୀର ମୋହନଙ୍କ ପତ୍ନୀ କୃଷ୍ଣକୁମାରୀ ମୃତ୍ୟୁ ଲାଭ କରନ୍ତେ, ଫକୀରମୋହନ ନିଜର ଦୁଃଖ ଓ ମନର ବେଦନାକୁ 'ପୁଷ୍ପମାଳ' ଓ 'ଉପହାର' ନାମକ ଦୁଇଟି କବିତା ପୁସ୍ତକରେ ପ୍ରକାଶ କରିଥିଲେ । କଟକ, ବାଖରାବାଦରେ ଥିବା ସମୟରେ 'ଅବସରବାସରେ' ଏକ କବିତା ପୁସ୍ତକ ପ୍ରକାଶ କରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ମାଧ୍ୟମରେ ସେ ଉପନିଷଦକୁ ଓଡିଆରେ ଅନୁବାଦ କରିଥିଲେ । 'ରେବତୀ' ନାମକ ଗଳ୍ପ ବିଶ୍ୱନାଥ କରଙ୍କ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶ କରିଥିଲେ। 'ଛ ମାଣ ଆଠଗୁଣ୍ଠ' ଉପନ୍ୟାସଟି ୧୯୦୨ ଖ୍ରୀ.ଅ.ରେ ଫକୀରମୋହନ ପ୍ରକାଶ କରିଥିଲେ। 'ଅପୂର୍ବ ମିଳନ' ବା 'ଲଛମା' ନାମରେ ଏକ ଉପନ୍ୟାସ ଛଦ୍ମନାମ ଧୂର୍ଜଟି ନାମରେ, ଉତ୍କଳ ସାହିତ୍ୟର ଧାରାବାହିକ ଭାଗରେ ପ୍ରକାଶ ପାଇଥିଲା ଓ ପରେ ପୁସ୍ତକ ଭାବରେ ପ୍ରକାଶ ପାଇଥିଲା । ସେ ସମୟରେ ବାଲେଶ୍ୱରରେ 'ମାମୁ', 'ପ୍ରାୟଶ୍ଚିତ', ନାମକ ଦୁଇଟି ଉପନ୍ୟାସ, ବୌଦ୍ଧାବତାର' ନାମକ କାବ୍ୟ, 'ଗଳ୍ପସ୍ୱଳ୍ପ' ଓ ଆତ୍ମଜୀବନ ଚରିତ ପ୍ରକାଶ କରିଥିଲେ ।

୧୯୧୬ରେ ଫକୀର ମୋହନ ବାମଣ୍ଡାର 'ସରତରଙ୍ଗିଣୀ ସାରସ୍ୱତ ସମିତି' ଦ୍ୱାରା 'ସରସ୍ୱତୀ' ଉପାଧିରେ ଭୂଷିତ ହୋଇଥିଲେ । ୧୯୧୭ ମସହାରେ ଫକୀର ମୋହନ ଉତ୍କଳ ସମ୍ମିଳନୀର ସଭାପତି ଆସନ ଅଳଂକୃତ କରିଥିଲେ । ୧୯୧୮ ଖ୍ରୀ.ଅ. ଜୁନ୍ ମାସ ୧୪ ତାରିଖରେ ସାଢ଼େ ପଂଚସ୍ତରୀ ବର୍ଷ ବୟସରେ ଇହଲୀଳା ସମ୍ବରଣ କଲେ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

# ପିଲାଙ୍କ ମହାଭାରତ-୮୭



ନିତ୍ୟାନନ୍ଦ ପଣ୍ଡା

## ବୃତ୍ରାସୁରର କାହାଣୀ-୨



ବୃତ୍ରାସୁର ପ୍ରଭୁଙ୍କ ଆଦେଶ ପାଇ ଇନ୍ଦ୍ରଙ୍କୁ ବଧ କରିବା ପାଇଁ ଗୋଡେଇଲା । ଇନ୍ଦ୍ର ଯୁଦ୍ଧରେ ପରାସ୍ତ ହେଲେ ଓ ଲୁଚିଲେ ।

ବୃତ୍ର ବର ପାଇଥାଏ, ଦିନରେ ମରିବନାହିଁ କି ରାତିରେ ମରିବ ନାହିଁ, ଜଳରେ ମରିବ ନାହିଁ କି ସ୍ଥଳରେ ମରିବ ନାହିଁ । କାଠ ଅସ୍ତ୍ରରେ ମରିବ ନାହିଁ କି ଧାତୁ ଅସ୍ତ୍ରରେ ମରିବ ନାହିଁ । ବୃତ୍ରକୁ ମାରିବା ଅସମ୍ଭବ ! ଇନ୍ଦ୍ରଙ୍କ ଚିନ୍ତା ବଢିଲା।

ଦେବତାମାନେ ବିଷ୍ଣୁଙ୍କ ପାଖରେ ପହଞ୍ଚିଲେ ଓ ଗୁହାରିକଲେ ।

ବିଷ୍ଣୁ ଅଭୟ ଦେଲେ- ବ୍ୟସ୍ତ ହୁଅନାହିଁ । ମୁଁ ଇନ୍ଦ୍ରର ବଜ୍ର ମଧ୍ୟରେ ପ୍ରବେଶ କରିବି । ଶେଷକୁ ବୃତ୍ର ମରିବ ।

ସେଇଆ ହେଲା । ବିଷ୍ଣୁଙ୍କ ଠାରୁ ଅଭୟ ପାଇ ଇନ୍ଦ୍ର ସମ୍ମୁଖୀନ ହେଲେ ବୃତ୍ରଙ୍କର । ଯୁଦ୍ଧରେ ବୃତ୍ରଙ୍କର ଡାହାଣ ହାତ କାଟି ପକେଇଲେ । ବାଁ ହାତରେ ଗଦାଦ୍ୱାରା ସେ ଆକ୍ରମଣ କଲା ଇନ୍ଦ୍ରଙ୍କୁ । ବାଁ ହାତକୁ କାଟିପକେଇଲେ ଇନ୍ଦ୍ର । ମାତ୍ର ମରିବା ପରିବର୍ତ୍ତେ ଆଁକରି ଗୋଡେଇଲା ଇନ୍ଦ୍ରଙ୍କୁ ଓ ତାଙ୍କୁ ଗିଳିପକେଇଲା ।

ଇନ୍ଦ୍ର ମରିଗଲେ ଭାବି ଦେବଗଣ ଶୋକ ପାଳୁଥିବା ବେଳେ ଇନ୍ଦ୍ର ବୃତ୍ରାସୁରର ପେଟଚିରି ବାହାରି ଆସିଲେ । ଏବଂ ନିକଟସ୍ଥ ସମୁଦ୍ର ତଟକୁ ଗଲିଗଲେ । ବୃତ୍ର ତାଙ୍କୁ ଗୋଡେଇ ପହଞ୍ଚିଗଲା ସମୁଦ୍ର ତଟରେ ।

ଇନ୍ଦ୍ର ଜାଣିଥିଲେ ବୃତ୍ର ବଜ୍ରରେ ମରିବ ନାହିଁ । କିନ୍ତୁ ବିଷ୍ଣୁ ବଜ୍ରରେ ଆଶ୍ରୟ ନେଇଛନ୍ତି, ସେ ଜାଣିଥିଲେ । ସମୁଦ୍ର ମଧ୍ୟକୁ ଇନ୍ଦ୍ର ବଜ୍ର ନିକ୍ଷେପ କଲେ । ସମୁଦ୍ରରେ ପ୍ରଚଣ୍ଡ ଲହଡ଼ି ସହ ପ୍ରବଳ ଫେଣ ସୃଷ୍ଟିହେଲା । ଫେଣ ଭିତରେ ବିଷ୍ଣୁ ଆଶ୍ରା ନେଲେ । ଫେଣ ଆଘାତ କଲା ବୃତ୍ରାସୁରକୁ । ବୃତ୍ରାସୁର ନିହତ ହେଲା ।

ବୃତ୍ରାସୁର ମଲା ସତ, ଇନ୍ଦ୍ର ବ୍ରହ୍ମହତ୍ୟା ଦୋଷରୁ ରକ୍ଷା ପାଇଲେ ନାହିଁ । ସେ ହତଶ୍ରୀ ହୋଇଗଲେ । ହୀନବଳ ଓ ହତଶ୍ରୀ ହେବାରୁ ଅପମାନିତ ହୋଇ ଇନ୍ଦ୍ର କେଉଁଆଡ଼େ ଲୁଚିଲେ । ଖୋଜିଲେ ମିଳିଲେ ନାହିଁ ।

ସ୍ୱର୍ଗରେ ଇନ୍ଦ୍ରାସନ ଫାଙ୍କାପଡ଼ିଲା । ବିନା ରାଜ୍ୟରେ ଦେବତାମାନେ କରିବେ କ'ଣ । ସେମାନେ ଚିନ୍ତାକୁଳ ହେଲେ । ଏବଂ ପ୍ରସିଦ୍ଧ ଓ କ୍ଷମତାଶାଳୀ ରାଜା 'ନହୁଷ'ଙ୍କୁ ଇନ୍ଦ୍ର ଆସନରେ ବସିବାପାଇଁ ଅନୁରୋଧ କରିବାକୁ ବାହାରିଲେ ।

**ଆସ ମନେରଖିବା :** ତ୍ୱଷ୍ଟା ଜଣେ ବୈଦିକ ଋଷି । ସେ ପ୍ରହଲ୍ଲାଦଙ୍କ କନ୍ୟା ରଚନାଙ୍କୁ ବିବାହ କରିଥିଲେ । ସେମାନଙ୍କର ପୁଅର ନାମ ବିଶ୍ୱରୂପ । ବିଶ୍ୱରୂପଙ୍କ ଅନ୍ୟନାମ ତ୍ରିଶିରା, କାରଣ ତିନୋଟି ମୁଣ୍ଡସହ ସେ ଜନ୍ମହୋଇଥିଲେ । ପ୍ରଥମ ମୁଣ୍ଡରେ ସେ ଖାଦ୍ୟ ଗ୍ରହଣ କରୁଥିଲେ । ଦ୍ୱିତୀୟ ମୁଣ୍ଡରେ ଚତୁପାର୍ଶ୍ୱକୁ ଦେଖୁଥିଲେ ଓ ତୃତୀୟ ମୁଣ୍ଡରେ ବେଦପାଠ କରୁଥିଲେ । ବିଶ୍ୱରୂପ ବୃହସ୍ପତି ସମ ବିଜ୍ଞଥିଲେ । ତେଣୁ ଇନ୍ଦ୍ର ତାଙ୍କୁ ଗୁରୁରୂପେ ବରଣ କରିଥିଲେ । ବିଶ୍ୱରୂପଙ୍କ ମାଆ ଅସୁର କୁଳର ହୋଇଥିବାରୁ ଇନ୍ଦ୍ର ତାଙ୍କୁ ସନ୍ଦେହ କଲେ ଓ ତାଙ୍କର ତିନୋଟି ମୁଣ୍ଡ କାଟି ପକେଇଲେ । ଏବଂ ମୁଣ୍ଡକାଟ୍ ପରେ, ତିନୋଟି ମୁଣ୍ଡ ତିନୋଟି ଚଢେଇ ହୋଇ ଆକାଶକୁ ଉଡ଼ିଗଲେ । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଯୋଗ ବ୍ୟାୟାମରେ ସୁସ୍ଥ ଦେହ ମନ



*ମହେନ୍ଦ୍ର କୁମାର ଘଡ଼େଇ*

ବିରଷକ ପରେ ମନେ ପକାଇଛି
ଘରେ ଘରେ ଆସି ଯାଇ
ଭଲ ଦେହ ଭଲ ମନ ପାଇବାକୁ
ଆଗେଇ ଆସରେ ଭାଇ !

ସରାଗରେ ପାଳେ ସାରା ଧରା ଆଜି
ଯୋଗ କଥା ମନେ ରଖି
ସାଙ୍ଗ ସାଥୀ ଭାଇ ବନ୍ଧୁ ସହୋଦର
ଆସ ହୋଇ ଡକାଡ଼କି ।

ଯୋଗ ବ୍ୟାୟାମରେ ସୁସ୍ଥ ଦେହ ମନ
ସପନ ଦେଖାଏ ଆଗେ
ସନ୍ଧାନୀ ସଜାଇ ସଫଳ ସିଡ଼ିରେ
ଚଢ଼ାଏରେ ଯିଏ ଜାଗେ ।

ମନ ସହ ବିଭୁ ଯୋଡ଼ିଦିଏ ବୋଲି
ମୁନି ଋଷି କହିଛନ୍ତି
ସଂସାର ନାଆକୁ ବାହି ନେବାପାଇଁ
କଉଶଳ ଦେଇଛନ୍ତି ।

ବିଗିଡ଼ିବା ଦେହ ସଜ କରିବାକୁ
ନାନା ଓଉଷଧ ଲୋଡ଼ା
ନିୟମିତ ଯୋଗ ରୋଗ ବଉଁଶକୁ
ସମୂଳେ ଦିଅଇ ତଡ଼ା ।

ବୟସ ଶରୀର ପାଇଁ ଯା'ର ଯୋଉ
ଲୋଡ଼ା ସେଇ ଯୋଗ କର
ପ୍ରକୃତି ଦାନର ଦେହ ମନୁ ତେବେ
ରୋଗ ଶୋକ ହେବ ଦୂର ।

ଫିଁ ' ବରଷ ଏ ଡାକ ଶୁଣି ଭାଇ
ବିଶ୍ୱ ଯୋଗ ଦିନ ପାଳ
ସବୁ ଦିନ ସଞ୍ଜ ସକାଳ ବିଧିରେ
ଯୋଗ କରି ଭଲେ ଚଳ ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ*
*ମୋ-୯୪୩୭୭୪୦୫୬୬*

# ଦରକାର ମତେ ପିଇବା

*କୀର୍ତ୍ତନ ସାହୁ*



ଦୁଇ ଲିଟରରୁ ଅଧିକ ପିଇବା
ନିତି ମନେ କରି ପାଣି
ଦେହ ପାଇଁ ଏହା ନିହାତି ଜରୁରୀ
କଥାଟିକୁ ଥିବା ଜାଣି ।

ପଇଡ଼ ପାଣିକୁ ପିଇବା ସେଥିରେ
ପୋଟାସିୟମ ଭରି ଥାଏ
ଆବଶ୍ୟକ ମତେ ପିଇଲେ ଦିନରେ
ଦେହ ଆମ ଏହା ପାଏ ।

ଦହି ସରବତ ଦେହ ପାଇଁ ଭଲ
ପିଇବାରେ ମନ ଭରି
ଯେତେ ଖରା ଆସୁ ଗରମ ବି ହେଉ
ଯିବାନାହିଁ କେବେ ଡରି ।

ଲେମ୍ବୁ ରସ ମଧ୍ୟ ଅତି ଉପକାରୀ
ପିଇବା ସରବତ କରି
ଆଖୁରସ ଆଣି ପିଇବା ଖୁସିରେ
କିଛି ନୁହେଁ ତାହା ସରି ।

ପିଇବା ପଦାର୍ଥ କେତେ ଯେ ରହିଛି
ପିଇବା ବି ଫଳ ରସ
ଫଳ ରସ ନିୟମିତ ପିଇଲେରେ
ଦେହ ସୁସ୍ଥ ମୁଖେ ହସ ।

ଫ୍ରିଜ୍‌ରେ ଥିବା ଥଣ୍ଡା ପାନୀୟକୁ
କେବେ ବି ପିଇବା ନାହିଁ
ଏହି ପାନୀୟକୁ ପିଇଲେ ଦେହଟି
ଖରାପ ହିଁ ହୋଇଥାଇ ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

# ବିଞ୍ଚଣା

*ସୁଜିତ କୁମାର ମିଶ୍ର*

ତାଳ ଗଛର ପତରେ ପରା
ଦେହଟି ଗଢା ମୋର,
ସାନ ହେଲେ ବି ବଡ କରମ
କରେ ମୁଁ ନିରନ୍ତର ।

ଘୁରି ଘୁରିକା ପବନ ଦିଏ
ଘରଲୋକଟେ ହୋଇ,
ଝଅଟ ଶୁଖେ ଦେହରୁ ଝାଳ
ସୁଖ ପରଶୁଥାଇ ।

ମୋତେ ରଖିଲେ ନିତି ଯତନେ
ବୋଲି ମମତା ପ୍ରୀତି,
ପଳାଇଯାଏ ମୁହଁ ମୋଡିକି
ଗିରିଷମର ତାତି ।

ଆକାର ମୋର ଚାରିକୋଣିଆ
ଗୋଲେଇ କେବେ ହୁଏ,
ମଝିରେ ଛୋଟ ପତଳା ବାଡି
ଧରିବା ପାଇଁ ଥାଏ ।

ଥିଲେ ପାଖରେ ନଥାଏ ଭୟ
ବିଦ୍ୟୁତ କାଟ୍ ପାଇଁ,
ସବୁ ସମୟେ ପବନ ଦିଏ
ପଙ୍ଖାଠୁ ବଳିଯାଇ ।

ବିଞ୍ଚଣା ମୋତେ ସବୁ କହନ୍ତି
ବିଞ୍ଚେ ପବନ ବୋଲି,
ଦୁଃଖୀ ମଣିଷ ସନ୍ତକଟେ ମୁଁ
ସାଥିରେ ତାର ଚାଲି ।

ଦେହକୁ ମୋର କଷଣ ଦେଇ
ଖୁସିକୁ ବାଣ୍ଟୁଥାଏ,
ମୋପରି ବନ୍ଧୁ ସୁଖ ଦୁଃଖରେ
କୁହ ତ ଅଛି କିଏ ?

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*



# ସରିଗଲା ଖରାଛୁଟି



*ନିରଞ୍ଜନ ସାହୁ*

ଖରାଛୁଟି ସରିଗଲା
ସ୍କୁଲ ଖୋଲା ହେବ
ପାଠପଢା ସଭିଙ୍କର
ମନେ ଖୁସି ଦେବ ।

ବିଦ୍ୟାଳୟ ପରିସର
ପରିଷ୍କାର ହେଲା
ଆମ ପାଇଁ ବିଦ୍ୟାଳୟ
ଫାଟକଟି ମେଲା ।

ଖରାଦିନ ପରେ ଏବେ
ବର୍ଷା ଋତୁ ଆସେ
ଗ୍ରୀଷ୍ମର ସବୁ ତାପ
ବର୍ଷା ପରା ନାଶେ ।

ନୂଆନୂଆ ବର୍ଷା ସ୍ପର୍ଶ
ବିଦ୍ୟାଳୟ ପାଇ
ହସୁଛନ୍ତି ଫୁଲଗଛ
ପରିସରେ ଥାଇ ।

ଶ୍ରେଣୀ ଗୃହ ରହିଅଛି
ଆମ ବାଟ ଚାହିଁ
ମନେମନେ ଭାବୁଅଛି
ପିଲା ଗଲେ କାହିଁ ?

ଶ୍ରେଣୀ ଗୃହ ପରିଷ୍କାର
ମନ କିଣି ନିଏ
ଆମ ପାଠପଢା ପାଇଁ
ଗୁରୁତ୍ୱ ସେ ଦିଏ ।

ଗୁରୁଜୀ ଗୁରୁମା' ସର୍ବେ
ବିଦ୍ୟାଳୟ ଗଲେ
ସ୍କୁଲ ଖୋଲିବା ପୂର୍ବରୁ
ପ୍ରସ୍ତୁତି ଯେ କଲେ ।

ସ୍କୁଲ ଗଲେ ସାଙ୍ଗସାଥି
ସର୍ବେ ଭେଟ ହେବା
ସ୍କୁଲ ନୀତିନିୟମକୁ
ଟିକେ ଦୃଷ୍ଟି ଦେବା ।

ଖରାଛୁଟି କେଉଁପରି
କଟାଇଲା କିଏ
ଆଲୋଚନା କରିବାରେ
ଖୁସି ଆଣି ଦିଏ ।

ପରସ୍ପର ଭଲମନ୍ଦ
ଟିକେ ପଚାରିବା
ସାଙ୍ଗମେଳେ ଖୁସିବାସି
ନିଶ୍ୱେ କରୁଥିବା ।

ବିଦ୍ୟାଳୟ ଯିବା ପାଇଁ
ପ୍ରସ୍ତୁତି ଯେ ହୁଅ
ବହିପତ୍ର ସଜାଡିକି
ବସ୍ତାନିକୁ ଥୁଅ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ଟାଣଖରା ଦେଲା ଆଖିରେ ଲୁହ

*ପ୍ରଶାନ୍ତ କୁମାର ଦାଶ*



ସବୁରି ଆଖିରେ ଲୁହ ଭରିଦେଲା
ଡହ ଡହ ଟାଣଖରା
ସକାଳରୁ ସଞ୍ଜ ଲଗେଇଲା ଖଞ୍ଜ
ତତେଇଲା ଖରା ଧରା ।।

ଶୋଷିନେଲା ଜଳ କମିଗଲାବଳ
ଉହଳବିକଳ ପକ୍ଷୀ
ପଶୁ କଳବଳ ହେଲେ ପଳପଳ
ପିଇବାର ଆଶା ରଖି ।।

ମାଟିତ ଫାଟିଲା ତା ଛାତି ତାତିଲା
ଚାଲି ହେଉନାହିଁ ଜମା
ଶୁଖି ଠୋ ଠୋ ହେଲେଣି ପୋଖରୀ
ନଈ ନାଳ ଖାଲ ଖମା ।।

ଗଛକାଟି କୋଠା କରିଛି ମଣିଷ
ବଣ ତ ହେଇଚି ନାଶ
ଖରାର ନିଆଁରେ ଝାଉଁଳି ଗଲାଣି
ପଡିଆ ମଥାର ଘାସ ।।

ଛାଇ ନାହିଁ ଜୀବ ହୁଏ ଛଟପଟ
ବରଷା ପଡୁନି ଖସି
ଝାଞ୍ଜି ପବନ ତ ଦିଏ ବୋହି ଦୁଃଖ
ହେଉନାହିଁ ଜମାବସି ।।

ଯିବାନି ଅପଥ କରିବା ଶପଥ
ଗଛ ଲଗାଇବା ମିଶି
ମିଳିବ ଆମକୁ ଜଳ ଫୁଲ ଫଳ
ପବନତ ଦିବା ନିଶି ।।

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

# ଦିନକୁ ଦିନ ବଢୁଛି ତାତି

*ବସନ୍ତ କୁମାର ପ୍ରଧାନ*



ପାରଦ ହେଉଛି ଉପର ମୁହାଁ
ଅସହ୍ୟ ହେଉଛି ଗରମ ଛୁଆଁ ।
ଜଳସ୍ତର କମି କମି ଯାଉଛି
ନଈ ନାଳ ସବୁ ଶୁଖି ଯାଉଛି ।
ନାହିଁ ଗଛ ଲତା ଶୀତଳ ଛାଇ
ଉହଳ ବିକଳ ବାଟୋଇ ଭାଇ ।
ପଙ୍ଖା ପବନରେ କଟୁଛି ଦିନ
ବହେନା ଟିକିଏ ଥଣ୍ଡା ପବନ ।
ପରିବେଶ ପ୍ରଦୂଷିତ ହେଉଛି
ସେଥିପାଇଁ ଖରା ତେଜ ବଢୁଛି ।
ସେ ସବୁରି ପାଇଁ ଆମେ କାରଣ
କରିବାକୁ ହେବ ବୃକ୍ଷ ରୋପଣ ।
ଗଛ ହିଁ ଆମର ରକ୍ଷା କବଚ
ପଡ଼ିଆ ଜମିରେ ଲଗାଅ ଗଛ ।

ଦିନକୁ ଦିନ ବଢୁଛି ତାତି
ଡାକି ଆଣୁଅଛି ମହାବିପତ୍ତି ।
ବଢ଼ି ବଢ଼ି ଯାଏ ସୂରୁଜ ଖରା
ଉତ୍ତପ୍ତ ହେଉଛି ଦେଖ ଏ ଧରା ।

*ହରିହରପୁର, ଛେଣ୍ଡିପଦା, ଅନୁଗୋଳ*
*ମୋ-୭୭୩୫୬୧୧୪୮୪*

# କାହିଁ ଖେଳୁ ଲୁଚକାଳି

*ସୁଧାକର ରାଉତ*



କାହିଁକି କରିଛୁ ରୋଷ
କରିଛୁ କି ଆମେ ଦୋଷ
ସେ ଲାଗି ବରଷା ରାଣୀ ଗୋ ସବୁରି
ମୁହଁରୁ ଲିଭାଉ ହସ ।

ଗଲା ରଜ ତିନି ଦିନ
ନ ତରଳିଲା ତୋ ମନ
ଏଲନିନୋ କଥାରେ ପଡ଼ି ତୁ ସତେ
ହରାଇଲୁ ନିଜ ଜ୍ଞାନ ।

କାଳବୈଶାଖୀରେ ମିଶି
ବରଷୁଛୁ ଟିକେ ଆସି
ମାତ୍ର ଉପକାର ଠାରୁ ପରା ତାହା
କ୍ଷତି କରୁଅଛ ବେଶୀ ।

ଆସିବୁ ଆସିବୁ କହି
ଦେଖା ତୋର ମିଳେ ନାହିଁ
ନର, ପଶୁ, ପକ୍ଷୀ କୀଟ ତରୁଲତା
ରହିଛନ୍ତି ତୋତେ ଚାହିଁ ।

ତୁ ପରା ଚାଷୀର ବଳ
କିପରି କରେ ସେ ହଳ
ତା ଉଦାସୀ ମୁହଁକୁ ଥରେ ଚାହିଁ ତୁ
ବରଷ ଟିକିଏ ଜଳ ।

ମୌସୁମୀ ବି ସାଧେ ଦାଉ
ତା ଦେଖା ମିଳେନି ଆଉ
ଦୁର୍ବଳ ହୋଇ ସେ ଲୁଚିଗଲା ଏବେ
କେରଳକୁ ଛୁଉଁ ଛୁଉଁ ।

ଆଉ ଡହ ଡହ ଖରା
ସହି ବି ପାରୁନି ଧରା
ଆଉ ଲୁଚକାଳି ନ ଖେଳି ବରଷା
ବୁହାଇ ଦେ ତୋର ଧାରା ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

# ମିଠା ଲାଗେ ଜାମୁକୋଳି



*ଧ୍ରୁବ ଚରଣ ଘିବେଲା*

ଖରାଦିନିଆ ଫଳଟିଏ ସେ
ଜାମୁ ତାହାର ନାଆଁ
ଛୋଟ ଆକାର ଛୋଟିଆ ଫଳ
ପୁଣି ଗୋଲ ଗୋଲିଆ ।

ଖରାଦିନରେ ଜାମୁଗଛରେ
ଫଳେ ଶାଗୁଆ ଫଳ
ଧିରେ ଧିରେ କି ବଢ଼ିଯାଇକି
ଖରାକୁ ପାଚେ ଭଲ ।

କଞ୍ଚା ବେଳର ଶାଗୁଆ ଫଳ
ପାଚିଲେ କଳା ନେଳୀ
ପାଚିଲା ଜାମୁ ଖାଇଲେ ମିଠା
ବଢ଼ିଆ ଉପକାରୀ ।

ଗଛ ପାଚିଲା ଜାମୁ ବଢ଼ିଆ
ସୁଆଦ କଷା ମିଠା
ଯେ ଖାଏ ଜାଣେ ସୁଆଦ ତାର
ଗୁଣରେ ସୁନ୍ଦରତା ।

ଖରାଦିନିଆ ଫଳ ବଢ଼ିଆ
ପାଚିଲା ଜାମୁ କୋଳି
ଖାଇବା ମଜା ଗଛରେ ଚଢ଼ି
ଯେ ଖାଏ ଜାମୁ ତୋଳି ।

ଲୁଣ ମରିଚ ସାଥେ ଖାଇଲେ
ସୁଆଦ ଜମାଣିଆ
ଋତୁକାଳୀନ ସେ ଜାମୁ ଫଳ
ବଢ଼ିଆ ସୁନ୍ଦରିଆ ।

*ବଉଦରାଜ-୭୬୨୦୧୪, ବୌଦ୍ଧ*
*ମୋ-୯୪୩୭୪୭୮୪୬୬*

# ଗ୍ରୀଷ୍ମ ତାତି ଥରାଏ ଛାତି

*ପ୍ରଫୁଲ୍ଲ କୁମାର ସାହୁ*



ଆ'ରେ ଆ ଟିକି ଚଢ଼େଇ
ଉଡ଼ି ଉଡ଼ି ତୁ ଆ,
ଦାଣ୍ଡ ଦୁଆରେ ରଖିଛି ପାଣି
ପିଇ ଦେଇ ତୁ ଯାଆ ।୧।

ସାରା ଦିନ ତୁ ବୁଲୁ ଖରାରେ
ନିଜ ଆହାର ପାଇଁ,
ଖରାରେ ବୁଲି ହେଉ ହାଲିଆ
ବିଶ୍ରାମ ଟିକେ ନାହିଁ ।୨।

ବୁଲି ବୁଲି ତୁ ପଡ଼ିଲେ ଥକି
ଆମ ଦୁଆରେ ଆସି,
ଶୀତଳ ଜଳ ରଖିଛି ପରା
ପିଇ ହୋଇବୁ ଖୁସି ।୩।

ଖୁସି ମନରେ ଆହାର ଖୋଜୁ
ଟିକି ଡେଣା ତୋ ଝାଡି ।୪।

ଗ୍ରୀଷ୍ମ ତାତି ଥରାଏ ଛାତି
ଦେଖିଲେ ଲାଗେ ଡର,
ଖାଇବା ପାଇଁ ଦେବି ମୁଁ ତୋତେ
ଆସରେ ଆମ ଘର ।୫।

ଜାତି ଜାତିକା ଫଳ ଗଛରେ
ଆମରି ବାଡି ଭରା,
ଗଛରେ ବସି ଖାଇବୁ ଫଳ
ବିଶ୍ରାମ ନେଇ ପରା ।୬।

ଖରା ନଇଁଲେ ଯିବୁତୁ ଉଡ଼ି
ନିଜ ବସାକୁ ତୋର,
ସକାଳ ଠାରୁ ସଞ୍ଜ ଯାଏ ତୁ
ଆକାଶେ ଉଡି ଉଡି,
ଜ୍ୟେଷ୍ଠ ମାସର ଟାଣ ଖରାକୁ
ମନେ ନରଖି ଡର ।୭।

*ଯଦୁ-ମାଳତୀ କୃପା ନିବାସ, ଶକ୍ତି ବିହାର/ ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୯୪୪୩୮୩*



# ଅଶୁଭ ଗଛ



ବିଜୟଲକ୍ଷ୍ମୀ ପାଣିଗ୍ରାହି



ଘର ବାଡ଼ି ମୁଣ୍ଡରେ କେଉଁ କାଳରୁ ତାଳ ଗଛଟିଏ ରହିଆସିଅଛି । ହେଲେ ନାନାମୁନି ନାନାମତର କଥାରେ ପଡ଼ି କ୍ଷଣକୁ କ୍ଷଣ ବାସ୍ତୁଶାସ୍ତ୍ର ମଧ୍ୟ ଏଣ୍ଡୁଅ ପରି ରଙ୍ଗ ବଦଳାଇଲାଣି । ସେଥିପାଇଁ କିଏ କହୁଛି ଘରବାଡ଼ିରେ ସେ ତାଳ ଗଛଟା ପରିବାର ପାଇଁ ବଡ଼ ଅଶୁଭ । ତ ଆଉ କିଏ କହୁଛି, ଡାହାଣୀ ପିଶାଚୁଣୀ ଘର କରିବେ । ଏତେକଥା ଶୁଣିଲା ପରେ କେଉଁ ଦିନରୁ ଗଛଟା କଟା ହୋଇସାରନ୍ତାଣି । ହେଲେ ଗୋଷ୍ଠେଇଁ ଜେଜେ ଲଗାଇଥିବା ଗଛଟା ପାଞ୍ଚ ବର୍ଷ ହେଲା ଗାଆଁ କୋଠଜାଗାର ବୋଲି ବାହାରିଲା । ତେଣୁ ଏବେ ଆଉ ସିଧାସଳଖ ତାକୁ ମାରି ହେବନାହିଁ । ତେଣୁ ଆଙ୍ଗୁଠି ବଙ୍କା କରିବାକୁ ପଡ଼ିବ । ବାପା ଆଉ ଦାଦା ମିଶି ଗଛକୁ ମାରିବା ଉପାୟ ଖୋଜିବାକୁ ଲାଗିଲେ । ପାଖରେ ବସିଥାଏ ଗେଲୁ, ଯିଏ ଏବେ ଏବେ ଆଦର୍ଶ ବିଦ୍ୟାଳୟରେ ପଢିବା ପାଇଁ ମନୋନୀତ ହୋଇଛି । ସପ୍ତମ ସ୍ଥାନରେ ରହି ଚୟନ ହୋଇଥିବାରୁ ମନରେ ତା'ର ବହୁତ କୌତୁକ । ଖରାଛୁଟିର ସମୟ ଉପଯୋଗ କରିବାକୁଯାଇ ମୋବାଇଲ୍‌ରୁ ଏକ ବିଜ୍ଞାନ ପ୍ରକଳ୍ପ ଦେଖୁଥିଲା । ସେହି ସମୟରେ ଏକ ପୋଷ୍ଟ ତା' ନଜରରେ ଆସିଲା । ଜଣେ ବିଜ୍ଞାନ ଶିକ୍ଷକ କହୁଥିଲେ, ଆମ ଓଡ଼ିଶାରେ କାହିଁକି ଏତେ ବଜ୍ରପାତ ଆଉ ଘଡ଼ଘଡ଼ି ସହିତ ବର୍ଷା ହେଉଛି ତାହା ପୁଣି ଅଦିନରେ । ମୋବାଇଲ୍‌ର ପୋଷ୍ଟ ଦେଖିସାରି ଗେଲୁ ତା' ଦାଦାଙ୍କୁ ପ୍ରଶ୍ନଟିଏ ପଚାରିଲା ।

-ଦାଦା ! ଦାଦା ! କହିଲ ଦେଖି, ଆମ ଓଡ଼ିଶାରେ କାହିଁକି ସବୁଠାରୁ ଅଧିକ କାଳବୈଶାଖୀ ହେଉଛି ?

-ଖାଲି ଓଡ଼ିଶାରେ ହେଉଛି ବୋଲି ନାହିଁ ତ, ଏମିତି ଅନେକ ସ୍ଥାନରେ ମଧ୍ୟ ହେଉଛି ।

-ନା...ନା । କିଛି ସ୍ଥାନରେ ହେଉଛି ସତ, ହେଲେ ଆମ ଓଡ଼ିଶାରେ ସବୁଠାରୁ ଅଧିକ ହେଉଛି । ଆଉ କାହିଁକି ହେଉଛି, ତାହା ମୁଁ ଜାଣିଛି ।

-ଆଚ୍ଛା ଆମ ଗେଲୁ କେତେକଥା ଜାଣିଲାଣି ତ । ତା'ହେଲେ ତୁ ଏବେ କହିଦେ... କାହିଁକି ହେଉଛି ?

-ଆମେ ଯେଉଁ ପୁରୀ ଯାଇଥିଲେ ସେଇ ପୁରୀ ସମୁଦ୍ର ହେଉଛି ବଙ୍ଗୋପସାଗର । ଯାହା ଆମ ଓଡ଼ିଶାକୁ ଲାଗି ରହିଛି । ଗୋଟେପଟେ ଗରମ ଦିନରେ ଅଧିକ ସୂର୍ଯ୍ୟକିରଣ ପାଇ ବାଷ୍ପିଭବନ ପ୍ରକ୍ରିୟା ଏଠାରେ ଅଧିକ ହୋଇଥାଏ । ଜଳୀୟ ବାଷ୍ପପୂର୍ଣ୍ଣ ବାୟୁ ଉପରେ ଥଣ୍ଡା ହୋଇ ମେଘ ସୃଷ୍ଟି କରନ୍ତି । ଅନ୍ୟପଟେ ସ୍ଥଳଭାଗରେ ବାୟୁ ଅଧିକ ଗରମ ହୋଇ ଉପରକୁ ଉଠେ । ତଳେ ଗରମ ବାୟୁ ଆଉ ଉପରେ କଳାମେଘ ଉଭୟ ସନ୍ତୁଳନ ହରାଇ ବିଜୁଳି ଘଡଘଡ଼ି ସୃଷ୍ଟି କରନ୍ତି । ତମେ ଜାଣିଛ ଦାଦା, ଆମ ଓଡ଼ିଶାରେ ପ୍ରାୟ ତିନି ଶହରୁ ଚାରିଶହ ଲୋକ ଏହି ବଜ୍ରପାତରେ ପ୍ରତିବର୍ଷ ମରନ୍ତି ।

- ତା'ହେଲେ ତୁ କ'ଣ କହୁଛୁ । ଆମ ଓଡ଼ିଶାକୁ ଏଠାରୁ ଘୁଞ୍ଚାଇ ଦେଇ ଆଉ ଏକ ସ୍ଥାନକୁ ନେଇଯିବା ନା କ'ଣ ? ଯେଉଁଠି ଏ ବଜ୍ରପାତ ହେଉନଥିବ ।

- ଦାଦା ! ସେମିତି ତ ହୋଇପାରିବନାହିଁ । କିନ୍ତୁ ଏହି ସମସ୍ୟାର ଆଉ ଏକ ସମାଧାନ ରହିଛି । ଯାହା ଆମ ଓଡ଼ିଶା ସରକାର ଏବେ କରୁଛନ୍ତି ।

-ସେଇଟା ପୁଣି କ'ଣ ?

- କହୁଛି... କହୁଛି ଶୁଣ । ସେଥିପାଇଁ ଏହିବର୍ଷ ଆମ ଓଡ଼ିଶା ସରକାର ଏକ ଲକ୍ଷରୁ ଉର୍ଦ୍ଧ୍ୱ ତାଳଗଛ ସମୁଦ୍ର ଉପକୂଳ ଅଞ୍ଚଳରେ ଲଗାଇବା ବ୍ୟବସ୍ଥା କରିଛନ୍ତି ।

ଏହାଶୁଣି ବାପା ଗେଲୁ ଆଡ଼କୁ ଦେଖିଲେ । ପୁଣି ସାନ ଭାଇ ଆଡ଼କୁ ଦେଖି କହିଲେ ଏ ଅଶୁଭ ଗଛ କାହିଁକି ଲଗାଇବେ ? ଆମେ ତ ଆମ ବାଡ଼ରେ ଥିବା ତାଳ ଗଛ ମାରିବାକୁ ଚାହୁଁଛୁ । ଆମ ସରକାର ପାଗଳ ହୋଇଗଲାକି ? ଏତେ ଅଶୁଭ ଗଛ କାହିଁକି ଲଗାଇବେ ? ଗେଲୁ ପାଟିରେ ହାତ ଦେଇ ହସିଲା । ଆଉ ବାପାଙ୍କୁ କହିଲା...

- ବାପା ! ଗଛ କେବେ ଅଶୁଭ ନଥାଏ । ତା' ବ୍ୟତୀତ ସରକାର ମଧ୍ୟ ପାଗଳ ନୁହଁନ୍ତି । ତାଳଗଛଗୁଡ଼ିକ ଭାରି ଉଚ୍ଚ । ବଜ୍ରପାତକୁ ଏଡ଼େଇବା ପାଇଁ ସରକାର ତାଳଗଛ ଲଗାଉଛନ୍ତି । କାରଣ ବଜ୍ରପାତ ଭୂମିଆଡ଼କୁ ପଡ଼ିଲେ ଆମ ଧନ ଜୀବନ କ୍ଷତି କରିବା ପୂର୍ବରୁ ପ୍ରଥମେ ଏହି ଗଛରେ ପଡିବ । ଗଛଟି ଜଳିଯିବ ମାତ୍ର ଆମ ଧନ ଜୀବନ ସୁରକ୍ଷିତ ରହିବ । ଏବେ କୁହ ଆମ ସୁରକ୍ଷା ପାଇଁ ନିଜ ଜୀବନକୁ ତ୍ୟାଗ କରୁଥିବା ତାଳଗଛ ଆମ ପାଇଁ ଶୁଭ ନା ଅଶୁଭ ?

ବାପା ଆଉ ଦାଦା ଢ଼ିମାଢ଼ିମା ଆଖି କରି ସେମିତି ଅନାଇ ଥାଆନ୍ତି । ଗେଲୁ ମୋବାଇଲ୍‌ରୁ ତାଳଗଛ ସମ୍ପର୍କୀୟ ଭିନ୍ନ ଭିନ୍ନ ତଥ୍ୟ ବାହାର କରି ଉଭୟଙ୍କୁ ଦେଖାଉଥାଏ । ଗେଲୁର ମୁଣ୍ଡକୁ ଆଉଁଷି ଦେଉଦେଉ ଦାଦା କହିଲେ, 'ବୟସରେ ସାନ ହେଲେ କ'ଣ ହେଲା, ଗେଲୁ ଆମର ଭାରି ବୁଦ୍ଧିଆ ।'

*ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*
*ମୋ-୮୨୪୯୪୫୦୦୫୦*

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ଜୁନ୍ ୨୦୨୬ ଗୁରୁବାର





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତୀୟ ନାବିକଙ୍କ...

ରହିବ । ଯେ ପର୍ଯ୍ୟନ୍ତ ମୁଁ ରାଷ୍ଟ୍ରପତି ଅଛି, ସେ ପର୍ଯ୍ୟନ୍ତ ହ୍ୱାଇଟ୍ ହାଉସରେ ଭାରତ ପାଇଁ ଜଣେ ଭଲ ବନ୍ଧୁ ଭାବେ ରହିବି ବୋଲି ସେ କହିଛନ୍ତି । ପଶ୍ଚିମ ଏସିଆ ପ୍ରସଙ୍ଗ ଉଲ୍ଲେଖ କରି ଟ୍ରମ୍ପ କହିଛନ୍ତି ଯେ ପଶ୍ଚିମ ଏସିଆରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା କରୁଛନ୍ତି । ବୈଠକ ପରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ-ଆମେରିକା ମଧ୍ୟରେ ଥିବା ରଣନୈତିକ ସମ୍ପର୍କ ବର୍ତ୍ତମାନ ଏକ ନୂଆ ଶକ୍ତି ଓ ଗତି ହାସଲ କରୁଛି । ଅପରପକ୍ଷରେ, ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିଜର ଜଣେ ଭଲ ବନ୍ଧୁ ଭାବେ ଅଭିହିତ ନିବିଡ଼ ସମ୍ପର୍କକୁ ପୁନର୍ବାର ପ୍ରଦର୍ଶନ କରିଛନ୍ତି ।

ବୁଧବାର ପ୍ରଧାନମନ୍ତ୍ରୀ ମୋଦୀ ଆମେରିକା ବ୍ୟତୀତ ୟୁରୋପୀୟ ୟୁନିୟନର ପ୍ରମୁଖ ନେତାମାନଙ୍କ ସହ ମଧ୍ୟ ବୈଠକ କରିଛନ୍ତି । ଏହି ଆଲୋଚନାରୁ ଏକ ବଡ଼ ସଫଳତା ମିଳିଛି, ଯେଉଁଠାରେ ଚଳିତ ବର୍ଷ ଶେଷ ସୁଦ୍ଧା ଭାରତ ଓ ୟୁରୋପୀୟ ୟୁନିୟନ ମଧ୍ୟରେ ଏକ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବା ନେଇ ସହମତି ପ୍ରକାଶ ପାଇଛି । ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦୀ ଜର୍ମାନୀ ଚାନସେଲର ଫ୍ରେଡ୍ରିକ୍ ମେଜରଙ୍କ ସହ ଆର୍ଥିକ ସହଯୋଗ ବୃଦ୍ଧି ଏବଂ ୟୁକ୍ରେନ ରାଷ୍ଟ୍ରପତି ବୋଲୋଡିମିର ଜେଲେନସ୍କିଙ୍କ ସହ ମଧ୍ୟ ପୃଥକ ଭାବେ ସାକ୍ଷାତ କରି ବିଶ୍ୱ ଶାନ୍ତି ଉପରେ ଆଲୋଚନା କରିଛନ୍ତି ।

## ରାଜ୍ୟ ସରକାରଙ୍କ...

ବ୍ରହ୍ମପୁରକୁ ଜିଲ୍ଲା ଭାବେ ଅଭିହିତ କରିବା, ଭୁଲ ବନାନ ଲେଖାଯିବା ଛୋଟିଆ କଥା ନୁହେଁ । 'ଓଡ଼ିଆ ଅସ୍ମିତା'ର ନାରା ଦେଇ ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଆ ଭାଷା ଓ ଲିପିକୁ ସର୍ବାଧିକ କଦର୍ଥ କରାଯାଇଛି ।

ଶୈଶବରୁ ପିଲାମାନଙ୍କ ଶିକ୍ଷା ସହ ବିଜେପି ସରକାର କରୁଥିବା ସାଲିସ୍ କଦାପି କ୍ଷମଣୀୟ ନୁହେଁ । ତୁରନ୍ତ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବା ସହ ପିଲାମାନଙ୍କ ଉତ୍ତମ ଶିକ୍ଷା ସୁନିଶ୍ଚିତ କରାଯାଉ ବୋଲି ବିରୋଧୀ ଦଳ ନେତା ଉଲ୍ଲେଖ କରିଛନ୍ତି ।

## ସଚିବସ୍ତରୀୟ ବୈଠକରେ...

କାର୍ଯ୍ୟକାରିତାର ତ୍ୱରିତ ମୂଲ୍ୟାଙ୍କନ ମାଧ୍ୟମରେ ଅଧିକ ଦକ୍ଷ, ସ୍ୱଚ୍ଛ ଓ ଜନକୈନ୍ଦ୍ରିକ ପ୍ରଶାସନକୁ ଗୁରୁତ୍ୱାରୋପ କରାଯାଇଛି ।ଓଡ଼ିଶା ଜନ ବିଶ୍ୱାସ ଆଇନ୍ କାର୍ଯ୍ୟକାରିତା ସଂପର୍କିତ ଆଲୋଚନା, ତ୍ୱରିତ ମୂଲ୍ୟାଙ୍କନ ବ୍ୟବସ୍ଥା ମାଧ୍ୟମରେ ଅଧିକ ଦକ୍ଷ, ସ୍ୱଚ୍ଛ ଓ ଜନକୈନ୍ଦ୍ରିକ ପ୍ରଶାସନ ଗଠନକୁ ଗୁରୁତ୍ୱାରୋପ କରାଯାଇଛି । ବୈଠକରେ ଗତ ମଇ ମାସରେ ବିଭିନ୍ନ ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ ସଫଳତା ସଂପର୍କରେ ମୁଖ୍ୟ ଶାସନ ସଚିବ ଆଲୋକପାତ କରିଥିଲେ । ଆଗାମୀ ୨୦ ତାରିଖରେ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ରାଇରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମର ଶୃଙ୍ଖଳିତ ବ୍ୟବସ୍ଥା ନେଇ ବିଭିନ୍ନ ବିଭାଗୀୟ କାର୍ଯ୍ୟ ସୁଚାରୁରୂପେ ସଂପାଦନ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ ।

ବୈଠକରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ଦ୍ରୁତ ଏବଂ ପ୍ରମାଣଭିତ୍ତିକ ମୂଲ୍ୟାଙ୍କନ ପାଇଁ "ରାପିଡ୍ ସର୍ଭେ ବେସ୍ଡ ଆସେସମେଣ୍ଟ" ବ୍ୟବସ୍ଥାର ଆବଶ୍ୟକତା ସମ୍ପର୍କରେ ସମସ୍ତ ବିଭାଗୀୟ ସଚିବମାନଙ୍କୁ ଅବଗତ କରାଇଥିଲେ । ଏହି ବ୍ୟବସ୍ଥା ଫଳରେ ଯୋଜନାଗୁଡ଼ିକର କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ସମ୍ପର୍କରେ ତ୍ୱରିତ ମତାମତ ମିଳିବ, ଯାହା ଦ୍ୱାରା ତ୍ରୁଟି ଚିହ୍ନଟ, ମଧ୍ୟବର୍ତ୍ତୀ ସଂଶୋଧନ, ନୀତି ନିର୍ଦ୍ଧାରଣ ଏବଂ ଫଳାଫଳମୁଖୀ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବ ।

ଶିଳ୍ପ ଏବଂ ଅନ୍ୟାନ୍ୟ ବିଭାଗରେ ନିୟାମକ ସରଳୀକରଣ(ଡି-ରେଗୁଲେସନ) ମାଧ୍ୟମରେ ଅନାବଶ୍ୟକ ଅନୁମୋଦନ ଓ ପ୍ରକ୍ରିୟାଗତ ଜଟିଳତା ହ୍ରାସ କରିବା ଉପରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ତତ୍ ସହିତ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ, ବକେୟା ଥିବା ସରକାରୀ ବିଦ୍ୟୁତ୍ ବିଲ ପୈଠ ସଂପର୍କରେ ସମୀକ୍ଷା କରାଯାଇଥିଲା ।

ଅନୁଗୋଳ ଜିଲ୍ଲାପାଳ ଅବଦ୍ଦାଲ ଏମ୍. ଅଖତର୍ "ବିକଶିତ ଅନୁଗୋଳ" ଲକ୍ଷ୍ୟକୁ ସାକାର କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ୨୬ ଟି ଭିତ୍ତିଭୂମି ଓ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ପ୍ରସ୍ତାବିତ ବୁଢାପଙ୍କରୁ ଭାୟା ତେନ୍ତୁଲାଇ ଦେଇ ଲୁବୁରୀ ପର୍ଯ୍ୟନ୍ତ ଦୀର୍ଘ ୧୧୨.୫୬ କିମି ପର୍ଯ୍ୟନ୍ତ ବାହ୍ୟ ରେଳ କରିଡର ଏବଂ ପୁତୁଗାଡ଼ିଆ ଠାରୁ ତେନ୍ତୁଲାଇ ପର୍ଯ୍ୟନ୍ତ ୫୦ କିମି ଦୀର୍ଘ ଆଭ୍ୟନ୍ତରୀଣ ରେଳ କରିଡରର ନିର୍ମାଣ ସମ୍ପର୍କରେ ଆଲୋଚନା କରିଥିଲେ, ଯାହାକି ସଂଲଗ୍ନ ବିଭିନ୍ନ ଅଞ୍ଚଳରୁ କୋଇଲା ଓ ଖଣିଜ ପଦାର୍ଥ ସୁପରିବହନରେ ତଥା ପରୋକ୍ଷରେ ରାଜ୍ୟ ତଥା ଦେଶର ଶିଳ୍ପ ବିକାଶରେ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରିବ । ସେହିପରି ଏନଏଚ୍-୫୩ ଓ ଏନଏଚ୍-୧୪୯ର ଉନ୍ନତିକରଣ, ତାଳଚେର-ବିମଳାଗଡ଼ ରେଳ ସଂଯୋଗୀକରଣ , ଜାତୀୟ ଜଳପଥ-୫ର ବିକାଶ ସଂପର୍କିତ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲାରେ ପ୍ରଭାବିତ ଅଞ୍ଚଳରେ ଖଣି ପ୍ରଭାବିତ ଅଞ୍ଚଳରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଛି । ଆଗାମୀ ମାର୍ଚ୍ଚରୁ ଡିସେମ୍ବର ୨୦୨୭ ମଧ୍ୟରେ ଜିଲ୍ଲାରେ ଗୁରୁତ୍ୱପୂର୍ଣ୍ଣ ୫ଟି ମେଗା ପାଇପ୍ ୱାଟର ପ୍ରକଳ୍ପ ସ୍ଥାପନ, ଆଲୁମିନିୟମ ପାର୍କର ସମ୍ପ୍ରସାରଣ, ପବିତ୍ରମୋହନ ଟେକ୍ନିକାଲ କଲେଜ ଓ ହସ୍ପିଟାଲର ପୂର୍ଣ୍ଣ କାର୍ଯ୍ୟକ୍ଷମତା, ମାଲ୍ୟଗିରି-ଗେଙ୍ଗାଲି-ମଙ୍ଗୋଲ ଇକୋ-ଟୁରିଜମ ସର୍କିଟ ଏବଂ ସାତକୋଶିଆକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ଭଳି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରିତା ନେଇ ଜିଲ୍ଲାପାଳ ରୋଡ୍ ମ୍ୟାପ୍ ଉପସ୍ଥାପନ କରିଥିଲେ ।

## ସାଇବର ଅପରାଧୀମାନେ...

କୋଟିରୁ ଅଧିକ ଟଙ୍କା ହରାଇଛନ୍ତି । ନ୍ୟାସନାଲ କ୍ରାଇମ୍ ରେକର୍ଡସ ବ୍ୟୁରୋ (ଏନସିଆରବି)ର ସବିଶେଷ ତଥ୍ୟ ଅନୁସାରେ, ୨୦୨୧ରୁ ୨୦୨୩ ମଧ୍ୟରେ ଦେଶରେ ସାଇବର ଅପରାଧ ମାମଲା ପ୍ରାୟ ୬୩ ପ୍ରତିଶତ ବୃଦ୍ଧି ପାଇ ୮୬,୦୦୦ ରୁ ଅଧିକ ହୋଇଛି, ଯେଉଁଥିରେ କର୍ଣ୍ଣାଟକ ଶୀର୍ଷରେ ଥିବା ବେଳେ ଏହା ପଛକୁ ତେଲେଙ୍ଗାନା, ଉତ୍ତର ପ୍ରଦେଶ ଓ ମହାରାଷ୍ଟ୍ର ରହିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରଣାଳୟର 'ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେସନ୍ ସେଣ୍ଟର' ବାରମ୍ବାର ଚେତାବନୀ ଦେଇଛି ଯେ, ଏହି ସଂଗଠିତ ଅପରାଧୀମାନେ ନକଲି ନିବେଶ, ଡିଜିଟାଲ ଆରେଷ୍ଟ, କ୍ରିପଟୋକରେନ୍ସି ଓ ଅନଲାଇନ୍ ଟ୍ରେଡିଂ ଜାଲିଆତି ପାଇଁ 'ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ' ଏବଂ ବିଦେଶୀ ଡିଜିଟାଲ ଭିତ୍ତିଭୂମିର ବ୍ୟବହାର କରୁଛନ୍ତି, ଯାହାଫଳରେ ଆଇନ ପ୍ରୟୋଗକାରୀ ସଂସ୍ଥାଗୁଡ଼ିକ ଏମାନଙ୍କୁ ଧରିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

## ଖୁବ୍‌ଶୀଘ୍ର କେନ୍ଦ୍ର ...

ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ୩ୟ ପାଳିର ଏନଡିଏ ସରକାର ନିଜର ୨ବର୍ଷର କାର୍ଯ୍ୟକାଳ ଶେଷ କରିଥିବାରୁ ଖୁବ୍ ଶୀଘ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ନେଇ ଚର୍ଚ୍ଚା ଜୋର୍ ଧରିଛି । ଗତ ୨୦୨୪ ଜୁନ୍ ୯ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ୩୦ଜଣ କ୍ୟାବିନେଟ୍ ମନ୍ତ୍ରୀ, ୫ଜଣ ରାଜ୍ୟ (ସ୍ୱାଧୀନ ଦାୟିତ୍ୱ) ମନ୍ତ୍ରୀ, ୩୬ଜଣ ରାଜ୍ୟମନ୍ତ୍ରୀ ଶପଥ ନେଇଥିଲେ । ୨୦୦୩ର ସମ୍ବିଧାନ ସଂଶୋଧନ ଅନୁଯାୟୀ ଲୋକସଭା ଓ ବିଭିନ୍ନ ରାଜ୍ୟର ବିଧାନସଭାର ମୋଟ୍ ସଦସ୍ୟ ସଂଖ୍ୟାର ୧୫%ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିପାରିବେ । କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଏହା ୧୦% ରଖାଯାଇଛି । କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ଏଥିରେ ମହିଳା, ଓବିସି, ଅନୁସୂଚିତ ଜାତି, ନିର୍ବାଚନ ହେବାକୁ ରାଜ୍ୟର ସାଂସଦଙ୍କୁ ଅଗ୍ରାଧିକାର ମିଳିବ ବୋଲି ଆଲୋଚନା ହେଉଛି । ସେହିପରି ଦଳର ବରିଷ୍ଠ ନେତାଙ୍କୁ ସାଂଗଠନିକ ଦାୟିତ୍ୱ ମିଳିବ ବୋଲି ଜଣାପଡ଼ିଛି । ବର୍ତ୍ତମାନ କେନ୍ଦ୍ରରେ ୭୨ଜଣ ମନ୍ତ୍ରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୭ଜଣ ହେଉଛନ୍ତି ମହିଳା । ତେଣୁ ମନ୍ତ୍ରିମଣ୍ଡଳରେ ସେମାନଙ୍କ ସଂଖ୍ୟାବୃଦ୍ଧି ହେବା ଏକପ୍ରକାର ନିଶ୍ଚିତ । ୨୦୨୭ ଫେବୃଆରୀ-ମାର୍ଚ୍ଚରେ ଉତ୍ତରପ୍ରଦେଶ, ପଞ୍ଜାବ, ମଣିପୁର, ଗୋଆ ଓ ଉତ୍ତରାଖଣ୍ଡରେ ନିର୍ବାଚନ ହେବାକୁ ଥିବାବେଳେ ୨୦୨୭ ଶେଷ ଭାଗରେ ହିମାଚଳ ପ୍ରଦେଶ ଓ ଗୁଜରାଟରେ ନିର୍ବାଚନ ହେବ । ଆସନ୍ତା ନଭେମ୍ବରରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବା ବେଳେ ପରବର୍ତ୍ତୀ ସମୟରେ ଉତ୍ତରପ୍ରଦେଶର ୧୦ ଓ ଉତ୍ତରାଖଣ୍ଡର ଜଣେ ରାଜ୍ୟସଭା ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି । ସେମାନଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଦଳର କେତେକ ବରିଷ୍ଠ ନେତାଙ୍କୁ ରାଜ୍ୟସଭାକୁ ନିର୍ବାଚିତ କରିବାକୁ ବିଜେପି ଯୋଜନା ରଖିଛି ।

## ଘଟଣାର ପୁଙ୍ଖାନୁପୁଙ୍ଖ...

ଲେଖିଥିଲେ । ବହୁ ବାଦବିବାଦରେ ଚାମେଲିଙ୍କୁ ମଙ୍ଗଳବାର ସ୍ଥାନୀୟ ଏସଡିଜେଏମ୍ କୋର୍ଟରୁ ଜାମିନ ମିଳିଛି । ସୂଚନାଯୋଗ୍ୟ, ମଙ୍ଗଳବାର ଚାମେଲିଙ୍କୁ ଜାମିନ ପ୍ରଦାନ କରିଛନ୍ତି ଏସଡିଜେଏମ୍ କୋର୍ଟ । ମହାକାଳପଡ଼ା ପୁଲିସ୍ ଏସଆଇ ଓ ହୋମଗାର୍ଡଙ୍କୁ ଆକ୍ରମଣ ଅଭିଯୋଗରେ ଚାମେଲିଙ୍କୁ ଜାମିନ୍ ମିଳିଛି । ଏବେ ବି କେନ୍ଦ୍ରାପଡ଼ା ମେଡିକାଲ୍‌ରେ ଚିକିତ୍ସାଧୀନ ଅଛନ୍ତି ଚାମେଲି । ମହାକାଳପଡ଼ା ପୁଲିସ୍ ଚାମେଲି ଓ ତାଙ୍କ ଭାଇଙ୍କ ଫୋନ୍ ତାଙ୍କ ବାପାଙ୍କୁ ଫେରାଇ ଦେଇଛି । ସେପଟେ ଚାମେଲିଙ୍କ ଏତଲା ଆଧାରରେ ଜଣଙ୍କୁ ଗିରଫ କରାଯାଇଥିବାବେଳେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନଥିବା ଚାମେଲି ଅଭିଯୋଗ କରିଛନ୍ତି ।

## ୨୮ରେ ଓଟିଇଟି ...

ମାନେ ଆଜିଠୁ ବୋର୍ଡ ୱେବସାଇଟରୁ ସେମାନଙ୍କ ଆଡମିଟ୍ କାର୍ଡ ପାଇପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି । ଆବେଦନକାରୀ ଫର୍ମପୂରଣ ସମୟରେ ଦେଇଥିବା ମୋବାଇଲ୍ ନମ୍ବର ଓ ପାସ୍‌ୱାର୍ଡ ବ୍ୟବହାର କରି ଆଡମିଟ୍ କାର୍ଡ ପାଇପାରିବେ । ପରୀକ୍ଷା ପାଇଁ ବୋର୍ଡ ପକ୍ଷରୁ ୩୦ଟି ଜିଲ୍ଲାରେ ମୋଟ ୩୧୧ଟି ସେଣ୍ଟର୍ ଚୟନ କରାଯାଇଛି । ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର କ୍ଲୋଜ୍ ସର୍କିଟ୍ କ୍ୟାମେରା (ସିସିଟିଭି)ବଳୟରେ ରହିବ । ପ୍ରଶ୍ନପତ୍ରର ସୁରକ୍ଷା ଓ ପରୀକ୍ଷା ଆଗରୁ ପ୍ରଶ୍ନ ଭାଇରାଲ୍ ରୋକିବା ଲାଗି ପ୍ରଶ୍ନପତ୍ରଗୁଡ଼ିକ ଡିଜିଟାଲ୍ ଲକରରେ ବୋର୍ଡ କାର୍ଯ୍ୟାଳୟରରୁ ସେଣ୍ଟରକୁ ଯିବ । ଆସନ୍ତା ୨୮ ତାରିଖରେ ଦୁଇଟି ଯାକ ପେପରରେ ହେବାକୁ ଥିବା ପରୀକ୍ଷା ମଧ୍ୟରୁ ପେପର-୧ ସକାଳ ୯ ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୧ ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ । ସେହିପରି ଦ୍ୱିତୀୟ ପେପର୍ ପରୀକ୍ଷା ଅପରାହ୍ନ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ଚାଲିବ । ୧୫୦ ନମ୍ବର ବିଶିଷ୍ଟ ଏହି ପରୀକ୍ଷା ଓଏମ୍ଆର୍ ସିଟ୍‌ରେ ହେବ ।

## ସାରା ଦେଶରେ...

ସମ୍ମୁଖୀନ ହେଉଛନ୍ତି । ମହାରାଷ୍ଟ୍ରରେ ୭୯ ପ୍ରତିଶତ, ଗୁଜରାଟରେ ୯୮ ପ୍ରତିଶତ, ଝାଡ଼ଖଣ୍ଡରେ ୬୬ ପ୍ରତିଶତ, ଛତିଶଗଡ଼ରେ ୬୫ ପ୍ରତିଶତ ଏବଂ ମେଘାଳୟରେ ୮୫ ପ୍ରତିଶତ ନିଅଣ୍ଟ ରେକର୍ଡ କରାଯାଇଛି । କର୍ଣ୍ଣାଟକ, ତେଲେଙ୍ଗାନା, ଓଡ଼ିଶା, ବିହାର ଓ ଆସାମରେ ମଧ୍ୟ କମ୍ ବର୍ଷା ହୋଇଥିବା ସୂଚନା ମିଳିଛି । ପରିସ୍ଥିତି ବିଶେଷ ଭାବେ ଚିନ୍ତାଜନକ କାରଣ ଏହି ଅଞ୍ଚଳଗୁଡ଼ିକ ଭାରତର କୃଷିବହୁଳ ଅଞ୍ଚଳ, ଯେଉଁଠାରେ ଖରିଫ ଫସଲ ବୁଣିବା କାର୍ଯ୍ୟ ପ୍ରାୟତଃ ଜୁନ୍ ମାସରେ ହୋଇଥାଏ । ଉପଗ୍ରହ ଚିତ୍ର ଅନ୍ୟ ଏକ ଅସାଧାରଣ ବୈଶିଷ୍ଟ୍ୟକୁ ମଧ୍ୟ ଦର୍ଶାଉଛି ଯେ ଭାରତର ମୁଖ୍ୟ ଭୂଖଣ୍ଡ ଅପେକ୍ଷାକୃତ ମେଘମୁକ୍ତ ଥିବାବେଳେ ପଶ୍ଚିମ ଆରବ ସାଗରରେ ଏକ ସୁସ୍ପଷ୍ଟ ପ୍ରବାହ ଦୃଶ୍ୟମାନ ହେଉଛି ଏବଂ ବଙ୍ଗୋପସାଗର ଓ ଉତ୍ତର-ପୂର୍ବ ଭାରତ ଉପରେ ବ୍ୟାପକ ମେଘ କେନ୍ଦ୍ରୀଭୂତ ହୋଇଛି । ଆର୍ଦ୍ରତାର ଏହି ଅସମାନ ବଣ୍ଟନ ମୌସୁମୀକୁ ସମଗ୍ର ଦେଶରେ ସମାନ ଭାବରେ ବିସ୍ତାର କରିବାରେ ବାଧା ଦେଉଛି । ବିଳମ୍ବିତ ବର୍ଷା କୃଷି ପାଇଁ ଚିନ୍ତା ବଢାଇବାରେ ଲାଗିଛି । ଧାନ, ସୋୟାବିନ୍, କପା ଓ ଡାଲି ଭଳି ଫସଲ ବୁଣିବା ପାଇଁ ଜୁନ୍ ଏକ ଗୁରୁତ୍ୱପୂର୍ଣ୍ଣ ମାସ । ଯଦି ବୃଷ୍ଟିପାତର ଅଭାବ ଜାରି ରହେ ତେବେ ଅନେକ ରାଜ୍ୟରେ ରୋପଣ କାର୍ଯ୍ୟ ପ୍ରଭାବିତ ହୋଇପାରେ । ତଥାପି ପୂର୍ବାନୁମାନ ମଡେଲଗୁଡିକ ସୂଚିତ କରେ ଯେ ଜୁନ୍ ୨୧ ପରେ ଆର୍ଦ୍ରତା ପ୍ରବାହ ମଜବୁତ ହୋଇପାରେ, ଯାହା ମୌସୁମୀକୁ ଗତିଶୀଳ କରିବାରେ ସାହାଯ୍ୟ କରିପାରେ ।

# ପୁରୀ ରେଳ ଷ୍ଟେସନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ହେତୁ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁରୀ ରେଳ ଷ୍ଟେସନରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ , ଭିତ୍ତିଭୂମିର ଉନ୍ନତୀକରଣ, କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଟ୍ରେନ୍ ଚଳାଚଳରେ ଅଧିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ କେତେକ ଟ୍ରେନ୍ ସେବା ଚଳାଚଳରେ ସାମୟିକ ପରିବର୍ତ୍ତନ ଘୋଷଣା କରିଛି । ଚାଲିଥିବା ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ନିମ୍ନଲିଖିତ ଟ୍ରେନ୍ ସେବାଗୁଡ଼ିକ ବାତିଲ୍ ରହିବ: ୧୮୪୧୫ ବଡ଼ବିଲ୍-ପୁରୀ ଏକ୍ସପ୍ରେସ୍, ଯାହା ୧୯ ଜୁନ୍ ୨୦୨୬ ରେ ବଡ଼ବିଲ୍‌ରୁ ଯାତ୍ରା ଆରମ୍ଭ କରିବ। ୧୮୪୧୬ ପୁରୀ-ବଡ଼ବିଲ୍ ଏକ୍ସପ୍ରେସ୍, ଯାହା ୧୮ ଜୁନ୍ ୨୦୨୬ ରେ ପୁରୀରୁ ଯାତ୍ରା ଆରମ୍ଭ କରିବ। ୧୮୪୧୩/୧୮୪୧୪ ପୁରୀ-ପାରାଦୀପ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍, ୧୮ ଏବଂ ୧୯ ଜୁନ୍ ୨୦୨୬ ରେ ବାତିଲ ରହିବ। ଏହା ସହିତ, ନିମ୍ନଲିଖିତ ଟ୍ରେନ୍ ଗୁଡ଼ିକ ୧୮ ଏବଂ ୧୯ ଜୁନ୍ ୨୦୨୬ ରେ ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନରେ ସଂକ୍ଷିପ୍ତ ସମାପ୍ତି (ଶର୍ଟ-ଟର୍ମିନେଟ୍) ଏବଂ ସଂକ୍ଷିପ୍ତ ଉତ୍ପତ୍ତି (ଶର୍ଟ-ଓରିଜିନେଟ୍) ହେବ: ୬୮୪୨୧ ଅନୁଗୁଳ-ପୁରୀ ମେମୁ ପୁରୀ ବଦଳରେ ଖୋର୍ଦ୍ଧା ରୋଡ୍ ଠାରେ ସଂକ୍ଷିପ୍ତ ସମାପ୍ତ ହେବ। ୬୮୪୨୨ ପୁରୀ-ଅନୁଗୁଳ ମେମୁ ପୁରୀ ବଦଳରେ ଖୋର୍ଦ୍ଧା ରୋଡ୍‌ରୁ ଯାତ୍ରା ଆରମ୍ଭ କରିବ। ୧୨୮୨୧ ଶାଲିମାର-ପୁରୀ ଏକ୍ସପ୍ରେସ୍ ପୁରୀ ବଦଳରେ ଖୋର୍ଦ୍ଧା ରୋଡ୍ ଠାରେ ସଂକ୍ଷିପ୍ତ ସମାପ୍ତ ହେବ। ୧୨୮୨୨ ପୁରୀ-ଶାଲିମାର୍ ଏକ୍ସପ୍ରେସ୍ ୧୯ ଏବଂ ୨୦ ଜୁନ୍ ୨୦୨୬ରେ ପୁରୀ ବଦଳରେ ଖୋର୍ଦ୍ଧା ରୋଡ୍‌ରୁ ଯାତ୍ରା ଆରମ୍ଭ କରିବ। ନିର୍ଦ୍ଧାରିତ ତାରିଖଗୁଡ଼ିକରେ ନିମ୍ନଲିଖିତ ଟ୍ରେନ୍ ସେବାଗୁଡ଼ିକର ସମୟ ପରିବର୍ତ୍ତନ କରାଯାଇଛି: ୨୦୮୬୧ ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସ୍, ଯାହା ୧୭ ଜୁନ୍ ୨୦୨୬ ରେ ସନ୍ଧ୍ୟା ୦୭:୧୦ ଘଣ୍ଟାରେ ପୁରୀରୁ ଛାଡିବାକୁ ନିର୍ଦ୍ଧାରିତ ଥିଲା, ତାହା ବର୍ତ୍ତମାନ ସେହି ଦିନ ରାତି ୧୧:୩୦ ଘଣ୍ଟାରେ ପୁରୀରୁ ଛାଡିବ। ୧୮୪୫୨ ପୁରୀ-ହଟିଆ ତପସ୍ୱିନୀ ଏକ୍ସପ୍ରେସ୍, ଯାହା ୧୮ ଜୁନ୍ ୨୦୨୬ ରେ ରାତି ୦୮:୦୦ ଘଣ୍ଟାରେ ପୁରୀ ଛାଡିବାକୁ ନିର୍ଦ୍ଧାରିତ ଥିଲା, ତାହା ବର୍ତ୍ତମାନ ୧୯ ଜୁନ୍ ୨୦୨୬ ରିଖ ରାତି ୧୨:୪୫ ଘଣ୍ଟାରେ ପୁରୀରୁ ଛାଡିବ। ୧୨୮୦୧ ପୁରୀ-ଆନନ୍ଦ ବିହାର ଟର୍ମିନାଲ୍ ପୁରୁଷୋତ୍ତମ ଏକ୍ସପ୍ରେସ୍ , ଯାହା ୧୮ ଜୁନ୍ ୨୦୨୬ ରେ ରାତି ୦୯:୫୫ ଘଣ୍ଟାରେ ପୁରୀରୁ ଛାଡିବାକୁ ନିର୍ଦ୍ଧାରିତ ଥିଲା, ତାହା ବର୍ତ୍ତମାନ ୧୯ ଜୁନ୍ ୨୦୨୬ ରିଖ ରାତି ୧୨:୧୫ ଘଣ୍ଟାରେ ପୁରୀରୁ ଛାଡିବ। ୧୮୪୭୭ ପୁରୀ-ଯୋଗ ନଗରୀ ଋଷିକେଶ ଉତ୍କଳ ଏକ୍ସପ୍ରେସ୍, ଯାହା ୧୮ ଜୁନ୍ ୨୦୨୬ ରେ ରାତି ୨୦:୪୫ ଘଣ୍ଟାରେ ପୁରୀ ଛାଡିବାକୁ ନିର୍ଦ୍ଧାରିତ ଥିଲା, ତାହା ବର୍ତ୍ତମାନ ୧୯ ଜୁନ୍ ୨୦୨୬ ରିଖ ରାତି ୦୧:୦୦ ଘଣ୍ଟାରେ ଛାଡିବ। ଯାତ୍ରୀମାନଙ୍କୁ ଉପରୋକ୍ତ ପରିବର୍ତ୍ତନଗୁଡ଼ିକୁ ଦୃଷ୍ଟିରେ ରଖି ସେହି ଅନୁଯାୟୀ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି । ଟ୍ରେନ ସମ୍ବନ୍ଧୀୟ ଅଦ୍ୟତନ (ଅପଡେଟ୍) ସୂଚନା ପାଇଁ, ଯାତ୍ରୀମାନେ ସେମାନଙ୍କର ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟାସନାଲ ଟ୍ରେନ ଇନକ୍ୱାରୀ ସିଷ୍ଟମ ଦେଖିପାରିବେ କିମ୍ବା ସରକାରୀ ରେଳ ଅନୁସନ୍ଧାନ ସେବାର ବ୍ୟବହାର କରିପାରିବେ।

# ଏନଏଲସିଆଇଏଲ ତଲାବିରା ପ୍ରକଳ୍ପରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ଶୁଭାରମ୍ଭ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**



ଚାଲୁଥିବା ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ସ୍ୱଚ୍ଛତା ପକ୍ଷୱାଡା-୨୦୨୬ ଅବସରରେ ଏନଏଲସି ଇଣ୍ଡିଆ ଲିମିଟେଡ୍ (ଏନଏଲସିଆଇଏଲ) ତାଳବିରା ଓସିପି-୧.୨.୩ ପ୍ରକଳ୍ପର ସରଲାଖାନି ଠାରେ ୧୭.୦୬.୨୦୨୬ ତାରିଖରେ ସ୍ୱଚ୍ଛତା କାର୍ଯ୍ୟକଳାପର ଶୁଭାରମ୍ଭ କରାଯାଇଛି । ଏଥିରେ ପ୍ରକଳ୍ପର ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ସ୍ୱଚ୍ଛତା ଶପଥ ପାଠ କରାଯାଇଥିଲା । ଏହି ଅବସରରେ କର୍ମଚାରୀମାନେ ସ୍ୱଚ୍ଛତା, ସ୍ୱାସ୍ଥ୍ୟବିଧି ଏବଂ ସୁସ୍ଥ କାର୍ଯ୍ୟ ପରିବେଶ ରକ୍ଷା ପାଇଁ ନିଜମାନଙ୍କର ପ୍ରତିବଦ୍ଧତାକୁ ପୁନଃଦୃଢ଼ କରିଥିଲେ । ଶପଥ ଗ୍ରହଣ ପରେ ସେମାନେ ନିଜ ଡେସ୍କ, କାର୍ଯ୍ୟସ୍ଥଳ, କାର୍ଯ୍ୟାଳୟ ପରିସର ଏବଂ ଆଖପାଖ ଅଞ୍ଚଳକୁ ସଫା କରି ସୁଚ୍ଛ ଓ ପରିଚ୍ଛନ୍ନ ପରିବେଶ ଗଠନରେ ସକ୍ରିୟ ଭାବେ ଅଂଶ ନେଇଥିଲେ । କାର୍ଯ୍ୟାଳୟ ପରିସର ବାହାରେ ମଧ୍ୟ ଏହି ପଦକ୍ଷେପକୁ ବିସ୍ତାର କରିବା ପାଇଁ ପ୍ରକଳ୍ପ ମୁଖ୍ୟ କାର୍ଯ୍ୟାଳୟ ନିକଟସ୍ଥ ସର୍କାନୀ ଛକଠାରେ ଏକ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା । କର୍ମଚାରୀ ଓ ଅଧିକାରୀମାନେ ମିଳିତ ଭାବେ ସାର୍ବଜନୀନ ସ୍ଥାନଗୁଡ଼ିକୁ ସଫା କରିବା ସହିତ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ । ଏହି କାର୍ଯ୍ୟକ୍ରମ ଜଗଦୀଶ ଚନ୍ଦ୍ର ମଜୁମଦାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ପ୍ରକଳ୍ପ ମୁଖ୍ୟ, ତାଳବିରା ଓସିପି-୧.୨.୩ ପ୍ରକଳ୍ପ ଏବଂ ରଘୁନାଥ ବେହେରା, ସିଜିଏମ୍ (ଭୂମି)ଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପି. ଥାମିଲ ସେଲଭମ, ଜିଏମ୍ (ଖଣି), ରବିଶଙ୍କର ଭି., ଜିଏମ୍ (ଇ ଆଣ୍ଡ ଏମ୍), ସୁବ୍ରତ କୁମାର ବିଶ୍ୱାଳ, ଉପ ମହାପ୍ରବନ୍ଧକ ଓ ମାନବ ସମ୍ପଦ ବିଭାଗ ମୁଖ୍ୟଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, କାର୍ଯ୍ୟନିର୍ବାହୀ ଓ କର୍ମଚାରୀମାନେ ଯୋଗଦେଇଥିଲେ ।

# ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ ପକ୍ଷରୁ ବିଶ୍ୱସ୍ତରୀୟ ପେଟେଣ୍ଟେଡ୍ ଇସ୍ପାତ ଜାଗନେଲିସ୍‌ର ବଜାର ପ୍ରବେଶ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଯୁକ୍ତିବିଦ୍ୟାରେ ନିଜର ଅଗ୍ରଣୀ ଭୂମିକାକୁ ସୁଦୃଢ଼ କରି ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନଏସ୍ ଇଣ୍ଡିଆ) ଉଚ୍ଚ-ପାରଦର୍ଶିତା ଅଟୋମୋଟିଭ୍ ପ୍ରୟୋଗ ପାଇଁ ଡିଜାଇନ୍ କରାଯାଇଥିବା ଏକ ପ୍ରିମିୟମ୍ ଜିଙ୍କ୍-ଆଲୁମିନିୟମ୍-ମାଗ୍ନେସିୟମ୍ କୋଟେଡ ଇସ୍ପାତ ବ୍ରାଣ୍ଡ, ଜାଗନେଲିସ୍ ପ୍ରୋଟେକ୍ଟର ଶୁଭାରମ୍ଭ କରିଛି । ୟୁରୋପୀୟ ବଜାରରେ ପ୍ରମାଣିତ, ଆର୍ସେଲରମିତ୍ତଲ ପେଟେଣ୍ଟ ଜାଗନେଲିସ୍ ପ୍ରୋଟେକ୍ଟ କୋଟିଂ ଦ୍ୱାରା ଭାରତ ପ୍ରଥମ ଥର ପାଇଁ ଏଭଳି ପ୍ରକାର ଉତ୍ପାଦନ କ୍ଷମତା ହାସଲ କରିଛି, ଯାହା ବିଶ୍ୱର ତୃତୀୟ ବୃହତ୍ତମ ଅଟୋମୋଟିଭ୍ ଉତ୍ପାଦକ । ମୋଟର କପ୍ ରେ ଜାଗନେଲିସ୍ ପ୍ରୋଟେକ୍ଟର ପ୍ରାରମ୍ଭିକ ପ୍ରୟୋଗ ହେବ ଯାହା ଗାଡ଼ିର ଝରକା, ଦର୍ପଣ, ୱାଇପର ଏବଂ ସିଟ୍ ରେ ବ୍ୟବହୃତ ପ୍ରତ୍ୟକ୍ଷ ମୋଟର ଉପାଦାନ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ପ୍ରତ୍ୟେକ କାରରେ ୨୦ - ୩୦ ଏପରି ମୋଟର ନିୟୋଜିତ ହେଉଥିବାରୁ ଏହି ଉତ୍ପାଦ ଉନ୍ନତ କାର୍ଯ୍ୟଦକ୍ଷତା ମାଧ୍ୟମରେ ତୁରନ୍ତ ଲାଭ ପ୍ରଦାନ କରିବ । ପ୍ରାରମ୍ଭିକ ସ୍ତରରେ ମୋଟର କପ୍ ଉପରେ ଗୁରୁତ୍ୱ ଦେଇ ଏହାର ଶୁଭାରମ୍ଭ କରାଯାଇଥିଲେ ମଧ୍ୟ, ଜାଗନେଲିସ୍ ପ୍ରୋଟେକ୍ଟକୁ ବ୍ୟାପକ ପରିମାଣର ଅଟୋମୋଟିଭ୍ ପ୍ରୟୋଗ ପାଇଁ ମଧ୍ୟ ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଚେସିସ୍ ପାର୍ଟସ୍, ଡୋର୍ ଭିତର ପ୍ୟାନେଲ୍, ହୁଡ୍/ବନେଟ୍ ଭିତର ପ୍ୟାନେଲ୍ ଏବଂ ଡେକ୍ଲିଡ୍/ଟେଲଗେଟ ଭିତର ପ୍ୟାନେଲ୍ ଅନ୍ତର୍ଭୁକ୍ତ । ବିଶ୍ୱ ସ୍ତରରେ, ଜାଗନେଲିସ୍ ପ୍ରୋଟେକ୍ଟ କୋଟିଂ ପାରମ୍ପରିକ ଗାଲଭାନାଇଜଡ୍ (ଜିଆଇ) କୋଟିଂ ତୁଳନାରେ ଯଥେଷ୍ଟ ଅଧିକ କ୍ଷୟ ପ୍ରତିରୋଧ ପ୍ରଦାନ କରିବା ପାଇଁ ସ୍ୱୀକୃତିପ୍ରାପ୍ତ । ଏହି ନୂତନ ବ୍ରାଣ୍ଡଟି ଅସାଧାରଣ କ୍ଷୟ ପ୍ରତିରୋଧ, ଆତ୍ମ-ଉପଚାର ସୁରକ୍ଷା, ଉତ୍କୃଷ୍ଟ ସମ୍ପ୍ରସାରଣ କ୍ଷମତା ଏବଂ ନିର୍ଭରଯୋଗ୍ୟ ୱେଲଡ଼ିଂ କ୍ଷମତା ପ୍ରଦାନ କରିବ । ଏହା ଘରୋଇ ଉତ୍ପାଦନ, ଯୋଗାଣ ଶୃଙ୍ଖଳା ଦକ୍ଷତା ଏବଂ ଗୁଣାତ୍ମକ ସ୍ଥିରତାକୁ ଉନ୍ନତ କରିବ, ଯାହା ଗ୍ରାହକମାନଙ୍କୁ ଉଭୟ ପରିଚାଳନାଗତ କାର୍ଯ୍ୟଦକ୍ଷତା ଏବଂ ପ୍ରତିସ୍ପର୍ଦ୍ଧାମୂଳକ ଲାଭ ସୁଦୃଢ଼ କରିବାରେ ସହାୟତା କରିବ । ମୁଖ୍ୟତଃ କୋଟିଂ ଏବଂ ଧାତୁ ସମ୍ପର୍କିତ ଜଟିଳତା ଯୋଗୁଁ ବର୍ତ୍ତମାନ ଭାରତରେ ବ୍ୟବହୃତ ଗୁରୁତ୍ୱପୂର୍ଣ୍ଣ ଅଟୋମୋଟିଭ୍ ଷ୍ଟିଲ୍ ଗ୍ରେଡ୍‌ର ପ୍ରାୟ ୮ ରୁ ୧୦ ପ୍ରତିଶତ ଆମଦାନୀ କରାଯାଉଛି । ଆଧୁନିକ କୋଟିଂ ଇସ୍ପାତର କ୍ଷେତ୍ରୀୟକରଣ, ଏହାର ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଅବସରରେ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନଏସ୍ ଇଣ୍ଡିଆ)ର ବିକ୍ରୟ ଏବଂ ବିପଣନ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ରଞ୍ଜନ ଧର କହିଛନ୍ତି, ଜାଗନେଲିସ୍ ପ୍ରୋଟେକ୍ଟର ଶୁଭାରମ୍ଭ ଉଚ୍ଚ-ଗୁଣବତ୍ତା ଏବଂ ଉଚ୍ଚ-କାର୍ଯ୍ୟଦକ୍ଷତା ସମ୍ପନ୍ନ ଇସ୍ପାତ ସମାଧାନ ମାଧ୍ୟମରେ ଦେଶର ଅଟୋମୋଟିଭ୍ ଉତ୍ପାଦନ କ୍ଷମତାକୁ ଆଗକୁ ବଢ଼ାଇବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହା ଏକ ବିଶ୍ୱସ୍ତରୀୟ ପ୍ରତିସ୍ପର୍ଦ୍ଧାମୂଳକ ଅଟୋମୋଟିଭ୍ ବାତାବରଣକୁ ସମର୍ଥନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଆମର ମୂଳ କମ୍ପାନୀ ଆର୍ସେଲରମିତ୍ତଲ ଓ ନିପ୍ପନ୍ ଷ୍ଟିଲର ଅତୁଳନୀୟ ପ୍ରଯୁକ୍ତିବିଦ୍ୟା ଏବଂ ବିଶେଷଜ୍ଞତା ବଳରେ ଆମେ ଏହି ବିଶ୍ୱସ୍ତରୀୟ, ଆମଦାନୀ-ବିକଳ୍ପ ଉତ୍ପାଦକୁ ଘରୋଇ ଭାବରେ ଉପଲବ୍ଧ କରାଉଛୁ । ଏହା ଅଟୋମୋଟିଭ୍ କମ୍ପାନୀଗୁଡ଼ିକୁ ଆତ୍ମନିର୍ଭର ଭାରତ ଦୃଷ୍ଟିକୋଣରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ସହିତ ବିଶ୍ୱସ୍ତରୀୟ ମାନଦଣ୍ଡ ପୂରଣ କରିବାକୁ ସକ୍ଷମ କରିବ ।

# ଏକ ଐତିହାସିକ ଉତ୍ସବରେ ବେଦାନ୍ତର ୪ଟି ସ୍ୱାଧୀନ କମ୍ପାନି ବିଏସଇ ଓ ଏନଏସଇରେ ତାଲିକାଭୁକ୍ତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବେଦାନ୍ତ ଗ୍ରୁପ୍ ପକ୍ଷରୁ ଆଜି ବିଏସଇ ଓ ଏନଏସଇରେ ୪ଟି ନୂତନ ଭାବେ ଅଲଗାହୋଇଥିବା କମ୍ପାନିଗୁଡ଼ିକୁ ତାଲିକାଭୁକ୍ତ କରାଯାଇଛି । ଏହି ତାଲିକାଭୁକ୍ତ ପ୍ରକ୍ରିୟା ଗୁରୁତ୍ୱପୂର୍ଣ୍ଣ ଖଣିଜ, ଆଲୁମିନିୟମ, ତୈଳ ଓ ଗ୍ୟାସ, ବିଦ୍ୟୁତ ଏବଂ ଲୁହା ଓ ଇସ୍ପାତ କ୍ଷେତ୍ରରେ କେନ୍ଦ୍ରୀଭୂତ ଓ ବିଶ୍ୱସ୍ତରୀୟ ବ୍ୟବସାୟର ଏକ ପୋର୍ଟଫୋଲିଓ ସୃଷ୍ଟି କରୁଛି । ଏହି ବ୍ୟବସାୟଗୁଡ଼ିକ ଭାରତର ଦୀର୍ଘକାଳୀନ ଶିଳ୍ପ, ଭିତ୍ତିଭୂମି ଓ ଆତ୍ମନିର୍ଭରଶୀଳତା ଆକାଂକ୍ଷାର କେନ୍ଦ୍ରରେ ରହିଛନ୍ତି । ବେଦାନ୍ତ ଆଲୁମିନିୟମ, ବେଦାନ୍ତ ଅଏଲ ଆଣ୍ଡ ଗ୍ୟାସ, ବେଦାନ୍ତ ଆଇରନ ଆଣ୍ଡ ଷ୍ଟିଲ ଓ ବେଦାନ୍ତ ପାୱାରର ତାଲିକାଭୁକ୍ତ ହେବା, ମୂଲ୍ୟ ବୃଦ୍ଧି କରିବା, ବ୍ୟବସାୟିକ ଗୁରୁତ୍ୱକୁ ତୀକ୍ଷ୍ଣ କରିବା ଏବଂ ଏକ ବିଶ୍ୱସ୍ତରୀୟ ଅର୍ଥନୈତିକ ଓ ଉତ୍ପାଦନ ଶକ୍ତିଶାଳୀ ଦେଶ ଭାବରେ ଭାରତର ଅଭ୍ୟୁଦୟ ସହିତ ସମାନ୍ତରାଳ କ୍ଷେତ୍ରର ଅଗ୍ରଣୀ ସଂସ୍ଥା ସୃଷ୍ଟି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ପ୍ରତିନିଧିତ୍ୱ କରୁଛି । ଏହି ନୂତନ ଭାବେ ତାଲିକାଭୁକ୍ତ ସଂସ୍ଥାଗୁଡ଼ିକ ଆଜିଠାରୁ ବେଦାନ୍ତ ଲିମିଟେଡ୍ ସହିତ କାରବାର ଆରମ୍ଭ କରୁଛନ୍ତି ଯାହା ଗ୍ରୁପ୍‌ର ପ୍ରମୁଖ ତାଲିକାଭୁକ୍ତ ସଂସ୍ଥା ଓ ହିନ୍ଦୁସ୍ତାନ ଜିଙ୍କ ତଥା ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ବ୍ୟବସାୟର ଏକ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପୋର୍ଟଫୋଲିଓ ଦ୍ୱାରା ପରିଚାଳିତ । ଏହି ଅବସରରେ ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ କହିଛନ୍ତି ଯେ, "ବେଦାନ୍ତ ପାଇଁ ଏକ ଐତିହାସିକ ଏବଂ ମୋ ପାଇଁ ଏକ ଅତ୍ୟନ୍ତ ଭାବପ୍ରବଣ ଦିନ । ୨୪ ବର୍ଷ ପୂର୍ବେ ବେଦାନ୍ତ ଲଣ୍ଡନ ଷ୍ଟକ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହୋଇଥିବା ପ୍ରଥମ ଭାରତୀୟ କମ୍ପାନି ହୋଇଥିଲା ଏବଂ ପରେ ଏକ ଏଫଟିଏସଇ ୧୦୦ କମ୍ପାନିରେ ପରିଣତ ହୋଇଥିଲା । ସେଦିନ ଆମେ ଯେଉଁ ବିହନ ବୁଣିଥିଲୁ ତାହା ଆଜି ଏକ ବିଶାଳ ବଟବୃକ୍ଷରେ ପରିଣତ ହୋଇଛି ଏବଂ ଏହା ଅଧୀନରେ ପ୍ରତିପାଳିତ ହୋଇଥିବା ଚାରାଗୁଡ଼ିକ ଏବେ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ବୃହତ ସଂସ୍ଥା ହେବାକୁ ଏବଂ ଭାରତର ଅଭିବୃଦ୍ଧି ତଥା ଆତ୍ମନିର୍ଭରଶୀଳତା ଆକାଂକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେବାକୁ ପ୍ରସ୍ତୁତ ଅଛନ୍ତି । ମୁଁ ଆନନ୍ଦିତ ଯେ ପ୍ରଥମ ବିହନ ଲଣ୍ଡନରେ ବୁଣାଯାଇଥିବା ବେଳେ ଅଭୂତପୂର୍ବ ଅଭିବୃଦ୍ଧିର ଏହି ପରବର୍ତ୍ତୀ ପର୍ଯ୍ୟାୟ ଏଠାରେ ମୁମ୍ବାଇରେ ଉନ୍ମୋଚିତ ହେଉଛି । ଏହି ସହରରୁ ମୋର ନିଜସ୍ୱ ବ୍ୟବସାୟିକ ଯାତ୍ରା ଆରମ୍ଭ ହୋଇଥିଲା । ଆମର ସମ୍ପୂର୍ଣ୍ଣ ଯାତ୍ରା ସମୟରେ ଆମେ ଆମ ଅଂଶଧନକାରୀମାନଙ୍କ ପ୍ରତି ଗଭୀର ଭାବରେ ପ୍ରତିବଦ୍ଧ ରହିଛୁ । ବିଗତ ପାଞ୍ଚ ବର୍ଷ ମଧ୍ୟରେ ଆମେ ୩୦୦ ପ୍ରତିଶତରୁ ଅଧିକ ମୋଟ ରିଟର୍ଣ୍ଣ ପ୍ରଦାନ କରିଛୁ ଯାହା ନିଫ୍ଟିର ରିଟର୍ଣ୍ଣ ତୁଳନାରେ ପ୍ରାୟ ପାଞ୍ଚ ଗୁଣ ଅଧିକ ଏବଂ ଏହା ସହିତ ୭୦ ପ୍ରତିଶତରୁ ଅଧିକ ଲାଭାଂଶ ମଧ୍ୟ ପ୍ରଦାନ କରିଛୁ । ଆଗକୁ ଅର୍ଥନୀତିରେ ଏଆଇ ଓ ଶକ୍ତି ପରିବର୍ତ୍ତନ ଆଗରେ ରହିବାକୁ ଯାଉଥିବାରୁ ଅତ୍ୟଧିକ ମାତ୍ରାରେ ଖଣିଜ, ଧାତୁ ଓ ଶକ୍ତି ସମ୍ବଳ ଉପରେ ତାହା ନିର୍ଭରଶୀଳ ହେବାକୁ ଯାଉଛି । ସେହି କ୍ଷେତ୍ରଗୁଡ଼ିକରେ ଆମେ କାର୍ଯ୍ୟ କରୁଛୁ । ବର୍ତ୍ତମାନ ଭାରତ ଏହାର ଆବଶ୍ୟକତାର ୫୦ ପ୍ରତିଶତ ଆମଦାନି ଜରିଆରେ ପୂରଣ କରୁଛି । ଭବିଷ୍ୟତରେ ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ । ଏହି କମ୍ପାନିଗୁଡ଼ିକ ପିଢ଼ି ପିଢ଼ି ଧରି ଦେଶର ସେବା କରିବା, ଅଂଶଧନକାରୀମାନଙ୍କ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା, ଭାରତର ଆତ୍ମନିର୍ଭରଶୀଳତାକୁ ମଜବୁତ କରିବା ଏବଂ ଏକ ବିକଶିତ ଦେଶ ହେବାର ଏହାର ଆକାଂକ୍ଷାକୁ ସମର୍ଥନ କରିବା ପାଇଁ ଗଠିତ ହୋଇଛି । କିନ୍ତୁ ବେଦାନ୍ତର ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ କେବଳ ଆମ ଦ୍ୱାରା ଲେଖାଯାଇପାରିବ ନାହିଁ । ଏଥିପାଇଁ ଆମର ଅଂଶଧନକାରୀମାନଙ୍କ ବିଶ୍ୱାସ, ସରକାରଙ୍କ ସମର୍ଥନ ଓ ୧୪୦ କୋଟି ଭାରତୀୟଙ୍କ ଆକାଂକ୍ଷା ଓ ଭାଗିଦାରୀ ଆବଶ୍ୟକ ହେବ । ଭାରତ ଭଳି କୌଣସି ସ୍ଥାନ ନାହିଁ । ଏବଂ ଏହା ହେଉଛି ଭାରତର ସମୟ ।"

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'ରଜ' ଉତ୍ସବ ପାଳିତ

**ଅନୁଗୋଳ, ନ୍ୟୁଜ ବ୍ୟୁରୋ**

ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା, ଜିନ୍ଦଲ୍ ଫାଉଣ୍ଡେସନ୍ ପକ୍ଷରୁ ଅନୁଗୋଳ ଜିଲ୍ଲାର ବଡ଼ମହୀତଳା ସ୍ଥିତ ଜନ ଜୀବିକା କେନ୍ଦ୍ର (ଜେଜେକେ) ଏବଂ ଜାମୁନାଳି ଗାଁରେ ବେଶ ଉତ୍ସାହର ସହିତ 'ରଜ' ଉତ୍ସବ ପାଳିତ ହୋଇଛି । ଏହି ଉତ୍ସବ ପାଳନରେ ନତଡ଼ା ଓ ଜାମୁନାଳି ପଞ୍ଚାୟତର ପ୍ରାୟ ଏକ ହଜାର ଯୁବତୀ ଓ ମହିଳା ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ନାରୀତ୍ୱର ଭାବନା ଏବଂ ଧରଣୀ ମାତାଙ୍କ ଉର୍ବରତାର ଉତ୍ସବ ପାଳନ କରାଯାଇଥିଲା । ଏହା ସହିତ ସମାଜରେ ଏକତା, ନାରୀ ସଶକ୍ତିକରଣ ଏବଂ ସାମୁଦାୟିକ ଗୌରବବୋଧକୁ ପ୍ରୋତ୍ସାହିତ କରାଯାଇଥିଲା ।

ସମସ୍ତ ବୟସବର୍ଗର ଯୁବତୀ ଓ ମହିଳାମାନେ ପାରମ୍ପରିକ ପରିଧାନ ଓ ଆକର୍ଷଣୀୟ ଗହଣା ପିନ୍ଧି ଏହି ଉତ୍ସବ ପାଳନରେ ସାମିଲ ହୋଇଥିଲେ । ପୋଡ଼ ପିଠା ସାଙ୍ଗକୁ ରଜ ଦୋଳି ଓ ରଜ ଗୀତରେ ପୁରା ପରିବେଶ ଉତ୍ସବ ମୁଖର ହୋଇଉଠିଥିଲା । ଏହି ଅବସରରେ ରଜ ପାନ ତିଆରି, ମ୍ୟୁଜିକ ଚେୟାର, ପୁଚି ଖେଳ ଏବଂ ଏକକ ନୃତ୍ୟ ଭଳି ଏକାଧିକ ସାଂସ୍କୃତିକ ଓ ମାନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଯେଉଁଥିରେ ସମାଜର ସବୁବର୍ଗର ଲୋକ ସକ୍ରିୟତାର ସହ ଅଂଶଗ୍ରହଣ କରିଥିଲେ ।




ଏହି କାର୍ଯ୍ୟକ୍ରମରେ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ, ଜିନ୍ଦଲ ମହିଳା ସମିତିର ଶ୍ରୀମତୀ ଅନିତା ମିତ୍ତଲ ଏବଂ ଶ୍ରୀମତୀ ମିନି ନାୟାର, ଜାମୁନାଳି ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ଶିଳା ପ୍ରଧାନ, କୁଇଓର ସଭାପତି ଶ୍ରୀ ଧ୍ରୁବ ଚରଣ ଦେହୁରୀ, ଏଲ୍ ଆଣ୍ଡ ପିଆର ବିଭାଗର ଇଭିପି ଶ୍ରୀ ପି.କେ. ପଣ୍ଡା, ଜିନ୍ଦଲ ଷ୍ଟିଲର ସିଏସଆର ମୁଖ୍ୟ ଶ୍ରୀ ରିଷି ପଠାନିଆ, ଓଏଚସିର ପୁଷ୍ଟିସାର ବିଶେଷଜ୍ଞ ଶ୍ରୀମତୀ ସୀମା ବର୍ମା, ସୁରକ୍ଷା ବିଭାଗର ଏଜିଏମ୍, ଶ୍ରୀମତୀ ସସ୍ମିତା ରାଣୀ ଦାସ, ସ୍ୱତନ୍ତ୍ର ଅତିଥି ଶ୍ରୀମତୀ ଅନିତା ମହାନ୍ତି ଏବଂ ଜିନ୍ଦଲ ଷ୍ଟିଲର ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ । ସମାବେଶକୁ ସ୍ୱାଗତ ଜଣାଇ, ଶ୍ରୀମତୀ ଶିଳା ପ୍ରଧାନ ସ୍ଥାନୀୟ ପରମ୍ପରା ଓ ସଂସ୍କୃତିର ସଂରକ୍ଷଣ ସହ ଜୀବିକାଭିତ୍ତିକ ପଦକ୍ଷେପ ମାଧ୍ୟମରେ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହନ ଦେବା ଏବଂ ମହିଳାଙ୍କର ସାମାଜିକ ଓ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାରେ ଜିନ୍ଦାଲ ଫାଉଣ୍ଡେସନର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ ।

ଅନୁଗୁଳ ସିଏସଆର ବିଭାଗର ମୁଖ୍ୟ ଏବଂ ମହାପ୍ରବନ୍ଧକ ଶ୍ରୀ ଜୟନ୍ତ କୁମାର ମହାନ୍ତି, ଗ୍ରାମ ପଞ୍ଚାୟତ ପ୍ରତିନିଧି ଏବଂ ସମ୍ପ୍ରଦାୟ ସଦସ୍ୟମାନଙ୍କୁ ସେମାନଙ୍କର ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ । ଉଭୟ ଜନ ଜୀବିକା କେନ୍ଦ୍ର ଏବଂ ଜାମୁନାଳିରେ ପୁରସ୍କାର ବିତରଣ ଉତ୍ସବ ଏବଂ ସାମୂହିକ ଭୋଜନର ଆୟୋଜନ ସହ ରଜ ଉତ୍ସବ ଶେଷ ହୋଇଥିଲା । ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କ ମନରେ ଅନେକ ସ୍ମରଣୀୟ ମୁହୂର୍ତ୍ତ ଛାଡ଼ିଯିବା ସହ ସେମାନଙ୍କ ମଧ୍ୟରେ ସାମୁଦାୟିକ ସମ୍ପର୍କ ଓ ଆତ୍ମୀୟତାର ଭାବନାକୁ ଆହୁରି ଦୃଢ଼ କରିଥିଲା ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: EPC-CECONIIBBS 2026017, ତା.21.04.2026 ରିଖ ର

**ଶୁଦ୍ଧିପତ୍ର ସଂ.05**

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାପ୍ରତି ଦୟାକରି ଧ୍ୟାନ ଦିଅନ୍ତୁ ।

| ବିବରଣୀ | ପ୍ରକାଶିତ ଅନୁଯାୟୀ (ବର୍ତ୍ତମାନ ମୂଲ୍ୟ) | ବର୍ତ୍ତମାନ ପଢ଼ାଯିବ (ସଂଶୋଧିତ ମୂଲ୍ୟ) |
|---|---|---|
| EMD ଜମା ରାଶି | ₹1,06,31,800/- | ₹1,12,40,800/- |
| କାର୍ଯ୍ୟର ଆନୁମାନିକ ମୂଲ୍ୟ | ₹5315.90 ଲକ୍ଷ | ₹5620.39 ଲକ୍ଷ |

ଟେଣ୍ଡରଦାତାମାନେ ଅଧିକ ବିବରଣୀ ପାଇଁ ୱେବସାଇଟ: www.ireps.gov.in ପରିଦର୍ଶନ କରିପାରିବେ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର
PR - 93/CJ/26-27

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/KUR/EP/2026-27/ E-procurement Tender Notice/06, ତା.12.06.2026 ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି ।

କ୍ରମ ସଂ. 01 : ଟେଣ୍ଡର ସଂ. 81265575, ସାମଗ୍ରୀଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 8 ଚ୍ୟାନେଲ୍ ଆର୍ଥ ଲିକେଜ୍ ଡିଟେକ୍ଟର ତଥା 12 ଚ୍ୟାନେଲ୍ ଆର୍ଥ ଲିକେଜ୍ ଡିଟେକ୍ଟରର ଯୋଗାଣ ଏବଂ ସଂସ୍ଥାପନ କାର୍ଯ୍ୟ । ପରିମାଣ : 4361 ଏବଂ 67 ସଂଖ୍ୟକ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 06.07.2026, 1500 ଘଟିକାରେ ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-240/R/26-27

ଭୁବନେଶ୍ୱର, ୧୮ ଜୁନ୍, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ତୁଟିଲା ରଥଖଳା କଳି : ଶ୍ରୀମନ୍ଦିର ପ୍ରଶାସନ ଓ ବିଶ୍ୱକର୍ମା ସେବାୟତଙ୍କ ମଧ୍ୟରେ ଆଲୋଚନା ସଫଳ

**ପୁରୀ, ୧୭/୦୬**
**ନ୍ୟୁଜ ବ୍ୟୁରୋ**

ତୁଟିଲା ବିବାଦ, ଚାଲିଲା ରଥକାମ। ରଥଖଳା ବିବାଦ ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା ପରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଅଧଘଣ୍ଟାଏ ଧରି ବୈଠକ ପରେ ଆଲୋଚନା ସଫଳ ହୋଇଛି। ଏନେଇ ତିନି ରଥର ମୁଖ୍ୟ ବିଶ୍ୱକର୍ମା ପ୍ରତିକ୍ରିୟା ରଖିଛନ୍ତି । ରଥକାଠ ଖେଇ ଆକାରରେ ନେବାକୁ ଅନୁମତି ପ୍ରଦାନ କରିଛି ଶ୍ରୀମନ୍ଦିର ପ୍ରଶାସନ। ରଥ ତତ୍ତ୍ୱାବଧାରକଙ୍କୁ ଦାୟିତ୍ୱରୁ ନ ହଟାଇଲେ ରଥଯାତ୍ରାରେ ଗଡିବନି ରଥ ବୋଲି କଡ଼ା ଚେତାବନୀ ଦେଇଛନ୍ତି ମୁଖ୍ୟ ବିଶ୍ୱକର୍ମା।



ସେପଟେ ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରତିକ୍ରିୟା ରଖି କହିଛନ୍ତି ମୁଖ୍ୟ ବିଶ୍ୱକର୍ମାଙ୍କ ସହ ଆଲୋଚନା ସଫଳ ହୋଇଛି । ଏନେଇ ମୁଖ୍ୟ ପ୍ରଶାସକଙ୍କ ସହିତ ଆଲୋଚନା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ସୂଚନା ଅନୁଯାୟୀ, ସ୍ୱତ୍ତ୍ୱଲିପି ଆଧାରରେ ରଥର ଚିରଟ କାଠ, ଖେଇକୁ ନେଇ ବିଶ୍ୱକର୍ମା ମହାରଣା ଓ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ବିବାଦ ଉପୁଜିଥିଲା । ଏହାକୁ ନେଇ ବୁଧବାର ୫୮ତମ ଦିନରେ ରଥ ନିର୍ମାଣ କାର୍ଯ୍ୟ ବନ୍ଦ କରି ଦେଇଥିଲେ ମହାରଣା ସେବାୟତ। ବିଶ୍ୱକର୍ମା ମହାରଣାଙ୍କ କହିବା ମୁତାବକ, ସ୍ୱତ୍ତ୍ୱଲିପି ଅନୁଯାୟୀ ସେମାନେ ୪ ଫୁଟରୁ କମ୍ ବଳକା କାଠ ସେମାନେ ଖେଇ ବା ପ୍ରାପ୍ୟ ହିସାବରେ ନେଇଥାନ୍ତି । କିନ୍ତୁ ଚିରଟ କାଠରେ, ଯେ କୌଣସି ମାପ ବଳକା କାଠକୁ ନେଇଥାନ୍ତି ମହାରଣା। ତେବେ ଏହା ନନେବାକୁ ବାରଣ କରି ଶ୍ରୀମନ୍ଦିର ପ୍ରଶାସନ ନୋଟିସ୍ ଜାରି କରିବା ପରେ ବିବାଦ ଦେଖାଦେଇଥିଲା । ଏହା ସମାଧାନ ନହେବା ଯାଏ ରଥ ନିର୍ମାଣ କାର୍ଯ୍ୟ ଚାଲୁ ହେବ ନାହିଁ ବୋଲି ରୋକଠୋକ୍ ଶୁଣାଇ ଥିଲେ। ତେବେ ଶ୍ରୀମନ୍ଦିର ପ୍ରଶାସନ ସହ ତିନି ରଥର ବିଶ୍ୱକର୍ମା ମହାରଣାଙ୍କ ସହିତ ପ୍ରାୟ ଅଧଘଣ୍ଟାଏ ବୈଠକ ପରେ ଆଲୋଚନା ସଫଳ ହୋଇଛି। ମନ୍ଦିର ପ୍ରଶାସନ ବିଶ୍ୱକର୍ମାଙ୍କ ଖେଇକୁ ଅନୁମତି ପ୍ରଦାନ କରିଛି ।

# ଓମଫେଡ୍ ବଦଳରେ ଶ୍ରୀମନ୍ଦିରରୁ ନକଲି ଘିଅ ଜବତ : କଡ଼ା କାର୍ଯ୍ୟାନୁଷ୍ଠାନ

**ପୁରୀ, ୧୭/୦୬ ନ୍ୟୁଜ ବ୍ୟୁରୋ**

ଜଗତର ନାଥ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ପ୍ରତି ଗୋଟିଏ ପରେ ଗୋଟିଏ ଅବହେଳା କରାଯାଉଛି। ତିରୁମଲା ତିରୁପତି ଦେବସ୍ଥାନରେ ଗୋରୁ ଚର୍ବି ଅପମିଶ୍ରିତ ଘିଅରେ ବିଶ୍ୱପ୍ରସିଦ୍ଧ ଲଡ୍ଡୁ ଭୋଗ ନିର୍ମାଣ ହେଉଥିବା ଅଭିଯୋଗ ନେଇ ତୁମ୍ବିତୋଫାନ ହୋଇଥିଲା। ବର୍ତ୍ତମାନ ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ଧାର୍ମିକ ସ୍ଥଳ ପୁରୀ ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅନୁରୂପ ଭାବେ ଅପମିଶ୍ରିତ ଘିଅରେ ଭୋଗ ରନ୍ଧା ଯାଉଥିବା ଜଣାଯାଇଛି। ତିରୁମଲା ତିରୁପତି ଦେବସ୍ଥାନରେ ଅପମିଶ୍ରିତ ଭୋଗ ବିବାଦ ହେବା ପରେ ଶ୍ରୀମନ୍ଦିରରେ ସମସ୍ତ ଭୋଗସାମଗ୍ରୀ ନିମନ୍ତେ କେବଳ ଓମ୍ଫେଡ୍ ଘିଅ ବ୍ୟବହାର କରିବାକୁ କଠୋର ନିର୍ଦ୍ଦେଶ ଦିଆଯାଇଥିଲା। କାଳେ ଏଭଳି ଉତ୍ତମ ଘିଅ ବ୍ୟବହାର ହେଲେ ସୁଆରମାନଙ୍କ ଲାଭ କମିଯିବ ଆଶଙ୍କା କରି ଅବଢ଼ା ସହ ଅନ୍ୟାନ୍ୟ ଭୋଗସାମଗ୍ରୀର ଦର ମଧ ବଢ଼ାଯାଇଥିଲା। କିନ୍ତୁ ଭକ୍ତ ଓ ଭଗବାନଙ୍କ ବିଶ୍ୱାସରେ ବିଷ ଦେଇ ନକଲି ଘିଅରେ ମହାପ୍ରଭୁଙ୍କ ଭୋଗ ରନ୍ଧା ଯାଉଛି। ମଙ୍ଗଳବାର ରାତିରେ ମହାପ୍ରଭୁଙ୍କ ରୋଷଘରକୁ ଘିଅ ଯାଉଥିବା ବେଳେ ୩୦ଟିଣ ନକଲି ଘିଅ ଜବତ ହୋଇଥିଲା। ଏହାପରେ ଏହି ଅନୀତି କଥା ପଦାରେ ପଡ଼ିଥିଲା। ସୂଚନାରୁ ଜଣାଯାଇଛି ଯେ, ସୁରକ୍ଷାକର୍ମୀମାନଙ୍କର ସନ୍ଦେହ ହେବାରୁ ସେମାନେ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଏହି ଘିଅ 'ବନସ୍ପତି'ର ଥିବା ଜଣାପଡ଼ିଥିଲା। ପରେ ଶ୍ରୀମନ୍ଦିର ପ୍ରଶାସନ ଏହି ସମସ୍ତ ଘିଅକୁ ଜବତ କରିଛି। ତେବେ ସେବାୟତଙ୍କ ଚାପରେ ଶ୍ରୀମନ୍ଦିର ପ୍ରଶାସନ ଓ ପୁଲିସ ମୁହଁମାଡ଼ି ଚୁପ ବସିଥିବା ଅଭିଯୋଗ ହୋଇଛି। ଖବରନେବାରୁ ଜଣାଯାଇଛି, ଆଗକୁ ରଥଯାତ୍ରା ଅଛି। ଏଣୁ ସୁଆରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲେ ସୁଆରମାନେ ବିରୋଧ କରିବେ ଓ ରଥଯାତ୍ରା ପରିଚାଳନାରେ ସମସ୍ୟା ସୃଷ୍ଟିହେବା ଆଶଙ୍କା ରହିଛି। ଏଣୁ ସେହି ଭୟରେ ଶ୍ରୀମନ୍ଦିର ପ୍ରଶାସନ ଅଭିଯୁକ୍ତଙ୍କ ନାଁ କହିନାହିଁ। ଶ୍ରୀମନ୍ଦିର ପ୍ରଶାସକ (ନୀତି) ପ୍ରିୟରଞ୍ଜନ ପୃଷ୍ଟି କହିଛନ୍ତି, ଓମ୍ଫେଡ୍ ବ୍ୟତୀତ ଅନ୍ୟ କୌଣସି ଘିଅ ବ୍ୟବହାର ହେବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ଏହି ଘିଅ କିଏ ଆଣିଥିଲା ସେ ନେଇ ତଦନ୍ତ ଚାଲିଛି। ତିରୁପତି ଲଡ୍ଡୁରେ ଚର୍ବି ଥିବା ନେଇ ବିବାଦ ହେବା ପରେ ପରେ ଶ୍ରୀମନ୍ଦିରରେ ଶୁଦ୍ଧ ଓମ୍ଫେଡ୍ ଘିଅ ଯୋଗାଇବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଚିଠି ଲେଖିଥିଲେ। ଦୈନିକ ମହାପ୍ରଭୁଙ୍କ କୋଠ ଭୋଗ, ବରାଦି ଅବଢ଼ା ଓ ଦିପ ପାଇଁ ଆବଶ୍ୟକ ହେଉଥିବା ଘିଅ ଯୋଗାଇବାକୁ ଓମ୍ଫେଡ୍ ପକ୍ଷରୁ ସର୍ଭେ ହେବା ସହ ଯୋଗାଣ ଆରମ୍ଭ ହୋଇଥିଲା। ଓମ୍ଫେଡ୍ ଘିଅ ଅନ୍ୟ ଶସ୍ତା ଘିଅଠାରୁ ଅଧିକ ଦର ବୋଲି କହି ସୁଆରମାନେ ଅବଢ଼ା ସହ ଶୁଖିଲା ଭୋଗର ଦର ମଧ ବଢ଼ାଇ ଦେଇଥିଲେ।

# ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ପ୍ରସ୍ତୁତି : ଆକାଶରୁ ଫୁଲବର୍ଷା କରିବ ଡ୍ରୋନ୍



**ଭୁବନେଶ୍ୱର, ୧୭/୬**
**ନ୍ୟୁଜ ବ୍ୟୁରୋ**

ପରମ୍ପରା ଅନୁସାରେ ଚଳିତ ବର୍ଷ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଶୀତଳଷଷ୍ଠୀ ପର୍ବ ବିଧିବିଧାନ ଅନୁସାରେ ଅନୁଷ୍ଠିତ ହେବ। କିନ୍ତୁ ଏଥର ନବଦମ୍ପତିଙ୍କ ଶୋଭାଯାତ୍ରାର ଶୋଭା ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ ହେବ। ନବଦମ୍ପତିଙ୍କ ଶୋଭାଯାତ୍ରାରେ ସେଣ୍ଟ୍ରାଲ୍ ରିଜର୍ଭ ପୁଲିସ ଫୋର୍ସ (ସିଆରପିଏଫ୍) ବ୍ୟାଣ୍ଡ୍ ବାଜିବ ଏବଂ ଡ୍ରୋନ୍ ଦ୍ୱାରା ଆକାଶରୁ ଫୁଲ ବର୍ଷା କରାଯିବ। ସେହିଭଳି ଶୋଭାଯାତ୍ରାରେ ବହୁ ପ୍ରକାର ପାରମ୍ପରିକ ଲୋକ ନୃତ୍ୟ ଓ ଲୋକ କଳା ପ୍ରଦର୍ଶିତ ହେବ ବୋଲି ଶୀତଳଷଷ୍ଠୀ କମିଟି ସୂଚନା ଦେଇଛି।

ବୁଧବାର ଶୀତଳଷଷ୍ଠୀ କମିଟି ପକ୍ଷରୁ କେଦାରଗୌରୀ ଗୁଆଝରଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କର୍ମକର୍ତ୍ତାମାନେ ସୂଚନା ଦେଇ କହିଥିଲେ ଯେ କେଦାରଗୌରୀ ମନ୍ଦିରରୁ ନବଦମ୍ପତିଙ୍କୁ ବିଶାଳ ଶୋଭାଯାତ୍ରାରେ ନିଆଯିବ। ଏହି ଶୋଭାଯାତ୍ରା ଗୋସାଗରେଶ୍ୱର ଛକ ପାଖ ଶୀତଳଷଷ୍ଠୀ ରୋଡ୍, ତିନିମୁଣ୍ଡିଆ ଛକ, ବଢ଼େଇବାଙ୍କ ଛକ, ମହାଖେଳା ଛକ ଦେଇ ନଗର ପରିକ୍ରମା କରିବେ। ସିଆରପିଏଫ୍ ବ୍ୟାଣ୍ଡ ବାଜୁଥିବା ବେଳେ ଆକାଶରୁ ଡ୍ରୋନ୍ ଫୁଲବର୍ଷା କରିବ। ଏଥର ବାହାର ରାଜ୍ୟର ପାରମ୍ପରିକ ନୃତ୍ୟ ଦଳ ଆସିବେ।

ପୂର୍ବ ଭଳି ପାରମ୍ପରିକ ଘଣ୍ଟ ବାଦ୍ୟ, ସମ୍ବଲପୁରୀ ବାଦ୍ୟ, ପଶୁମୁଖା ନୃତ୍ୟ, ଆଦିବାସୀଙ୍କ ଢେମ୍ସା, ଘୁମୁରା, ଶବରଶବରୁଣୀ, ଡାକାନୃତ୍ୟ, ରଣପା, ଦୁଲ୍‌ଦୁଲି, ମେଢ଼ନାଚ, ଘୋଡ଼ାନାଚ, ପୁରୁଲିଆ ଛଉ, ଦେବଦେବୀ ବେଶ, ବନାଟିଖେଳ ଆଦି ଶୋଭାଯାତ୍ରାରେ ଯୋଡ଼ି ହେବେ। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ବାବୁ ସିଂ, କମିଟି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ସନତ ମିଶ୍ର, ଉପସଭାପତି ବିଷ୍ଣୁପ୍ରସାଦ ପଣ୍ଡା, ଅର୍ଥ ସମ୍ପାଦକ ତଥା ବ୍ରାହ୍ମଣ ନିଯୋଗ ସଭାପତି ନାରାୟଣ ମହାପାତ୍ର, ବ୍ରାହ୍ମଣ ନିଯୋଗ ସମ୍ପାଦକ ହେମାଦ୍ରି ମହାପାତ୍ର, ସଂଗ୍ରାମ ପାଇକରାୟ, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, ପୃଥିବୀକାନ୍ତ ମହାପାତ୍ର, ଅଶୋକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସିଙ୍ଗାପୁର ହାଇକମିଶନର

# ଓଡ଼ିଶା-ସିଙ୍ଗାପୁର ସହଭାଗିତା ହେବ ଅଧିକ ସୁଦୃଢ଼

**ଭୁବନେଶ୍ୱର ,୧୭/୬**
**ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ବୁଧବାର ଭାରତରେ ଅବସ୍ଥାପିତ ସିଙ୍ଗାପୁରର ହାଇକମିଶନର ସାଇମନ୍ ୱଙ୍ଗଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଦ୍ୱିପାକ୍ଷିକ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ବୈଠକ ଦ୍ୱାରା ଉଭୟ ଦେଶ ମଧ୍ୟରେ ଥିବା ବାଣିଜ୍ୟିକ ଓ ବୈଷୟିକ ସମ୍ଭାବନାକୁ ବାସ୍ତବ ରୂପ ଦେବା ଦିଗରେ ଏକ ଦୃଢ଼ ପଦକ୍ଷେପ ନିଆଯାଇଛି। ଏହି ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସିଙ୍ଗାପୁରର ସହରୀ ଯୋଜନା, ସ୍ୱଚ୍ଛ ଶକ୍ତି, ବନ୍ଦର ପରିଚାଳନା, ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଥିବା ଦକ୍ଷତା ଓଡ଼ିଶାର ବିକାଶମୂଳକ ଲକ୍ଷ୍ୟ ହାସଲ ଦିଗରେ ଖୁବ୍ ସହାୟକ ହେବ। ବିଗତ କିଛି ବର୍ଷ



ମଧ୍ୟରେ ଓଡ଼ିଶା ଅଭିବୃଦ୍ଧିର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି । 'ସମୃଦ୍ଧ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ହାସଲ ଦିଗରେ ସିଙ୍ଗାପୁର ଏକ ସ୍ୱାଭାବିକ ପାର୍ଟନର୍ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ବୈଠକରେ କହିଛନ୍ତି । ଓଡ଼ିଶାର ସମୃଦ୍ଧ ପୁଞ୍ଜିନିବେଶ ଅନୁକୂଳ ପରିବେଶ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ସିଙ୍ଗାପୁର ନିବେଶକମାନଙ୍କୁ ସମ୍ପୂର୍ଣ୍ଣ ସହାୟତା, ସିଙ୍ଗଲ୍-ୱିଣ୍ଡୋ ବ୍ୟବସ୍ଥା ଏବଂ ନିବେଶ ପ୍ରସ୍ତାବ ଉପରେ ତୁରନ୍ତ ନିଷ୍ପତ୍ତି ଗ୍ରହଣର ପ୍ରତିଶ୍ରୁତି ଦେଇଥିଲେ। ଜାନୁଆରୀ ୨୦୨୫ରେ ସିଙ୍ଗାପୁରର ରାଷ୍ଟ୍ରପତି ଡକ୍ଟର ଥରମାନ ସନମୁଗରତ୍ନମଙ୍କ ଓଡ଼ିଶା ଗସ୍ତ ବିଷୟରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଗସ୍ତ ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ସହଯୋଗକୁ ସୁଦୃଢ଼ କରିଥିଲା । ଏହି ସମୟରେ ରାଜ୍ୟର ୫ଟି ପ୍ରମୁଖ ବିଭାଗ ମଧ୍ୟରେ ୮ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହି ୮ଟି ଏମଓୟୁର ଅଗ୍ରଗତିକୁ ତୁରନ୍ତ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇ ଓଡ଼ିଶାରେ ସିଙ୍ଗାପୁର'ର ନିବେଶ ତଥା ବିଭିନ୍ନ ପାର୍ଟନରସିପ୍'ର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଏକ ସୁ-ବ୍ୟବସ୍ଥିତ ମେକାନିଜିମ୍ ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ । ଏଥିସହିତ ସେ ଗ୍ରୀନ୍ ଏନର୍ଜି, ସହରୀ ବିକାଶ ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ସିଙ୍ଗାପୁରର ବ୍ୟବସାୟିକ ପ୍ରତିନିଧି ଦଳକୁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ । ଓଡ଼ିଶାରେ ହୋଇଥିବା 'ବ୍ଲାକ୍ ସ୍ୱାନ୍ ସମିଟ୍' ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଓଡ଼ିଶାର ଯୁବବର୍ଗଙ୍କୁ ଫିନ୍‌ଟେକ୍ ଓ ଇନ୍‌ସିଓରଟେକ୍ କ୍ଷେତ୍ରରେ ଦକ୍ଷ କରିବା ପାଇଁ ପଦକ୍ଷେପ ନିଆଯାଇଛି। ସିଙ୍ଗାପୁର'ର ସହଯୋଗରେ ଓଡ଼ିଶାରେ ଫିନ୍‌ଟେକ୍ ଓ ଇନ୍‌ସିଓରଟେକ୍ କ୍ଷେତ୍ରରେ ଉଦ୍ୟମକୁ ଆହୁରି ସୁଦୃଢ଼ କରାଯିବ ବୋଲି ସେ କହିଥିଲେ । ଭାରତରେ ଅବସ୍ଥାପିତ ସିଙ୍ଗାପୁରର ହାଇକମିଶନର ସାଇମନ ୱଙ୍ଗ ଓଡ଼ିଶା ସରକାରଙ୍କ ଦୁଇ ବର୍ଷର ସଫଳ କାର୍ଯ୍ୟକାଳ ପୂରଣ ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଓଡ଼ିଶାର ବିକାଶ ପ୍ରକ୍ରିୟାରେ ସିଙ୍ଗାପୁର ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେବା ସହ ଆଗାମୀ ଦିନରେ ରାଜ୍ୟର ପ୍ରଗତି ଏବଂ ଅଭିବୃଦ୍ଧି ଯାତ୍ରାରେ ସେମାନେ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଶ୍ରୀ ୱଙ୍ଗ ପ୍ରକାଶ କରିଛନ୍ତି । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ଥିଲେ । ସିଙ୍ଗାପୁର ପକ୍ଷରୁ ହାଇକମିଶନରଙ୍କ ସହ ମୁମ୍ବାଇର କନସୁଲ୍-ଜେନେରାଲ୍ ଚଙ୍ଗ୍ ମିଙ୍ଗ୍ ଫୁଙ୍ଗ୍ ଏବଂ ହାଇକମିଶନର କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ରାଷ୍ଟ୍ରପତି ଭବନରେ ରଜ ମଉଜ, ଦୋଳି ସାଙ୍ଗକୁ ଜମିଲା ପାରମ୍ପରିକ ଖାଦ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ, ୧୭/୦୬**

ରାଷ୍ଟ୍ରପତି ଭବନରେ ରଜ ମହୋତ୍ସବର ଶେଷଦିନରେ ଭବ୍ୟ ଝଲକ ଦେଖିବାକୁ ମିଳିଛି । ରଜର ପାରମ୍ପରିକ ଗୀତ 'ବରଷକେ ଥରେ ଆସିଛି ରଜ ଲୋ, ଆସ ହେବା ସଜବାଜ' ଦର୍ଶକଙ୍କୁ ବିଶେଷକରି ରାଜଧାନୀ ଦିଲ୍ଲୀରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆମାନଙ୍କୁ ଓଡ଼ିଶା ମାଟିର ମହକ ଓ ପିଲାଦିନର ଅନୁଭୂତି ଦେଇଥିଲା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର ସର୍ବୋଚ୍ଚ ପଦରେ ଆସୀନ ହେବାପରେ ରାଷ୍ଟ୍ରପତି




ଭବନରେ ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀ ପାଳିତ ହୋଇଆସୁଛି। ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ରାଜ୍ୟ ବାହାରେ ଲୋକପ୍ରିୟ କରାଇବାରେ ତାଙ୍କର ବିଶେଷ ଭୂମିକା ରହିଛି । ରାଷ୍ଟ୍ରପତି ଭବନ କଲ୍‌ଚରାଲ ସେଣ୍ଟରଠାରେ ରଜ ମହୋତ୍ସବ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ରାଷ୍ଟ୍ରପତି ତାଙ୍କ ପରିବାରବର୍ଗଙ୍କ ସହ ଉପସ୍ଥିତ ରହି ମହୋତ୍ସବର ଆନନ୍ଦ ନେଇଥିଲେ । ତାଙ୍କ ଦୁଇ ନାତୁଣୀ ମଧ ଏଥିରେ ସାମିଲ ହୋଇ ନୃତ୍ୟ କରିଥିଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶା ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ତାଙ୍କ ପତ୍ନୀ ଓ ପରିବାର ସଦସ୍ୟ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ ମିଶ୍ର ଓ ଶକ୍ତିକାନ୍ତ ଦାସ, ସାଂସଦ ସମ୍ବିତ ପାତ୍ର, ଅପରାଜିତା ଷଡ଼ଙ୍ଗୀ ଓ ବିଭୁ ପ୍ରସାଦ ତରାଇ ପ୍ରମୁଖ ଯୋଗ ଦେଇଥିଲେ । ଓଡ଼ିଶାର ଅନେକ ବିଶିଷ୍ଟ ବ୍ୟକ୍ତି, ବରିଷ୍ଠ ଅଧିକାରୀ ଏବଂ ଚିତ୍ରଶିଳ୍ପୀ ଯତୀନ ଦାସ, ହୋଜଖାସ ଜଗନ୍ନାଥ ମନ୍ଦିରର ସମ୍ପାଦକ ରବି ପ୍ରଧାନ, ନଏଡା ଜଗନ୍ନାଥ ମନ୍ଦିରର ସମ୍ପାଦକ ମନୋରଞ୍ଜନ ମହାନ୍ତି ଓ ତ୍ୟାଗରାଜନଗର ଜଗନ୍ନାଥ ମନ୍ଦିରର ସାଧାରଣ ସମ୍ପାଦକ କାମଦେବ ବିଶ୍ୱାଳ ମଧ ଉପସ୍ଥିତ ଥିଲେ । ନିଜେ ରାଷ୍ଟ୍ରପତି ତାଙ୍କ ପରିବାର ସଦସ୍ୟ ଓ ଅନ୍ୟ ପ୍ରବାସୀ ଓଡ଼ିଆମାନେ ରଜ ଦୋଳିରେ ଝୁଲିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ଓ ଅନ୍ୟ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ସାକ୍ଷୀଗୋପାଳ କଳାକାରମାନଙ୍କ ଦ୍ୱାରା ଲୋକପ୍ରିୟ 'ଆହେ ନୀଳ ଶୈଳ' ଗୀତ ଦର୍ଶକଙ୍କ ମନ ମୋହିଥିଲା। ମୟୂରଭଞ୍ଜର ସାନ୍ତାଳୀ ନୃତ୍ୟ, ସମ୍ବଲପୁରର ଡାଲଖାଇ ଓ ଜାମୁଡାଳି ନୃତ୍ୟ, ମୟୂରଭଞ୍ଜର ଶିବ ଚରଣ ମହନ୍ତଙ୍କ ଆଦିବାସୀ ସଙ୍ଗୀତ ଓ ସାକ୍ଷୀଗୋପାଳର ଅନ୍ୟ କଳାକାରଙ୍କ 'ରଜ ଗୀତ' ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ମଧ ରାଷ୍ଟ୍ରପତିଙ୍କ ପକ୍ଷରୁ ଆୟୋଜନ କରାଯାଇଥିଲା । ପୋଡପିଠା, ସୁଜି କାକରା, ଛେନାପୋଡ, ଦହିବରା, ବରା ଓ ଘୁଗୁନି ଥିଲା ମୁଖ୍ୟ ଆକର୍ଷଣ । ଏଥିସହ ସମସ୍ତେ ବେଲପଣା ଓ ରଜପାଳନର ମଜା ଉଠାଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୭/୦୬/୨୦୨୬
୫,୯୩,୪୩୯/- ଟଙ୍କା
ସୁନା:- ୦୦ ଗ୍ରାମ୍ ୨୦୦ ମିଲିଗ୍ରାମ
ରୂପା:- ୧୯ଗ୍ରାମ୍ ୦୦୦ ମିଲିଗ୍ରାମ

# ରାୟଗଡ଼ାରେ ରିପିଟ୍ ହେଲା ବାଲିଅନ୍ତା ବର୍ବରତା : ଯୁବତୀଙ୍କୁ ଉଲଗ୍ନ କରି ପିଟିଲେ

**ରାୟଗଡ଼ା, ୧୭/୦୬**
**ନ୍ୟୁଜ ବ୍ୟୁରୋ**

ରାୟଗଡ଼ାରେ ରିପିଟ୍ ହୋଇଛି ବାଲିଅନ୍ତା ବର୍ବରତା । ଭିଡ଼ ହିଂସାର ଶିକାର ହୋଇଛନ୍ତି ଜଣେ ଯୁବତୀ । କେବଳ ଗୋଟେ ସନ୍ଦେହକୁ ନେଇ ତାଙ୍କ ଉପରେ ହୋଇଛି ମରଣାନ୍ତକ ଆକ୍ରମଣ । ସର୍ବ ସମ୍ମୁଖରେ ତାଙ୍କୁ ବିବସ୍ତ୍ର କରି ମାଡ଼ ମରାଯାଇଛି । ସବୁ ସୀମା ଟପିଛି, ଜଣେ ଯୁବତୀଙ୍କ ପ୍ରତି, ଜଣେ ମହିଳାଙ୍କ ପ୍ରତି ଏଭଳି ଅମାନୁଷିକ କାଣ୍ଡ । ସୂଚନା ଯୋଗ୍ୟ ଯେ, ମଙ୍ଗଳବାର ରାତି ପ୍ରାୟ ୮ଟା ହେବ, କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଅଞ୍ଚଳର ଏକ ଏନଜିଓରେ କାମ କରୁଥିବା ଦିଲ୍ଲୀ ଆଜାଦପୁରର ଯୁବତୀ ଓ ତାଙ୍କ ସହକର୍ମୀ ତଥା ସୁରତ ଅଞ୍ଚଳର ଜଣେ ଯୁବକ କୌଣସି କାମରେ ସ୍କୁଟରରେ କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଯାଉଥିଲେ । ଗୁଗଲ ମ୍ୟାପ୍ ଦେଖି ସେମାନେ ଯାଉଥିବା ବେଳେ ଭୁଲରେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକକୁ ପସିଯାଇଥିଲେ। ସେମାନେ ହିନ୍ଦିରେ କଥା ହେଉଥିବାର ଦେଖି କିଛି ଲୋକ ସନ୍ଦେହରେ ସେମାନଙ୍କୁ ପିଲା ଚୋର ଭାବି ଗୋଡ଼ାଇଥିଲେ। ପ୍ରାୟ ୧୨ କିଲୋମିଟର ଗୋଡ଼ାଇବା ପରେ କଲ୍ୟାଣସିଂହପୁର ସାଇରାମନଗରରେ ସେମାନଙ୍କୁ ଘେରି ଯାଇଥିଲେ ଶତାଧିକ ଲୋକ। ଆଉ ଲୋକଙ୍କ ଭିଡ଼ ଭିତରୁ କିଛି ଲୋକ ଉଭୟଙ୍କ ଉପରେ ଆରମ୍ଭ କରିଦେଇଥିଲେ ଆକ୍ରମଣ। ଏମିତିକି ଯୁବତୀଙ୍କୁ ମାଡ଼ ମାରିବା ସହ ପୋଷାକ ଚିରି ବିବସ୍ତ୍ର କରିଦେଇଥିଲେ । କିଛି ଲୋକ ସଂପୃକ୍ତ ଯୁବତୀ ଓ ଯୁବକଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରୁଥିଲେ ମଧ ପାରିନଥିଲେ ।

ଘଟଣାସ୍ଥଳରେ ପୋଲିସ ପହଞ୍ଚି ବହୁ କଷ୍ଟରେ ଉତ୍ୟକ୍ତ ଲୋକଙ୍କ କବଳରୁ ଆହତ ଯୁବକ-ଯୁବତୀଙ୍କୁ ଉଦ୍ଧାର କରି କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ଏହା ପରେ ବି ଡାକ୍ତରଖାନାରେ ପହଞ୍ଚି ଭଙ୍ଗାରୁଜା କରିଥିଲେ କିଛି ଲୋକ। ଫଳରେ ଡାକ୍ତରଖାନାରେ ଏକ ପ୍ରକାର ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା । ପରେ ରାୟଗଡ଼ା ଏସପି ଓ ଏସ୍‌ଡିପିଓ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ । ଏହି ଘଟଣାରେ ତିନି ତିନିଟି ମାମଲା ରୁଜୁ ହୋଇଛି। ପ୍ରଥମତଃ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିବା ବେଳେ ଭଙ୍ଗାରୁଜାକୁ ନେଇ ଡାକ୍ତରଖାନା ପକ୍ଷରୁ ଏକ ମାମଲା ହୋଇଛି । ସେହିଭଳି ପୋଲିସ କର୍ମୀଙ୍କୁ ଠେଲାପେଲା, ଧକ୍କା ମୁଖି ମାରିବା ନେଇ ମଧ ଏକ ମାମଲା ହୋଇଛି । ଘଟଣାରେ ତଦନ୍ତ ଚାଲିଥିବା ବେଳେ ଖୁବ୍‌ଶୀଘ୍ର ଦୋଷୀଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି ରାୟଗଡ଼ା ଏସପି । ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବର୍ବରତା ପରେ ରାୟଗଡ଼ାରେ ମଧ ଦେଖିବାକୁ ମିଳିଛି ସମାନ ଘଟଣା । କେବଳ ଗୋଟେ ସନ୍ଦେହରେ ଜଣେ ଯୁବତୀଙ୍କୁ ଯେଉଁଭଳି ଭାବେ ଭିଡ଼ ଭିତରେ ଆକ୍ରମଣ ଓ ଅତ୍ୟାଚାର କରାଯାଇଛି ତାକୁ କେବେ ବି ଗ୍ରହଣ କରିପାରିବନି ସଭ୍ୟ ସମାଜ । ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ସାଧାରଣରେ ଦାବି ହୋଇଛି।



ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol -10 • Issue-50 • 17-23th June 2026 • Bhubaneswar
ଜାତୀୟ ଓ ରାଜ୍ୟ ରାଜପଥରେ ୩ ବର୍ଷରେ ୧୬୦୧ ଲୋକ, ୨୪୨ ପଶୁଙ୍କ ଯାଇଛି ଜୀବନ
ବୟସ୍କଙ୍କ ନିଃସଙ୍ଗତାର ସାଥୀ ଏଆଇ କମ୍ପେନିଅନ୍

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ହୀରାକୁଦ ଆର୍ଦ୍ରଭୂମିରେ ଗ୍ରୀଷ୍ମକାଳୀନ ପକ୍ଷୀ ପ୍ରଜନନରେ ଉଲ୍ଲେଖନୀୟ ରେକର୍ଡ

**ସମ୍ବଲପୁର, ୧୭/୦୬**
**ନ୍ୟୁଜ ବ୍ୟୁରୋ**

ହୀରାକୁଦ ଆର୍ଦ୍ରଭୂମିରେ ବୃଦ୍ଧି ପାଇଛି ପକ୍ଷୀମାନଙ୍କ ଗ୍ରୀଷ୍ମକାଳୀନ ବସା । ଗତ ୨୦୨୫ ମସିହା ମେ' ମାସରେ ରାମସାର ସାଇଟ୍ ହୀରାକୁଦ ଆର୍ଦ୍ରଭୂମିରେ ପକ୍ଷୀମାନଙ୍କର ଗ୍ରୀଷ୍ମକାଳୀନ ବସା ସ୍ଥାପନ ପ୍ରଥମ ଥର ପାଇଁ ବ୍ୟବସ୍ଥିତ ଭାବରେ ସର୍ଭେ କରାଯାଇଥିଲା । ୨୦୨୬ ଜୁନ୍ ମାସରେ ପୁନର୍ବାର ଏହାର ମୂଲ୍ୟାଙ୍କନ କରାଯାଇଛି । କିଛି ଶୀତକାଳୀନ ପ୍ରବାସୀ ପ୍ରଜାତି ସେମାନଙ୍କର ସାଧାରଣ ପ୍ରତ୍ୟାବର୍ତ୍ତନ କରିବା ପରିବର୍ତ୍ତେ ଗ୍ରୀଷ୍ମ ମାସଗୁଡ଼ିକରେ ଆର୍ଦ୍ରଭୂମିରେ ରହିଆସିଛନ୍ତି। ଯାହା ଫଳରେ ଏହି ସମଗ୍ର ଅଞ୍ଚଳରେ ପ୍ରଜନନ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି ।

ଏନେଇ ହୀରାକୁଦ ବନ୍ୟପ୍ରାଣୀ ଡ଼ିଏଫଓ ଅଂଶୁପ୍ରଜ୍ଞା ଦାସ କହିଛନ୍ତି ଯେ "୨୦୨୬ ମସିହାରେ ହୀରାକୁଦ ଆର୍ଦ୍ରଭୂମି ଏବଂ ସଂଲଗ୍ନ ପକ୍ଷୀ ବାସସ୍ଥାନରେ ଗ୍ରୀଷ୍ମକାଳୀନ ପକ୍ଷୀ ପ୍ରଜନନରେ ଏକ ଉଲ୍ଲେଖନୀୟ ଉନ୍ନତି ଦେଖାଯାଇଛି। ୨୦୨୫ ମସିହା ଗ୍ରୀଷ୍ମ ଋତୁରେ ୧୦ ପ୍ରଜାତି ତୁଳନାରେ ଏହି ବର୍ଷ ମୋଟ ୧୯ ପ୍ରଜାତିର ପକ୍ଷୀଙ୍କ ବସା ସ୍ଥାପନ ହୋଇଥିବା ରେକର୍ଡ କରାଯାଇଛି। ବସା ସ୍ଥାପନର ସ୍ଥାନରେ ମଧ ବିସ୍ତାର



ଦେଖାଯାଇଛି । ୨୦୨୬ ମସିହାରେ ହୀରାକୁଦ ଜଳଭଣ୍ଡାର ର ୨୮ ଟି ଦ୍ୱୀପରେ ପ୍ରଜନନ ଉପନିବେଶ ଦେଖିବାକୁ ମିଳିଛି ଯାହା ୨୦୨୫ ମସିହାରେ ୨୬ ଟି ଦ୍ୱୀପ ଥିଲା। ଦୁଇଟି ଅତିରିକ୍ତ ଦ୍ୱୀପ, ଟୁପା ଡୁଙ୍ଗ୍ରି ଏବଂ ଭାଲୁ ଡୁଙ୍ଗୁରି ପ୍ରଥମ ଥର ପାଇଁ ବସା ସ୍ଥାପନ ରେକର୍ଡ କରାଯାଇଛି"। ପ୍ରଜନନ ଋତୁରେ ସଂରକ୍ଷଣ ପ୍ରୟାସରେ ବସା ସ୍ଥାପନ ସ୍ଥାନ ଏବଂ ପକ୍ଷୀ ଶାବକଙ୍କ ସଫଳ ପାଳନ ପାଇଁ ଆବଶ୍ୟକ ପରିବେଶଗତ ପରିସ୍ଥିତି, ଉଭୟଙ୍କ ସୁରକ୍ଷା ଉପରେ ଧ୍ୟାନ ଦିଆଯାଇଛି। ଜଳ ଭଣ୍ଡାର କଡ଼, ଘାସ, ବୁଦା ଏବଂ ଗଛ ସହିତ ପ୍ରାକୃତିକ ବସା ସ୍ଥାପନ ସ୍ଥାନକୁ ସୁରକ୍ଷିତ ରଖାଯାଇଛି । ପ୍ରଜନନ ଋତୁରେ ଗଛ ଲତା କାଟିବା ଭଳି ବିଶୃଙ୍ଖଳା ସୃଷ୍ଟିକାରୀ କାର୍ଯ୍ୟକଳାପକୁ ବନ୍ଦ କରାଯାଇଛି । ପ୍ରଜନନ ଜଳପକ୍ଷୀମାନଙ୍କ ଦ୍ୱାରା ପସନ୍ଦ କରାଯାଉଥିବା ପ୍ରାକୃତିକ ଦ୍ୱୀପପୁଞ୍ଜ ଏବଂ ଅଗଭୀର ଜଳାଭୂମିକୁ ସୁରକ୍ଷିତ ଭାବେ ସଂରକ୍ଷଣ କରି ରଖାଯାଇଛି। କୂଳରେ ବିଶେଷକରି ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟର ଉଭୟ ପ୍ରାନ୍ତରେ ଅବସ୍ଥିତ ଗ୍ରାମଗୁଡ଼ିକରେ, ବୟସ୍କ ପକ୍ଷୀ ଏବଂ ପକ୍ଷୀ ଛୁଆଙ୍କ ପାଇଁ ଖାଦ୍ୟ କ୍ଷେତ୍ର ଯୋଗାଇବା ପାଇଁ ପ୍ରାକୃତିକ ପୁଷ୍କରିଣୀ ଓ ଅନୁସଙ୍ଗିକ ବ୍ୟବସ୍ଥା କରାଯାଇଛି । ଚିହ୍ନଟ ହୋଇଥିବା ପକ୍ଷୀ ପ୍ରଜନନ ଅଞ୍ଚଳ ମଧ୍ୟରେ ଏବଂ ଚାରିପାଖରେ ମାଛ ଧରିବା କାର୍ଯ୍ୟକଳାପ, ଡଙ୍ଗା ଚଳାଚଳ ଏବଂ ପଶୁପାଳନ ଚାରଣ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏପ୍ରିଲ ମଧ୍ୟଭାଗରୁ ବସା ତିଆରି ଆରମ୍ଭ ହେବା ପରଠାରୁ, ସମସ୍ତ ୨୮ଟି ବସା ଦ୍ୱୀପ ପାଖରେ ମାଛ ଧରିବା ଉପରେ ପ୍ରତିବନ୍ଧକ ଲଗାଯାଇଛି ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଜନନ ସ୍ଥାନ ପାଖରେ ମତ୍ସ୍ୟଜୀବୀମାନଙ୍କ ପାଇଁ ଋତୁକାଳୀନ 'ନିଷେଧ' ଜୋନ୍ ଏବଂ ପାଟ୍ରୋଲିଂ ଡଙ୍ଗା ପାଇଁ ଋତୁକାଳୀନ 'ପ୍ରବେଶ ନିଷେଧ' ଜୋନ୍ ଲାଗୁ କରାଯାଇଛି।

ଯେତେବେଳେ ଆବଶ୍ୟକ ହେଉଛି ସେତେବେଳେ ବନ୍ୟ କୁକୁରମାନଙ୍କୁ ତଦାରଖ ଏବଂ ପରିଚାଳନା କରାଯାଇଛି। ଆର୍ଦ୍ରଭୂମିର ପ୍ରାକୃତିକ ଉଦ୍ଭିଦ ଗଠନକୁ ପ୍ରତିକୂଳ ଭାବରେ ପ୍ରଭାବିତ କରୁଥିବା ଆକ୍ରମଣାତ୍ମକ ଏବଂ ବିଷାକ୍ତ ଉଦ୍ଭିଦ ପ୍ରଜାତିକୁ ଅପସାରଣ କରିବା ପାଇଁ ମଧ ପ୍ରୟାସ କରାଯାଇଛି। ଗତ ତିନି ବର୍ଷ ମଧ୍ୟରେ ହୀରାକୁଦ ଏବଂ ଡେବ୍ରିଗଡ଼ ଆଖପାଖରେ ଥିବା ୧୦୦ ରୁ ଅଧିକ ଗ୍ରାମକୁ ପ୍ରଦୂଷଣ ରୋକିବା ଏବଂ ଆର୍ଦ୍ରଭୂମି ଇକୋସିଷ୍ଟମରେ ବର୍ଜ୍ୟବସ୍ତୁ ଏବଂ ନର୍ଦ୍ଦମା ନିଷ୍କାସନ ନିଷେଧ ସମ୍ପର୍କରେ ସଚେତନ କରାଯାଇଛି। ଉତ୍ସର୍ଗୀକୃତ 'ଡେବ୍ରିଗଡ଼ ଅଭିନନ୍ଦନକ୍ଷ କାର୍ଯ୍ୟକ୍ରମ ଅଧୀନରେ, ଉତ୍ତମ ପରିମଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ଖୋଲା ମଳତ୍ୟାଗ ଏବଂ ଅଣ-ବିଘଟନଶୀଳ ଆବର୍ଜନା ନିଷ୍କାସନକୁ ନିରୁତ୍ସାହନ କରିବା ପାଇଁ ସମସ୍ତ ଇକୋ-ଡେଭଲପମେଣ୍ଟ କମିଟି ମାଧ୍ୟମରେ ସଚେତନତା ଅଭିଯାନ କରାଯାଇଛି। ହୀରାକୁଦ ସଂଲଗ୍ନ ୨୦ ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଗ୍ରାମକୁ ପର୍ଯ୍ୟାପ୍ତ ଡଷ୍ଟବିନ ଯୋଗାଇ ଦିଆଯାଇଛି। ଜଳର ଗୁଣବତ୍ତା ଉନ୍ନତ ହେବା ଦ୍ୱାରା ଜଳଜ ଜୈବ ବିବିଧତାକୁ ସମର୍ଥନ ମିଳିବ ଏବଂ ମାଛ ଉତ୍ପାଦନ ବୃଦ୍ଧି ହେବ ବୋଲି ମଧ ଆଶା କରାଯାଉଛି। ଦେଶୀ ପ୍ରଜାତିର ମାଛ, ଉଭୟଚର ପ୍ରାଣୀ, କୀଟପତଙ୍ଗ ଏବଂ ଜଳଜ ଉଦ୍ଭିଦ ସଂରକ୍ଷଣ ପାଇଁ ସାରା ବର୍ଷ ପକ୍ଷୀ ବାସସ୍ଥାନ ପରିଚାଳନା କରାଯାଇଛି, ଯାହା ଦ୍ୱାରା ପ୍ରବାସୀ ଏବଂ ବାସିନ୍ଦା ପକ୍ଷୀ ପ୍ରଜାତି ଉଭୟଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ସମ୍ପଦ ସୁନିଶ୍ଚିତ କରିବା ଏବଂ ସଫଳ ପ୍ରଜନନକୁ ପ୍ରୋତ୍ସାହିତ କରିବା ପାଇଁ ସୁବିଧା ହେଉଛି । ବୋଟ୍ ପାଟ୍ରୋଲିଂ ଦଳ ଦ୍ୱାରା ପ୍ରଜନନ କଲୋନୀ ଗୁଡ଼ିକର ରାତିସାରା ତଦାରଖ କରାଯାଉଛି। ନୂତନ ସଫଳତାର ମୂଲ୍ୟାଙ୍କନ ସମେତ ଦ୍ୱୀପପୁଞ୍ଜ ଏବଂ ବସା ସ୍ଥାପନ ସ୍ଥାନଗୁଡ଼ିକର ନିରନ୍ତର ସର୍ଭେ କରାଯାଉଛି। ପ୍ରବାସୀ ଏବଂ ସ୍ଥାନୀୟ ବାସିନ୍ଦା ପ୍ରଜାତି ଉଭୟଙ୍କ ପ୍ରଜନନ ଋତୁ ଏପ୍ରିଲ ମଧ୍ୟଭାଗରେ ଆରମ୍ଭ ହୋଇଥାଏ ଏବଂ ଜୁଲାଇ ଶେଷ ପର୍ଯ୍ୟନ୍ତ ଜାରି ରହିଥାଏ ।

# ୧୯ରେ ପ୍ରକାଶ ପାଇବ ମାଟ୍ରିକ୍ ରିଚେକିଂ ରେଜଲ୍ଟ

**କଟକ, ୧୭/୦୬ ନ୍ୟୁଜ ବ୍ୟୁରୋ**

୨୦୨୬ ମାଟ୍ରିକ୍ ପରୀକ୍ଷା ଫଳ ମୂଲ୍ୟାୟନର ପୁନଃ ଯାଞ୍ଚ (ରିଚେକିଂ) ପାଇଁ ଆବେଦନ କରିଥିବା ପରୀକ୍ଷାର୍ଥୀଙ୍କ ଖାତା ଦେଖା ଶେଷ ହୋଇଛି । ଧାର୍ଯ୍ୟ ସମୟଠାରୁ ଆଗୁଆ ଏହି ପ୍ରକ୍ରିୟା ଶେଷ ହୋଇଥିବାରୁ ଆବେଦନକାରୀ ପରୀକ୍ଷାର୍ଥୀଙ୍କ ଫଳ ଆସନ୍ତା ୧୯ ତାରିଖରେ ବୋର୍ଡ ୱେବ୍‌ସାଇଟ୍‌ରେ ଅପଲୋଡ୍ କରାଯିବ ବୋଲି ସୂଚନା ମିଳିଛି। ମାଟ୍ରିକ୍ ପରୀକ୍ଷା ଫଳକୁ ନେଇ ରାଜ୍ୟରେ ୩ ହଜାର ୩ ଶହରୁ ଅଧିକ ପରୀକ୍ଷାର୍ଥୀ ପୁନଃ ଯାଞ୍ଚ ଲାଗି ବୋର୍ଡ ୱେବ୍‌ସାଇଟ୍‌ରେ ଆବେଦନ କରିଥିଲେ । ଜଣେ ଲେଖାଏଁ ଏକାଧିକ ବିଷୟର ପରୀକ୍ଷା ଖାତା ଯାଞ୍ଚ ପାଇଁ ଆବେଦନ କରିଥିଲେ । ଆବେଦନ ଅନୁସାରେ ୯ ହଜାରରୁ ଅଧିକ ଖାତା ଚେକିଂ ଆଡିସନ୍ ପାଇଁ ବୋର୍ଡ କାର୍ଯ୍ୟାଳୟରେ ଶିକ୍ଷକମାନେ ପୁନଃ ଯାଞ୍ଚ କରିଥିଲେ। ଏଥିରେ ଅଧିକାଂଶ ପରୀକ୍ଷାର୍ଥୀଙ୍କର ମାର୍କ ବଢ଼ିଥିବା ଖବର ମିଳିଛି । ନମ୍ବର ସଂଶୋଧନ କରାଯିବା ସହ ପୁନଃ ସାର୍ଟିଫିକେଟ୍ ପ୍ରସ୍ତୁତ କରାଯିବ । ସମ୍ପୃକ୍ତ ପରୀକ୍ଷାର୍ଥୀମାନେ ସଂଶୋଧିତ ଡିଜିଟାଲ୍ ସାର୍ଟିଫିକେଟ୍ ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରି ପାଇପାରିବେ ବୋଲି କର୍ତ୍ତୃପକ୍ଷ କହିଛନ୍ତି । +୨ ପାଠ୍ୟକ୍ରମ ପଢ଼ିବା ପାଇଁ ଆବେଦନର ଶେଷ ସମୟ ଆସନ୍ତା ୩୦ ତାରିଖ ଧାର୍ଯ୍ୟ ଥିବାରୁ ଏହା ପୂର୍ବରୁ ଚେକିଂ ଆଡିସନ୍‌ରେ ସଂଶୋଧିତ ଫଳ ପ୍ରକାଶ କରାଇବା ଲାଗି ବୋର୍ଡ ନିଷ୍ପତ୍ତି ନେଇଛି ।